

ଯା ଦେବୀ ସର୍ବଭୂତେଷୁ............

ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net

email: pratidhwani.dhwani@gmail.com

ବାଲେଶ୍ୱର ■ ଗୁରୁବାର ୦୬ ଜୁନ୍ ୨୦୨୪ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ THURSDAY 06 June 2024

Vol.No. 35 ■ No.151 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019



ଅସରନ୍ତି ଶୁଭେଚ୍ଛା ସହ...

ସାଗରିକା

ଯୋଗାଯୋଗ କରନ୍ତୁ :
ମୁଖ୍ୟ ସମ୍ପାଦକ ସାଗରିକା
ଜେଲ ରୋଡ, ବାଲେଶ୍ୱର-୭୫୬୦୦୧


# ଜୁନ୍ ୮ରେ ପ୍ରଧାନମନ୍ତ୍ରୀ ଭାବେ ଶପଥ ନେବେ ମୋଦି

## ନୀତୀଶ ଓ ଚନ୍ଦ୍ରବାବୁଙ୍କଠାରୁ ଲିଖିତ ଭାବେ ସମର୍ଥନ ନେଲେ ମୋଦି





ନୂଆଦିଲ୍ଲୀ, ୫/୬ : ଦେଶରେ ଏଥର ମୋଦି-୩.୦ । ପୁଣି ଥରେ ପ୍ରଧାନମନ୍ତ୍ରୀ ହେବେ ନରେନ୍ଦ୍ର ମୋଦି । ସେ ଲଗାତର ତୃତୀୟ ଥର ପାଇଁ ପ୍ରଧାନମନ୍ତ୍ରୀ ହେବାକୁ ଯାଉଛନ୍ତି । ଆସନ୍ତା ଜୁନ୍ ୮ ତାରିଖ ସନ୍ଧ୍ୟାରେ ସେ ପ୍ରଧାନମନ୍ତ୍ରୀ ଭାବେ ଶପଥ ଗ୍ରହଣ କରିବେ ବୋଲି ସୂତ୍ରରୁ ପ୍ରକାଶ ପାଇଛି । ଚଳିତ ନିର୍ବାଚନରେ ମୋଦି ମ୍ୟାଜିକ ସେତେଟା ଭଲ କାମ କରିନଥିଲେ ମଧ୍ୟ ପ୍ରଧାନମନ୍ତ୍ରୀ ମୋଦିଙ୍କ ନେତୃତ୍ୱରେ ଲଗାତାର ତୃତୀୟ ଥର ପାଇଁ ଏନଡିଏ ଦେଶରେ ସରକାର ଗଢିବାକୁ ଯାଉଛି । ଯଦିଓ ଗତ ଦୁଇଟି ନିର୍ବାଚନ ପରି ଏଥର ବିଜେପି ନିଜ ବଳରେ ବହୁମତ ହାସଲ କରିପାରିନାହିଁ କିନ୍ତୁ ଏନଡିଏ ୨୯୦ରୁ ଅଧିକ ଆସନ ହାତେଇବାରେ ସଫଳ ହୋଇଛି । ପ୍ରଧାନମନ୍ତ୍ରୀ ମୋଦି ଏନ୍‌ଡିଏ ୪୦୦ ପାର କରିବ ବୋଲି ନାରା ଦେଇଥିଲେ । ସେହିପରି ବିଜେପି ପାଇଁ ୩୭୦ ଆସନ ଲକ୍ଷ୍ୟ ରଖିଥିଲେ । କିନ୍ତୁ କଂଗ୍ରେସ ନେତୃତ୍ୱାଧୀନ ଇଣ୍ଡିଆ ମେଣ୍ଟ ତାଙ୍କର '୪୦୦ ପାର୍' ସ୍ୱପ୍ନକୁ ଧୂଳିସାତ କରିଦେଇଛି । ୪୦୦ ପାର୍ ଦୂରର କଥା ଏନ୍‌ଡିଏ ଏଥର ୩୦୦ ବି ଛୁଇଁ ପାରି ନାହିଁ । ସେହିପରି ବିଜେପି ପାଇଁ ୩୭୦ ଆସନ ଧାର୍ଯ୍ୟ କରାଯାଇଥିବା ବେଳେ ଏହି ଦଳ ଏବେ ଏକାକୀ ସରକାର ଗଠନ କରିବା ସ୍ଥିତିରେ ନାହିଁ । ସରକାର ଗଠନ ଲାଗି ମ୍ୟାଜିକ୍ ନମ୍ବର ୨୭୨ ରହିଛି । ବିଜେପିକୁ ମାତ୍ର ୨୪୧ଟି ଆସନ ମିଳିଛି । ତେଣୁ ସରକାର ଗଠନ ପାଇଁ ବିଜେପିକୁ ସହଯୋଗୀ ଦଳଙ୍କ ସମର୍ଥନ ଦରକାର ପଡିବ । ଶେଷ

▶▶ପୃଷ୍ଠା ୭

## ୩ରୁ ୪ ଦିନରେ ଓଡ଼ିଶା ଛୁଇଁବ ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁ



ଭୁବନେଶ୍ୱର, ୫/୬ (ନି.ପ୍ର): ଆସନ୍ତା ୩ରୁ ୪ ଦିନ ମଧ୍ୟରେ ଓଡ଼ିଶା ଛୁଇଁବ ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁ । ମୌସୁମୀ ପ୍ରଥମେ ଦକ୍ଷିଣ ଓଡ଼ିଶାରେ ପ୍ରବେଶ କରିବ । ତା'ପରେ ଅନ୍ୟ ଅଞ୍ଚଳ ଗୁଡିକ ସ୍ପର୍ଶ କରିବ । ଓଡ଼ିଶାରେ ମୌସୁମୀ ସ୍ପର୍ଶ ପାଇଁ ବର୍ତ୍ତମାନ ପାଗ ଅନୁକୂଳ ରହିଛି । ଏ ନେଇ ସୂଚନା ଦେଇଛନ୍ତି ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର ନିର୍ଦ୍ଦେଶକ ମନୋରମା ମହାନ୍ତି । ସାଧାରଣତଃ ଜୁନ ଦ୍ୱିତୀୟ ସପ୍ତାହରେ ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁ ଓଡ଼ିଶାରେ ପ୍ରବେଶ କରିଥାଏ । ଚଳିତଥର ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁ ନିର୍ଦ୍ଧାରିତ ସମୟର ପୂର୍ବରୁ ଆଣ୍ଡମାନ ଏବଂ କେରଳ ଛୁଇଁଥିବା ବେଳେ ଓଡ଼ିଶାରେ ଆସନ୍ତା ୩ ରୁ ୪ ଦିନ ମଧ୍ୟରେ ଛୁଇଁବ । ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର ବୁଲେଟିନ୍ ଅନୁସାରେ ଆସନ୍ତାକାଲି ରାଜ୍ୟର କେତେକ ଜିଲ୍ଲାରେ ଗୁଳୁଗୁଳି ଅନୁଭୂତ ହେବ । ଆଉ କିଛି ଜିଲ୍ଲାରେ କାଳବୈଶାଖୀ ହେବାର ସମ୍ଭାବନା ରହିଛି । ଏହାଛଡ଼ା ୭ ଓ ୮ ତାରିଖରେ ନୂଆପଡ଼ା ଓ ବଲାଙ୍ଗିର ଜିଲ୍ଲାରେ କେତେକ ଅଞ୍ଚଳରେ ଗ୍ରୀଷ୍ମ ପ୍ରବାହ ହୋଇପାରେ । ଠିକ୍ ସେହିପରି ୯ ତାରିଖରେ ନୂଆପଡ଼ା, ବଲାଙ୍ଗିର, ବରଗଡ଼ ଓ ଝାରସୁଗୁଡ଼ାର କେତେକ ସ୍ଥାନରେ ଗ୍ରୀଷ୍ମ ପ୍ରବାହ ହେବାର ସମ୍ଭାବନା ରହିଛି । ତାପମାତ୍ରା ୪୨ ଡିଗ୍ରୀରୁ ଅଧିକ ରହିପାରେ ବୋଲି ପାଣିପାଗ କେନ୍ଦ୍ର ପକ୍ଷରୁ ପୂର୍ବାନୁମାନ କରାଯାଇଛି ।

## ପୁଣି କେଜ୍ରିୱାଲଙ୍କୁ ଝଟକା



ନୂଆଦିଲ୍ଲୀ, ୫/୬ : ଦିଲ୍ଲୀର ମଦ ଦୁର୍ନୀତି ମାମଲାରେ ଥରେ କିମ୍ବା ୨ ଥର ନୁହେଁ ୯ ଥର ସମନ ପଠାଇବା ପରେ ହାଜର ନହେବା କାରଣରୁ ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍ରିୱାଲଙ୍କୁ ଇଡି ଗିରଫ କରି କୋର୍ଟ ଚାଲାଣ କରିଥିଲା । ଦିଲ୍ଲୀର ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍ରିୱାଲଙ୍କୁ ରାଉଜ ଏଭିନ୍ୟୁ କୋର୍ଟ ପୁଣି ଏକ ଝଟକା ଦେଇଛି । ସ୍ୱାସ୍ଥ୍ୟଗତ କାରଣ ଦର୍ଶାଇ କେଜ୍ରିୱାଲ କୋର୍ଟରେ ୭ଦିନର ଅନ୍ତରୀଣ ଜାମିନ ଆବେଦନ କରିଥିଲେ । ଏହି ଆବେଦନକୁ କୋର୍ଟ ବୁଧବାର ଖାରଜ କରି ଦେଇଛନ୍ତି । କେଜ୍ରିୱାଲଙ୍କ

▶▶ପୃଷ୍ଠା ୭

## ଇସ୍ତଫା ଦେଲେ ନବୀନ ପଟ୍ଟନାୟକ

### ନବୀନଙ୍କୁ ଭେଟିଲେ ବିଜେଡିର ନବନିର୍ବାଚିତ ବିଧାୟକ, ପାଣ୍ଡିଆନ ଅନୁପସ୍ଥିତ



ଭୁବନେଶ୍ୱର, ୫/୬ (ନି.ପ୍ର): ଚଳିତ ନିର୍ବାଚନର ଫଳାଫଳ ବଦଳାଇ ଦେଇଛି ରାଜ୍ୟ ରାଜନୀତିର ଦୃଶ୍ୟପଟ । ଅପ୍ରତିଦ୍ୱନ୍ଦୀ ନେତା ନବୀନ ପଟ୍ଟନାୟକଙ୍କ ହାତରୁ ଦୀର୍ଘ ଅଢେଇ ଦଶନ୍ଧିର ଶାସନ କ୍ଷମତା ଆଖି ପିଛୁଳାକେ ଖସିଗଲା । ଭୁଶୁଡ଼ିଗଲା ବିଜେଡ଼ି ଦୁର୍ଗ । ଶେଷରେ ଆଜି ଇସ୍ତଫା ଦେଇଛନ୍ତି ୫ ଥରର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ । ନବୀନ ପଟ୍ଟନାୟକ ଆଜି ପୂର୍ବାହ୍ନ ସାଢେ଼ ୧୧ଟାରେ ନବୀନ ନିବାସରୁ ବାହାରି ରାଜଭବନ ଅଭିମୁଖେ ବାହାରିଥିଲେ । ସେଠାରେ ସେ ରାଜଭବନରେ ପହଞ୍ଚି ରାଜ୍ୟପାଳଙ୍କୁ ନିଜ ଇସ୍ତଫାପତ୍ର ପ୍ରଦାନ କରିଛନ୍ତି । ନବୀନ ପଟ୍ଟନାୟକ ରାଜଭବନ ଅଭିମୁଖେ ଯିବା ପୂର୍ବରୁ ବିଜେଡି ସାଂଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସ, ସଞ୍ଜୟ ଦାସବର୍ମା, ଅତନୁ ସବ୍ୟସାଚୀ ନାୟକ, ଦେବୀ ମିଶ୍ର, ଅରୁଣ ସାହୁ ପ୍ରମୁଖ ନବୀନ ନିବାସରେ ପହଞ୍ଚି ତାଙ୍କୁ ସାକ୍ଷାତ କରିଥିବା ଜଣାଯାଇଛି । ତେବେ ବିଜେଡିର ଶୋଚନୀୟ ପରାଜୟ ହେବା ପରଠୁ ଦଳର ଦ୍ୱିତୀୟ କ୍ଷମତା କେନ୍ଦ୍ର କୁହାଯାଉଥିବା ଭି.କେ ପାଣ୍ଡିଆନଙ୍କୁ ଆଉ ଦେଖିବାକୁ ମିଳୁନି । ସବୁବେଳେ ନବୀନଙ୍କ ପାଖେ ପାଖେ ଛାଇ ପରି ରହୁଥିବା ପାଣ୍ଡିଆନ କିନ୍ତୁ ନବୀନ ଇସ୍ତଫା

▶▶ପୃଷ୍ଠା ୭

## ବିଏସକେୱାଇକୁ ନେଇ ଦ୍ୱନ୍ଦ୍ୱ ସୃଷ୍ଟି ନ କରିବାକୁ କହିଲା ବିଜେପି



ଭୁବନେଶ୍ୱର, ୫/୬ (ନି.ପ୍ର): ରାଜ୍ୟରେ ସରକାର ବଦଳୁଥିବା ଦେଖି ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ କାର୍ଡକୁ ଆଉ ଗ୍ରହଣ କରାଯାଉ ନାହିଁ । ନୂଆ ସରକାର ଆସିଥିଲେ ଇଝକଣ କାମ କରିବନି କହି କେଉଁଠି ରୋଗୀଙ୍କୁ ଫେରାଇ ଦିଆଯାଉଛି ତ ଆଉ କେଉଁଠି ନିଜ ଖର୍ଚ୍ଚରେ ଚିକିତ୍ସା ପାଇଁ କୁହାଯାଉଛି । ରାଜ୍ୟର କିଛି ଘରୋଇ ମେଡ଼ିକାଲ୍ ଏବଂ କ୍ଲିନିକ ପକ୍ଷରୁ ରୋଗୀଙ୍କୁ ଫେରାଇ ଦିଆଯାଉଥିବା ଅଭିଯୋଗ ହୋଇଛି । ତେବେ କିଏ ଓ କାହିଁକି ଇଝକଣ ନାଁରେ ଦ୍ୱନ୍ଦ୍ୱ ସୃଷ୍ଟି କରିଛନ୍ତି, ସେନେଇ

▶▶ପୃଷ୍ଠା ୭

## ବିଜୟ ପାଇଁ ସମ୍ବଲପୁରବାସୀଙ୍କୁ ଭିଡିଓ ବାର୍ତ୍ତାରେ ଧନ୍ୟବାଦ ଜଣାଇଲେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ



ଭୁବନେଶ୍ୱର, ୫/୬ (ନି.ପ୍ର): ସମ୍ବଲପୁର ଲୋକସଭା ବିଜୟୀ ପ୍ରାର୍ଥୀ ତଥା କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଆଜି ଭିଡ଼ିଓ ବାର୍ତ୍ତା ଯୋଗେ ବହୁମାତ୍ରାରେ ଭୋଟ୍ ଦେଇ ଆଶୀର୍ବାଦ କରିଥିବାରୁ ଲୋକସଭା ଆସନର ସମସ୍ତ ଜନସାଧାରଣଙ୍କୁ ଧନ୍ୟବାଦ ଜଣାଇଛନ୍ତି । ଶ୍ରୀ ପ୍ରଧାନ କହିଛନ୍ତି ମହାପ୍ରଭୁ ଶ୍ରୀଜଗନ୍ନାଥ, ମା' ସମଲେଇଙ୍କର ଅପାର କରୁଣାରୁ ସମ୍ବଲପୁର ଲୋକସଭା କ୍ଷେତ୍ରର ସବୁ ଗୁରୁଜନ, ମା' ଭଉଣୀ ଏବଂ ଦଦା ଭାଇ ମାନଙ୍କୁ ଶ୍ରଦ୍ଧା ଏବଂ ଆଶୀର୍ବାଦ୍ କାରଣରୁ ଲୋକସଭା ନିର୍ବାଚିତ ହେବାର ସୌଭାଗ୍ୟ ପାଇଛି । ଲୋକମାନେ ଜନପ୍ରିୟ ଯଶସ୍ୱୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ତୃତୀୟ ଥର ପାଇଁ ଭାରତର ପ୍ରଧାନମନ୍ତ୍ରୀ ହେବା ପାଇଁ ଆଶୀର୍ବାଦ ଦେଇଛନ୍ତି । ସେଥିପାଇଁ ଲୋକଙ୍କୁ କୃତଜ୍ଞତା ଜଣାଇଛନ୍ତି କେନ୍ଦ୍ରମନ୍ତ୍ରୀ । ସେ ଆହୁରି କହିଛନ୍ତି ଯେ ସମ୍ବଲପୁର ହେଉଛି ସ୍ୱାଭିମାନ ମାଟି । ସମ୍ବଲପୁରର ମାନ ସମ୍ମାନକୁ ବଢାଇବା ସହ ବିକଶିତ କରିବା । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କର ସଫଳ ନେତୃତ୍ୱରେ ସମ୍ବଲପୁର ବିକଶିତ ହେବ । ସମ୍ବଲପୁର ବିକଶିତ କରିବା କାମ ଆଗକୁ ବଢାଯିବ ।

## ପୁରୀ ବାଣ ବିସ୍ଫୋରଣ ଘଟଣାରେ ଏସଆରସିଙ୍କ ତଦନ୍ତ ଆରମ୍ଭ

ପୁରୀ, ୫/୬ (ନି.ପ୍ର): ପୁରୀ ନରେନ୍ଦ୍ର ପୁଷ୍କରିଣୀ ବାଣ ବିସ୍ଫୋରଣ ଘଟଣାର ଆରମ୍ଭ ହେଲା ତଦନ୍ତ । ଆଜି ପୁରୀ ସର୍କିଟ ହାଉସରେ ସ୍ୱତନ୍ତ୍ର ରିଲିଫ କମିଶନର ଘଟଣାର ତଦନ୍ତ ଆରମ୍ଭ କରିଛନ୍ତି । ଅପରାହ୍ନ ୩ଟାରୁ ତଦନ୍ତ ପ୍ରକ୍ରିୟା ଆରମ୍ଭ ହୋଇଥିବା ବେଳେ ଏହା ସନ୍ଧ୍ୟା ୭ ଟା ଯାଏଁ ଚାଲିବ ବୋଲି ସୂଚନା ମିଳିଛି । ବାଣ ବିସ୍ଫୋରଣ ଘଟଣାରେ ଉପସ୍ଥିତ ଥିବା ପ୍ରତ୍ୟକ୍ଷଦର୍ଶୀ, ପୁରୀ ପୁଲିସ, ଏସପି, ଅଗ୍ନିଶମ ବିଭାଗର ଅଧିକାରୀ ଓ ଶ୍ରୀମନ୍ଦିର ପ୍ରଶାସନ ଅଧିକାରୀ ବୟାନ ରଖିବେ । ଏଥିସହ ନରେନ୍ଦ୍ର ପୁଷ୍କରିଣୀ ନିକଟ ଦୋକାନୀ, ଆହତଙ୍କୁ ତୁରନ୍ତ ଡାକ୍ତରଖାନା ନେଇଥିବା ବ୍ୟକ୍ତିବିଶେଷ ଓ ଆହତଙ୍କ ସମ୍ପର୍କୀୟ ଓ ମୃତକଙ୍କ ପରିବାର ଲୋକେ ମଧ୍ୟ ଏସଆରସିଙ୍କ ଆଗରେ ବୟାନ ରଖିବେ । ଏହାରି ଭିତରେ ବାଣ ବିସ୍ଫୋରଣ ଘଟଣାରେ ମୃତ୍ୟୁ ସଂଖ୍ୟା ୧୪ରେ ପହଁଚିଛି ।

## ବିପୁଳ ପରିମାଣର ଗଞ୍ଜେଇ ଜବତ: ୩ ଗିରଫ

ଖୋର୍ଦ୍ଧା, ୫/୬ (ନି.ପ୍ର): ବାଲୁଗାଁ ରେଳ ଷ୍ଟେସନରୁ ଗଞ୍ଜେଇ ଚାଲାଣ ହେଉଥିବା ବେଳେ ବାଲୁଗାଁ ଆରପିଏଫ ଚଢ଼ାଉ କରି ବିପୁଳ ପରିମାଣର ଗଞ୍ଜେଇ ଜବତ କରିବା ସହ ୩ ଜଣଙ୍କୁ ଗିରଫ କରିଛି । ଗିରଫ ଅଭିଯୁକ୍ତ ମାନେ ହେଲେ ବାଣପୁର ଥାନା ଅଞ୍ଚଳର ପ୍ରଶାନ୍ତ ପରିଡ଼ା (୨୩), ଗଞ୍ଜାମ ଜିଲ୍ଲା ପୁରୁଷୋତ୍ତମପୁର ଅଞ୍ଚଳର ଭଗବାନ ସେଠି (୨୦) ଏବଂ କୋଦଳା ଥାନା ଅଞ୍ଚଳର ନାରାୟଣ ପ୍ରଧାନ (୨୩) ।ସୂଚନା ମୁତାବକ ଆଜି ବାଲୁଗାଁ ରେଳ ଷ୍ଟେସନରୁ ବାହାର ରାଜ୍ୟକୁ ଗଞ୍ଜେଇ ଚାଲାଣ ହେଉଥିବା ଖବର ପାଇ ଆରପିଏଫ ଆଇଆଇସି ଜିତେନ୍ଦ୍ର ମୌର୍ଯ୍ୟଙ୍କ ନେତୃତ୍ୱରେ ଚଢ଼ାଉ କରାଯାଇଥିଲା ।

## ଇଣ୍ଡିଆ'ର ମାନସମନ୍ଥନ: ନୂଆ ଦଳକୁ ନିମନ୍ତ୍ରଣ କଲେ ଖଡ଼୍‌ଗେ



ନୂଆଦିଲ୍ଲୀ, ୫/୬ :ବିଜେପି ବିରୋଧରେ ଏକାଠି ହୋଇ ନିର୍ବାଚନ ଲଢ଼ିଥିବା ଇଣ୍ଡିଆ ବ୍ଲକୁ ଆଜି ଧନ୍ୟବାଦ ଜଣାଇଛନ୍ତି କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖଡଗେ । ଏଥିସହ ବିରୋଧୀ ମେଣ୍ଟ ଇଣ୍ଡିଆ ସମ୍ବିଧାନର ପ୍ରସ୍ତାବନା ପ୍ରତି ଆସ୍ଥା ରଖୁଥିବା ସମସ୍ତ ଦଳକୁ ସ୍ୱାଗତ କରିବ ବୋଲି ସେ କହିଛନ୍ତି । ଲୋକସଭା ନିର୍ବାଚନରେ ୨୩୩ଟି ଆସନ ଜିତିଥିବା ଥିବା ଇଣ୍ଡିଆ ବ୍ଲକ ପକ୍ଷରୁ ଗୁରୁତ୍ୱପୂର୍ଣ୍ଣ ବୈଠକ ଦିଲ୍ଲୀରେ ବସିଥିଲା । ଖଡଗେଙ୍କ ବାସଭବନରେ ଅନୁଷ୍ଠିତ ବୈଠକରେ ବହୁ ହେଭିୱେଟ ସାମିଲ ହୋଇଥିଲେ । ଉକ୍ତ ବୈଠକ ଶେଷ ହେବା ପରେ ଖଡଗେ ଏପରି ମତ ରଖିଛନ୍ତି । ଖଡଗେ କହିଛନ୍ତି, "ଏହି ଜନାଦେଶ ନରେନ୍ଦ୍ର ମୋଦିଙ୍କ ବିରୋଧରେ ଯାଇଛି । ସେ କରୁଥିବା ରାଜନୀତି ବିରୋଧରେ ଲୋକେ ଭୋଟ ଦେଇଛନ୍ତି । ଏହା ତାଙ୍କ ପାଇଁ ବ୍ୟକ୍ତିଗତ ଭାବେ ବିରାଟ ରାଜନୀତିକ କ୍ଷତି । ଏଥିସହ ଏହା ତାଙ୍କର ମାନସିକ ପରାଜୟ ମଧ୍ୟ । ତଥାପି ସେ ଲୋକଙ୍କ ଇଚ୍ଛା ବିରୋଧରେ ଯିବା ପାଇଁ ପ୍ରତିବଦ୍ଧ ହୋଇ ରହିଛନ୍ତି । ସମ୍ବିଧାନର ପ୍ରସ୍ତାବନା ପ୍ରତି ସମ୍ମାନ ଓ ପ୍ରତିବଦ୍ଧତା ରଖୁଥିବା ସବୁ ଦଳଗୁଡ଼ିକୁ ଇଣ୍ଡିଆ ବ୍ଲକ ସ୍ୱାଗତ କରିବ । ଏଥିସହ ଅର୍ଥନୀତି, ସାମାଜିକ ଓ ରାଜନୀତିକ ନ୍ୟାୟରେ ଆସ୍ଥା ରଖୁଥିବା ଦଳଗୁଡ଼ିକୁ ମଧ୍ୟ ଆମେ ସ୍ୱାଗତ କରିବୁ ।" ସେ ଇଣ୍ଡିଆ ସହଯୋଗୀମାନଙ୍କୁ ଧନ୍ୟବାଦ ଦେଇ କହିଛନ୍ତି, "ମୁଁ ସମସ୍ତ ଇଣ୍ଡିଆ ଲଢ଼େଇ କରିଛୁ ।"

▶▶ପୃଷ୍ଠା ୭

# ଭାରତ ସମେତ ବିଶ୍ୱକୁ ରପ୍ତାନୀ ହେବ ଓଡ଼ିଶାରୁ ଉତ୍ପାଦିତ ୧୫ରୁ ଅଧିକ ପ୍ରକାର ଟିକା

ଭୁବନେଶ୍ୱର , ୫/୬ (ନି.ପ୍ର): ଭ୍ୟାକ୍ସିନ୍ ଅବା ଟିକା କେତେ ଉପାଦେୟ, ତାହା କୋଭିଡ୍ ମହାମାରୀ ଆସିବା ପରେ ଜଣାପଡ଼ିଲା। ଆଉ ସେହି କୋଭିଡ୍ ଟିକା ଏବେ ଓଡ଼ିଶାର ରାଜଧାନୀରେ ଉତ୍ପାଦନ ହେବ। କେବଳ ଏହି ଟିକା ନୁହେଁ, ଖୁବ୍ କମ୍ ଦିନ ଭିତରେ ଏଠାରେ ମ୍ୟାଲେରିଆ, କୋଲେରା ଭଳି ୧୫ ପ୍ରକାର ଘାତକ ରୋଗର ମୁକାବିଲା ପାଇଁ ଟିକା ପ୍ରସ୍ତୁତ ହେବ। ଏଠାରେ ପ୍ରସ୍ତୁତ ଟିକା କେବଳ ଭାରତ ନୁହେଁ, ବିଶ୍ୱର ବିଭିନ୍ନ ଦେଶକୁ ପଠାଯିବ। ଓଡ଼ିଶାରେ ପ୍ରସ୍ତୁତ ଟିକା ବିଶ୍ୱର କୋଟି କୋଟି ଲୋକଙ୍କ ଜୀବନ ରକ୍ଷା କରିବ। ଭୁବନେଶ୍ୱର ଉପକଣ୍ଠ ଅନ୍ଧାରୁଆସ୍ଥିତ ଭାରତ ବାୟୋଟେକ୍ ପାର୍କରେ ପ୍ରତିଷ୍ଠିତ ସାପିଜେନ୍ ବାୟୋଲୋଜିକ୍ସ କେନ୍ଦ୍ରରେ ଚଳିତ ମାସରୁ ଟିକା ଉତ୍ପାଦନ ଆରମ୍ଭ ହେବାକୁ ଯାଉଛି। ଓଡ଼ିଶାର 'ପ୍ରତିଟି ଜୀବନ ମୂଲ୍ୟବାନ' ଆହ୍ୱାନକୁ ଏହି ସାପିଜେନ୍ ବାୟୋଲୋଜିକ୍ସ ଭ୍ୟାକ୍ସିନ୍ ପ୍ଲାଣ୍ଟ ପ୍ରତିପାଦିତ କରୁଛି। ସୂଚନାନୁସାରେ, ପ୍ରାୟ ୧୫୦୦ କୋଟି ଟଙ୍କା ବିନିଯୋଗରେ ପ୍ରତିଷ୍ଠିତ ଏହି ଟିକା ଉତ୍ପାଦନ କେନ୍ଦ୍ର ୧୫୦୦ ଲୋକଙ୍କୁ ସିଧାସଳଖ ନିଯୁକ୍ତି ପାଇଁ ବ୍ୟବସ୍ଥା ହୋଇଛି। ନିଯୁକ୍ତି କ୍ଷେତ୍ରରେ ଓଡ଼ିଶାବାସୀଙ୍କୁ ଅଗ୍ରାଧିକାର ଦିଆଯିବ ବୋଲି କମ୍ପାନୀ ରାଜ୍ୟ ସରକାରଙ୍କୁ ପ୍ରତିଶ୍ରୁତି ଦେଇଛି। ନିକଟରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନେତୃତ୍ୱରେ ରାଜ୍ୟ କ୍ୟାବିନେଟ୍ ପାରିତ କରିଥିବା ବାୟୋଟେକ୍ନୋଲୋଜି ନୀତି ଏପରି ଶିଳ୍ପ ପ୍ରତିଷ୍ଠା ଦିଗରେ ବେଶ୍ ଉପାଦେୟ ସାବ୍ୟସ୍ତ ହେବ। ଓଡ଼ିଶାରେ ଭାରତ ବାୟୋଟେକ୍ ଭଳି କମ୍ପାନୀ ଟିକା ଉତ୍ପାଦନ କଲେ ତାହା ନିଶ୍ଚିତ ଭାବେ ଅନ୍ୟ ନିବେଶକମାନଙ୍କୁ ଓଡ଼ିଶା ଆସିବା ପାଇଁ ପ୍ରେରଣା ଦେବ। ବିଶେଷକରି ବାୟୋଟେକ୍ନୋଲୋଜି ସମ୍ପର୍କିତ ଶିଳ୍ପ ପ୍ରତିଷ୍ଠା ତ୍ୱରାନ୍ୱିତ ହେବ। ଆଗକୁ ଏହି କ୍ଷେତ୍ରରେ ଓଡ଼ିଶା ବଡ଼ ପୁଞ୍ଜିନିବେଶ ହାସଲ କରିବା ସହିତ ବ୍ୟାପକ ନିଯୁକ୍ତି ସୁଯୋଗ ସୃଷ୍ଟି କରିବ ବୋଲି ଆଶା ରହିଛି। ଭାରତ ସମେତ ସମଗ୍ର ବିଶ୍ୱକୁ ୧୫ରୁ ଅଧିକ ବର୍ଗର ଟିକା ରପ୍ତାନୀ କରି ଓଡ଼ିଶା ବାୟୋଟେକ୍ନୋଲୋଜି କ୍ଷେତ୍ରରେ ସ୍ୱତନ୍ତ୍ର ଖ୍ୟାତି ଅର୍ଜନ କରିବ। ପ୍ରକଳ୍ପ କାର୍ଯ୍ୟ ଚୂଡ଼ାନ୍ତ ପର୍ଯ୍ୟାୟରେ ପହଞ୍ଚି ଥିବା ବେଳେ ଆସନ୍ତା ଚଳିତ ମାସ ସୁଦ୍ଧା ବାଣିଜ୍ୟିକ ଉତ୍ପାଦନ ଆରମ୍ଭ କରିବା ପାଇଁ କମ୍ପାନୀ ଲକ୍ଷ୍ୟ ରଖିଛି। ପ୍ରତିଦିନ ଏଠାରେ ବିଭିନ୍ନ ପ୍ରକାର ଟିକାର ୨.୪ କୋଟି ଡୋଜ୍ ପ୍ରସ୍ତୁତ ହୋଇପାରିବ। ଏହି ପ୍ଲାଣ୍ଟ ପୂର୍ଣ୍ଣ କାର୍ଯ୍ୟକ୍ଷମ ହେଲେ ଦେଶର ସର୍ବ ବୃହତ୍ ଟିକା ଉତ୍ପାଦନ କେନ୍ଦ୍ରରେ ପରିଣତ ହେବ। ବିଶ୍ୱ ଜନସଂଖ୍ୟାର ୧୦ ଗୁଣା ଅଧିକ ଟିକା ଉତ୍ପାଦନ ପାଇଁ ମଧ୍ୟ ଓଡ଼ିଶା ସାମର୍ଥ୍ୟ ବହନ କରିବ।

# ମାଲକାନଗିରି ସରକାରୀ ପଲିଟେକ୍ନିକ୍‌ରେ ବିଶ୍ୱ ପରିବେଶ ଦିବସ ପାଳିତ

ମାଲକାନଗିରି, ୫/୬ (ନି.ପ୍ର): ଆମ ପରିବେଶର ସୁରକ୍ଷା ପାଇଁ ସଚେତନତା ସୃଷ୍ଟି କରିବା ଉଦ୍ଦେଶ୍ୟରେ ମାଲକାନଗିରି ସରକାରୀ ପଲିଟେକ୍ନିକ୍‌ରେ ବିଶ୍ୱ ପରିବେଶ ଦିବସ ପାଳିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ପଲିଟେକ୍ନିକ୍‌ରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ବୈଠକରେ ମୁଖ୍ୟ ଅତିଥି ଏଡିଏମ୍ ଦେବବର ପ୍ରଧାନ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟବକ୍ତା ଭାବେ ସିଡିଏମଓ ଡାକ୍ତର ପ୍ରଫୁଲ୍ଲ କୁମାର ନନ୍ଦ, ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ତପନ ନାରାୟଣ ରଥ, ଅତିରିକ୍ତ ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ ଡ଼. ଅବିଦ ହୁସେନ ଉପସ୍ଥିତ ଥିଲେ।ସମ୍ମାନିତ ଅତିଥି ଭାବେ ୱାଇଆରସି ଜିଲ୍ଲା ଆବାହକ ଡ. ରଞ୍ଜନ ସ୍ୱାଇଁ, ଏପିଡେମିଓଲୋଜି ଡାକ୍ତର ଦୁର୍ଗା ପ୍ରସାଦ ରାଜ ପ୍ରମୁଖ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମକୁ ଶିବ ପ୍ରସାଦ ପାଣିଗ୍ରାହୀ ସଂଯୋଜନା କରିଥିଲେ। ବିଶ୍ୱ ପରିବେଶ ଦିବସ ୨୦୨୪ର ବିଷୟବସ୍ତୁ ହେଉଛି ''ଭୂମି ପୁନରୁଦ୍ଧାର, ମରୁଭୂମିକରଣ ଏବଂ ମରୁଡ଼ି ମୁକାବିଲା''। ସରକାରୀ ପଲିଟେକ୍ନିକ୍ ପରିସରରେ ମାଟିର ଯତ୍ନ ପାଇଁ ସମାଜରେ ସଚେତନତା ସୃଷ୍ଟି କରିବା ଉଦ୍ଦେଶ୍ୟରେ ବୃକ୍ଷରୋପଣ ଅଭିଯାନ ଅନୁଷ୍ଠିତ ହୋଇଥିଲା। ସ୍ଲୋଗାନ ଥିଲା ଆମ ଭୂମି , ଆମ ଭବିଷ୍ୟତ। ଏହି ବୃକ୍ଷରୋପଣ ଅଭିଯାନରେ ୫୦ରୁ ଅଧିକ ବୃକ୍ଷରୋପଣ କରାଯାଇଥିଲା। ପ୍ରତ୍ୟେକ ବ୍ୟକ୍ତି ନିଜ ଜନ୍ମ ଦିନରେ ଗୋଟିଏ ଗଛ ଲଗାଇବା ସହ ସେହି ଗଛର ଯତ୍ନ ମଧ୍ୟ ନେବା ଉଚିତ୍ । ଏହି କାର୍ଯ୍ୟକ୍ରମରେ ଅନୁଷ୍ଠାନର ଅଧକ୍ଷ ଜ୍ଞାନରଞ୍ଜନ ଦାସ,ବିଭାଗୀୟ ଅଧିକାରୀ ମାନସ ରଞ୍ଜନ ରାଉତ,ସମସ୍ତ କର୍ମଚାରୀ, ଛାତ୍ରଛାତ୍ରୀ ଏବଂ ଅନୁଷ୍ଠାନର ସମସ୍ତ ଅଧ୍ୟାପକ ଯଥା ପ୍ରୀତିରଞ୍ଜନ ପ୍ରିୟଦର୍ଶୀ ପାତ୍ର, ଅମିତ କୁମାର ତିର୍କି, ବିପିନ ବିହାରୀ ମହାନ୍ତି, ଆଶିଷ ଶର୍ମା, ଅବକାଶ ପ୍ରଧାନୀ, ସୌରଭ ରଞ୍ଜନ ପ୍ରଧାନ,ପାର୍ଥ ସାରଥୀ ମଲ୍ଲିକ, ଜେ.ବିନୋଦ କୁମାର, ରାଜୀବ ରତନ ପଟେଲ, ଲକ୍ଷ୍ମଣ ମାଝୀ ଏବଂ ଶ୍ରୀମତୀ ପଲ୍ଲବୀ ମହାନ୍ତ ସେଥିରେ ଯୋଗ ଦେଇଥିଲେ। ରସାୟନ ବିଜ୍ଞାନ ଅଧ୍ୟାପକ ବିପିନ ବିହାରୀ ମହାନ୍ତି ଛାତ୍ରଛାତ୍ରୀଙ୍କୁ ସ୍ଲୋଗାନ ଆକାରରେ ନିମ୍ନଲିଖିତ ବାର୍ତ୍ତା ଦେଇଥିଲେ।

# ଅପହୃତ ହୋଇଥିବା ଡାକ୍ତର କର୍ଣ୍ଣାଟକରୁ ଠାବ

ମାଲକାନଗିରି, ୫/୬ (ନି.ପ୍ର): ମାଲକାନଗିରି ଜିଲ୍ଲା କାଲିମେଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଡାକ୍ତର ଅମ୍ଲାନ ଭୋଇଙ୍କ ଅପହରଣ ଘଟଣା ନୂଆ ମୋଡ଼ ନେଇଛି। ସିସି କ୍ୟାମେରା ଫୁଟେଜ୍, ବ୍ୟାଙ୍କ ଆକାଉଂଟ ବିବରଣୀରୁ ପୁଲିସକୁ ବଡ଼ ସୁରାକ ମିଳିଛି। ପାଖାପାଖି ୩୦ଲକ୍ଷ ଟଙ୍କା ଋଣ ଭାରରେ ବୁଡ଼ି ରହିଥିଲେ ଡାକ୍ତର। ଟଙ୍କା ଫେରାଇବା ପାଇଁ ଚାପ ପଡ଼ିବାରୁ ନିଜ ଅପହରଣ ନାଟକ ରଚିଛନ୍ତି ବୋଲି ବରିଷ୍ଠ ପୁଲିସ ଅଧିକାରୀ ସ୍ପଷ୍ଟ କରିବା ପରେ କାଲିମେଳାରୁ ଶନିବାର ରାତ୍ର ରୁ ଅପହୃତ ହୋଇଥିବା ଡାକ୍ତର ଅମ୍ଳାନ ଭୋଇଙ୍କ ପତ୍ତା ମିଳିଲା । ତାଙ୍କୁ କର୍ଣ୍ଣାଟକରୁ ଠାବ କରିଛି ପୋଲିସ । ଏନେଇ ସୂଚନା ଦେଇଛନ୍ତି ମାଲକାନଗିରି ଏସପି ।

# ଗ୍ରୀନ୍ ପାରାଦୀପ ଟ୍ରଷ୍ଟ ପକ୍ଷରୁ ବିଶ୍ୱ ପରିବେଶ ଦିବସ ପାଳିତ



ପାରାଦୀପ, ୫/୬ (ନି.ପ୍ର): ନବ ଗଠିତ ଗ୍ରୀନ୍ ପାରାଦୀପ ଟ୍ରଷ୍ଟ ପକ୍ଷରୁ ବୁଧବାର ଦିନ ବିଶ୍ୱ ପରିବେଶ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ସକାଳେ ନ୍ୟୁ କଲ୍ୟାଣ ମଣ୍ଡପ ନିକଟରେ ବୃକ୍ଷ ରୋପଣ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ପାରାଦୀପର ନଗରପାଳ ବସନ୍ତ ବିଶ୍ୱାଳ ଯୋଗ ଦେଇଥିଲେ । ଟ୍ରଷ୍ଟର ସଭାପତି ରାକେଶ କୁମାର ପଟ୍ଟନାୟକଙ୍କ ପ୍ରତ୍ୟକ୍ଷ ତତ୍ୱାବଧାନରେ ଅନୁଷ୍ଠିତ ଏହି ବୃକ୍ଷରୋପଣ କାର୍ଯ୍ୟକ୍ରମରେ ପାରାଦୀପର କାର୍ଯ୍ୟରତ ସାମ୍ବାଦିକଙ୍କ ସମେତ ଟ୍ରଷ୍ଟର ସଦସ୍ୟମାନେ ଯୋଗ ଦେଇ ପରିବେଶର ସୁରକ୍ଷା ପାଇଁ ଗୋଟିଏ ଗୋଟିଏ ଗଛ ଲଗାଇଥିଲେ। ପ୍ରକାଶଥାଉକି, ଚଳିତ ବର୍ଷ ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ଜନ୍ମ ଦିବସରେ ଗଠିତ ହୋଇଥିବା ଏହି ଟ୍ରଷ୍ଟ ପକ୍ଷରୁ ଅକ୍ଷୟ ତୃତୀୟାରେ ପାରାଦୀପ ଅନ୍ତେବାସୀଙ୍କୁ ଚାରା ବଣ୍ଟନ କରାଯାଇ ଥିଲା।

# କେନ୍ଦ୍ରାପଡାରେ ବୈଜୟନ୍ତଙ୍କ ବିଶାଳ ବିଜୟ ଶୋଭାଯାତ୍ରା

କେନ୍ଦ୍ରାପଡ଼ା, ୫/୬ (ନି.ପ୍ର): ଚଳିତ ନିର୍ବାଚନ ରେ କେନ୍ଦ୍ରାପଡା ଲୋକସଭା ବିଜେପି ପ୍ରାର୍ଥୀ ଭାବେ ବୈଜୟନ୍ତ ପଣ୍ଡା ପ୍ରାୟ ୬୬ ହଜାର ୫୩୬ ଭୋଟରେ ବିଜୟୀ ହୋଇ ଏକ ଇତିହାସ ସୃଷ୍ଟି କରିଛନ୍ତି । ବିଜେପି ର ରାଷ୍ଟ୍ରୀୟ ଉପାଧ୍ୟକ୍ଷ ତଥା କେନ୍ଦ୍ରାପଡାର ସାଂସଦ ଶ୍ରୀ ପଣ୍ଡାଙ୍କ ବିଜୟରେ ବିଜେପି ପକ୍ଷରୁ ଆଜି ଦୁହୁରିଆ ସ୍ଥିତ ପାର୍ଟି କାର୍ଯ୍ୟାଳୟ ରୁ ଏକ ବିରାଟ ଶୋଭାଯାତ୍ରା ବାହାରି ସହର ପରିକ୍ରମା କରିଛି । ଏହି ଶୋଭାଯାତ୍ରା ରେ ଶ୍ରୀ ପଣ୍ଡାଙ୍କ ସମେତ ମହାକାଳପଡା ବିଧାୟକ ଡାକ୍ତର ଦୁର୍ଗା ପ୍ରସନ୍ନ ନାୟକ ଓ କେନ୍ଦ୍ରାପଡା ର ଗୀତାଞ୍ଜଳୀ ସେଠୀ, ଆଳିର କୃଷ୍ଣ ପଣ୍ଡା ପ୍ରମୁଖ ପ୍ରତିଦ୍ୱନ୍ଦିତା କରିଥିବା ପ୍ରାର୍ଥୀମାନେ ସାମିଲ ହୋଇଥିଲେ । ଏହା ସହ ଜିଲ୍ଲା ସଭାପତି କିଶୋର କୁମାର ପଣ୍ଡା, ରାଜ୍ୟ କାର୍ଯ୍ୟକରିଣୀ ସଦସ୍ୟ ବୈଦ୍ୟନାଥ ଚାଟାର୍ଜୀ, ଦୁର୍ଯ୍ୟୋଧନ ସାହୁ, ଜିଲ୍ଲା ଉପ ସଭାପତି ଅଭିମନ୍ୟୁ ଗୋଛାୟତ, ଉପୀନ ରାଉତ, ସଂଜୟ ରଥଙ୍କ ସମେତ ଜିଲ୍ଲାର ୫ ନିର୍ବାଚନ ମଣ୍ଡଳୀର ଜିଲ୍ଲା ମହିଳା ପ୍ରଭାରୀ ଡ଼ଃ ଜ୍ୟୋସ୍ନାରାଣୀ ଜେନା, ସୁନାକର ବେହେରା, ଗଗନ ବିହାରୀ ସାହୁ, ମିଡିଆ ସେଲ ପ୍ରମୁଖ ନେହେରୁ କୁମାର ସାହୁ, ରାଜ୍ୟ ଆଇଟି ସେଲର ମୁଖ୍ୟ ରାଜଲକ୍ଷ୍ମୀ ଦାସ ପ୍ରମୁଖ ଉପସ୍ଥିତ ରହି ଏହି ଶୋଭାଯାତ୍ରା ଟି ସହର ପରିକ୍ରମା କଲାବେଳେ ଦୁହୁରିଆ, କଲେଜ ଛକ, ତିନିମୁହାଣୀ, କଜଳା, ମହିପାଳ, ନୂଆ ବସଷ୍ଟାଣ୍ଡ, କାକଟ, ବଡହାଟ, ପୁରୁଣା ବସଷ୍ଟାଣ୍ଡ, ମଢିଆଳ, ସାନ୍ତସାହି, ସାନମଙ୍ଗଳା, ବଡ ମଙ୍ଗଳା, ଇଛାପୁର ଶ୍ରୀ ବଳଦେବଜୀଉଙ୍କ ମନ୍ଦିର ନିକଟରେ ପହଁଚିବା ପରେ କେନ୍ଦ୍ରାପଡାର ଆରାଧ୍ୟ ଦେବତା ଶ୍ରୀ ସିଦ୍ଧ ବଳଦେବଜୀଉ ଙ୍କୁ ଦର୍ଶନ ପରେ ତାଙ୍କ ସାଙ୍ଗରେ ଯାଇଥିବା ଓ ସେଠାରେ ଉପସ୍ଥିତ ଥିବା ହଜାର ହଜାର ସମର୍ଥକ ଓ ମତଦାତା ମାନଙ୍କୁ କୃତଜ୍ଞତା ଜଣାଇବା ସହ ଏ ବିଜୟ ମୋର ନୁହେଁ ଆପଣ ମାନଙ୍କର ବୋଲି ମତବ୍ୟକ୍ତ କରିଥିଲେ । ଆୟୋଜିତ ଏହି କାର୍ଯ୍ୟକ୍ରମ ରେ ନୃସିଂହ ପତ୍ରୀ, ମନିନ୍ଦ୍ର ରାଉତ, ସୁଚୀସ୍ମିତା ବସନ୍ତିଆ, ଝିଲ୍ଲୀ ଦାସ, କଳ୍ପନା ମଲିକ, ପ୍ରମିଳା ସିଂହ, ସୁଜାତା ନାୟକ, ଚାମେଲି ଓଝା, ଲକ୍ଷ୍ମୀପ୍ରିୟା ଜେନା ପ୍ରମୁଖ ଉପସ୍ଥିତ ଥିଲେ । ଶୋଭାଯାତ୍ରା ସହର ପରିକ୍ରମା କରିବା ସମୟରେ ସହରର ବିଭିନ୍ନ ଛକ ମାନଙ୍କରେ ବହୁ ସଂଖ୍ୟକ ସାଧାରଣ ଜନତା ଓ ମହିଳା ଶ୍ରୀ ପଣ୍ଡାଙ୍କୁ ହାତ ହଲାଇ ଅଭିନନ୍ଦନ ଜଣାଇଥିଲେ ।

# ନେଚର କେୟାର ଇନିସିଏଟିଭ ଦ୍ୱାରା ବିଶ୍ୱ ପରିବେଶ ଦିବସ ପାଳିତ




ପାରାଦ୍ୱୀପ , ୫/୬ (ନି.ପ୍ର): ସ୍ୱେଚ୍ଛାସେବୀ ସଙ୍ଗଠନ ନେଚର କେୟାର ଇନିସିଏଟିଭ ଦ୍ୱାରା ବିଶ୍ୱ ପରିବେଶ ଦିବସ ପାରାଦୀପ ଜୟଦେବ ସଦନ ପରିସରରେ ଆୟୋଜିତ ହୋଇଥିଲା। ଏହି ଉପଲକ୍ଷେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଓଡିଶା ଉଚ୍ଚ ନ୍ୟାୟାଳୟର ବିଚାରପତି ଜଷ୍ଟିସ ବିଦ୍ୟୁତ ରଂଜନ ଷଡଙ୍ଗୀ ଯୋଗ ଦେଇଥିଲେ। ସ୍ୱତନ୍ତ୍ର ଅତିଥି ଭାବେ ପଦ୍ମଶ୍ରୀ ଦୁଖୁ ମାଝୀ ଏହି କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। ସମ୍ମାନୀତ ଅତିଥି ଭାବେ ପାରାଦୀପ ବନ୍ଦର ଅଧକ୍ଷ ପି.ଏଲ.ହରନାଦ, ଇଫକୋର ନିର୍ଦ୍ଦେଶକ କେ.ଜେ.ପଟେଲ, ସାଉଥ ଏସିଆ କ୍ଲାଇମେଟ ଚେଂଜ ଜର୍ଣ୍ଣାଲିଷ୍ଟ ଫୋରମର ସଭାପତି ଅଶିଷ ଗୁପ୍ତା, ଭାରତ ସରକାରଙ୍କ ପରିବେଶ ବିଭାଗର ଡିଆଇଜି ପଦ୍ମା ମହାନ୍ତି ଯୋଗ ଦେଇଥିଲେ। ମୁଖ୍ୟବକ୍ତା ଭାବେ ପରିବେଶବିତ୍ ପଣ୍ଡିତ ମାତୃ ପ୍ରସାଦ ମିଶ୍ର ଯୋଗ ଦେଇ ପରିବେଶ ସୁରକ୍ଷା ନିମନ୍ତେ ସମସ୍ତେ ଯତ୍ନବାନ ହେବାକୁ ନିବେଦନ କରିଥିଲେ। ସଙ୍ଗଠନର ମୁଖ୍ୟ କାର୍ଯ୍ୟ ନିର୍ବାହୀ ଶ୍ରୀକାନ୍ତ ଶେଖର ସାହୁଙ୍କ ପୌରହିତ୍ୟରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଛାତ୍ରଛାତ୍ରୀ, ବୁଦ୍ଧିଜୀବୀମାନେ ବହୁ ସଂଖ୍ୟାରେ ଉପସ୍ଥିତ ଥିଲେ।

## ସାଇଟ୍ କଲେଜ ପରିସରରେ ବିଶ୍ୱ ପରିବେଶ ଦିବସ ପାଳନ

ବଲାଙ୍ଗୀର, ୫/୬ (ନି.ପ୍ର): ସ୍ଥାନୀୟ ସଦାଇପାଲି ପଲ୍ଲିଶ୍ରୀ ବିହାର ସ୍ଥିତ ସାଇଟ କଲେଜ ପରିସରରେ ଥିବା ଚନ୍ଦନ ବନ୍ ଠାରେ ରାମଜୀ ଯବକ ସଂଘ ତରଫରୁ ବିଶ୍ୱ ପରିବେଶ ଦିବସ ପାଳନ କରାଯାଇଥିଲା। ରାମଜୀ ଯୁବକ ସଂଘର ସଭାପତି ଡା. ପ୍ରମୋଦ କୁମାର ମିଶ୍ର ପରିବେଶର ତାତ୍ପର୍ଯ୍ୟ ଓ ପରିବେଶର ସୁରକ୍ଷା ବିଷୟରେ ସୂଚନା ଦେଇଥିଲେ। ଅନ୍ୟତମ ଅତିଥି ସାଇଟ କ୍ରୀଡା ସଂଯୋଜକ ସୁନୀଲ ଚନ୍ଦ୍ର ବିଶ୍ୱାଳ ଗଛ କଟା ଯୋଗୁଁ ପରିବେଶ ଅଶାନ୍ତ ଏବଂ ତାପମାତ୍ରା ବୃଦ୍ଧିର ମୂଖ୍ୟ କାରଣ ବୋଲି କହିଥିଲେ। ଆମେ ଯେତେ ପରିମାଣ ରେ ଗଛ କାଟୁଛୁ ତାହା ତୁଳନାରେ ଗଛ ଲଗାଇପାରୁନାହୁଁ। ତେଣୁ ସମସ୍ତଙ୍କୁ ସଚେତନ କରାଇବାପାଇଁ ଆମ କ୍ୟାମ୍ପସରେ ହଜାରେ ଗଛ ଲଗାଇବା ପାଇଁ ରାମଜୀ ଯବକ ସଂଘ ତରଫରୁ ବ୍ୟବସ୍ଥା କରାଯାଇଅଛି। ଏହି ଗଛମାନଙ୍କର ରକ୍ଷଣା ବେକ୍ଷଣ କରିବା ପାଇଁ କ୍ୟାମ୍ପସରେ ଥିବା ସମସ୍ତ କର୍ମଚାରୀ ଶପଥ ନେଇଛନ୍ତି। ଇଲେକଟ୍ରିକ ବିଭାଗକୁ ଗଛ ମୂଳରୁ ନକାଟି ଦରକାର ପଡିଲେ ସାଇଜ୍ କରିବା ପାଇଁ ଅନୁରୋଧ କରାଯାଇଅଛି। ଆଜିର ସଭାରେ ପ୍ରଶାନ୍ତ ତ୍ରିପାଠୀ, ଜୟନ୍ତ ପଟେଲ, ସୁରଜ ସାଏ, ସଂଜିତ ମିଶ୍ର, ଲୋକନାଥ ସିଂହ, ପ୍ରଫୁଲ୍ଲ ମିଶ୍ର, ସତ୍ୟବାଦୀ ନାଏକ, ଭାଗବତିଆ ଅଦାବରିଆ ଓ ଅନୁଷ୍ଠାନ ର ଛାତ୍ରଛାତ୍ରୀ ଯୋଗ ଦେଇଥିଲେ। ଶେଷରେ ସୁନୀଲ ଚନ୍ଦ୍ର ବିଶ୍ୱାଳ ଧନ୍ୟବାଦ ଅର୍ପଣ କରିଥିଲେ।

# ବିଜେପିର ସୁକାନ୍ତ ପାଣିଗ୍ରାହୀ କନ୍ଧମାଳର ସାଂସଦ: ପ୍ରଥମ ଦିନରେ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ସ୍ଥାନ ପରିଦର୍ଶନ

କନ୍ଧମାଳ, ୫/୬ (ନି.ପ୍ର): କନ୍ଧମାଳ ଲୋକସଭା ଆସନର ସଂସାଦ ଭାବେ ବିଜେପିର ସୁକାନ୍ତ କୁମାର ପାଣିଗ୍ରାହୀ ତାଙ୍କର ନିକଟତମ ପ୍ରତିଦ୍ୱନ୍ଦୀ ହେଭିୱେଟ ନେତା ଡଃ ଅଚ୍ୟୁତାନନ୍ଦ ସାମନ୍ତଙ୍କୁ ୨୧ହଜାର ୩୭୧ ଭୋଟରେ ହରାଇ ବିଜୟୀ ହୋଇଛନ୍ତି । ବିଜେପିର ସୁକାନ୍ତ କୁମାର ପାଣିଗ୍ରାହୀ ୪ ଲକ୍ଷ ୧୬ ହଜାର ୪୧୫ ଭୋଟ ପାଇଥିବା ବେଳେ ନିକଟତମ ପ୍ରତିଦ୍ୱନ୍ଦ୍ରୀ ତଥା ବିଜେଡି ପ୍ରାର୍ଥୀ ଅଚ୍ୟୁତାନନ୍ଦ ସାମନ୍ତ ୩ ଲକ୍ଷ ୯୫ ହଜାର ୪୪ ଭୋଟ ପାଇଛନ୍ତି। ସେହିପରି କଂଗ୍ରେସ ପ୍ରାର୍ଥୀ ଅମିର ଚାନ୍ଦ ନାୟକ ୧ ଲକ୍ଷ ୪୪ ହଜାର ୩୨୨, ମାନସ ଲୋକଶକ୍ତି ଦଳର ପ୍ରାର୍ଥୀ ଭାଗିରଥି ବଳିଆରସିଂ ୭୩୩୦ଟି, ସ୍ୱାଧୀନ ପ୍ରାର୍ଥୀ କନକ ମଞ୍ଜରୀ ରଥ ୫୨୦୫ଟି, ବହୁଜନ ସମାଜ ପାର୍ଟି ପ୍ରାର୍ଥୀ ୫୧୩୭ଟି, ନ୍ୟାସନାଲ୍ ଜନତା ଦଳର ପ୍ରାର୍ଥୀ ସୁବାଷ ମହାପାତ୍ର ୪୧୩୭ଟି ଏବଂ କଳିଙ୍ଗସେନାର ପ୍ରାର୍ଥୀ ପର୍ଶୁରାମ ପ୍ରଧାନ ୨ ୭୮୧ ଭୋଟ ପାଇଛନ୍ତି। କନ୍ଧମାଳ ଲୋକସଭା ଆସନରେ ୧୫ ହଜାର ୭୨୦ ଜଣ ନୋଟାରେ ଭୋଟ ଦେଇଥିବା ସୂଚନା ରହିଛି । ଅପରପକ୍ଷରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଫୁଲବାଣୀ ଗସ୍ତ ରେ କନ୍ଧମାଳର ବିଜେପି ପାର୍ଥିଙ୍କୁ ବିପୁଳ ପରିମାଣର ଭୋଟ ଦେଇ ଜିତାଇବାକୁ ଭୋଟ ଭିକ୍ଷା କରଯାଇଥିଲା ବୋଲି ବହୁମତ ମିଳିଥିବା ଚର୍ଚ୍ଚା ହେଉଥିବା ବେଳେ ମୁଖ୍ୟମନ୍ତ୍ରୀ ଏବଂ ପାଣ୍ଡିଆନଙ୍କ ଫୁଲବାଣୀ ଗସ୍ତରେ କନ୍ଧମାଳ ଜିଲ୍ଲାର ସାଂସଦ ଓ ବିଧାୟକ ପାଇଁ ପଦୁଟିଏ ବି ପ୍ରଚାର ନକରିବା କନ୍ଧମାଳ ସଂସାଦ ଓ ଦୁଇ ବିଧାୟକଙ୍କ ପରାଜୟର ମୁଖ୍ୟ କାରଣ ବୋଲି ଚର୍ଚ୍ଚା ହେଉଛି। ଆଜି ସକାଳେ ସୁକାନ୍ତ ପାଣିଗ୍ରାହୀ ଫୁଲବାଣୀ ସ୍ଥାନୀୟ ସତସଙ୍ଗ ବିହାର ଠାରେ ପହଞ୍ଚି ବିଭିନ୍ନ ଆଧ୍ୟାତ୍ମିକ ଦିଗରେ ଆଲୋଚନା କରିଥିଲେ। ଏହା ସହିତ ସେ ତାଙ୍କ କାର୍ଯ୍ୟକାଳ ଭିତରେ ଦଳ ମତ ନିର୍ବିଶେଷରେ ଲୋକଙ୍କ ସହିତ ରହି ସେମାନଙ୍କ ସୁଖ ଦୁଖ ରେ ସାଥି ହେବି ବୋଲି କହିଥିଲେ। ଏହି ଅବସରରେ ତାଙ୍କ ସହିତ କନ୍ଧମାଳ ଭାରତୀୟ ଜନତା ପାର୍ଟି ର ନେତା ଭଗବାନ ମହାନ୍ତି, ଲିଙ୍ଗରାଜ ଦଳବେହେରା,ପଞ୍ଚାନନ ପଣ୍ଡା ଏବଂ ଓ ସତସଂଙ୍ଗ ବିହାର ର କର୍ମକର୍ତ୍ତା ମାନେ ଉପସ୍ଥିତ ଥିଲେ।

# ସରକାରୀ କାମକୁ ବିରୋଧ କରୁଛି ଜବରଦଖଲକାରୀ

ରାଉରକେଲା, ୦୫ ଜୁନ (ହି.ସ.)- ରାଉରକେଲା ସହରରେ ସରକାରୀ ଜମି ସବୁ ପ୍ରାୟ ଗତ ୨୫ବର୍ଷରେ ଜବରଦଖଲକାରୀ ମାନଙ୍କ ହାତକୁ ଚାଲିଯାଇଛି। ସେଥିମଧ୍ୟରୁ ଛେଣ୍ଡ କଲୋନୀରେ ସର୍ବାଧିକ, ସ୍ଥାନୀୟ ଲୋକେ ଲେଖା ଲେଖି କରି ୨/୩ବର୍ଷ ତଳେ ଥିବା ଜିଲ୍ଲାପାଳ ନିଖିଲ ପବନ କଲ୍ୟାଣଙ୍କୁ ଦେବା ପରେ ସେ ଛେଣ୍ଡ କଳିଙ୍ଗବିହାର ବିଗ୍ୟାନ ପାର୍କ ପାଖରେ ଦିର୍ଘ ବର୍ଷ ହେଲା ଏକ ମିଥ୍ୟା ଶିକ୍ଷାନୁଷ୍ଠାନ ନାମରେ କୋଟି କୋଟି ଟଙ୍କାର ଜମିକୁ ମାଡି ବସି ସେଠାରେ ଘର କରି ରହିବା ସହ ସେଠାକାର ଲୋକଙ୍କୁ ହାଇକୋର୍ଟ ନାମରେ ଧମକ ଚମକ , ଦେଇ ସରକାରୀ ଜାଗା ଟିକୁ ଉପଭୋଗ କରିଆସୁଛନ୍ତି। ତେବେ ମାପ ଚୁପ ବେଳେ ସେହି ଜବରଦଖଲ କାରୀ ମହିଳା ଓ ପୁରୁଷ ମାନେ ବାହାରି ଆସି ଏହାକୁ ବିରୋଧ କରିଥିଲେ । ପରେ ସେଠାରେ ଆରଆଇ ଅଫିସ ତିଆରି କରିବାକୁ ପୂର୍ତ୍ତ ବିଭାଗ ଅଜୟ ନାୟକ ନାମକ ଠିକାଦାରଙ୍କୁ ଟେଣ୍ଡର ଦେଇଥିଲା । ତେବେ କାମ ଆରମ୍ଭ ବେଳେ ମଧ୍ୟ ଜବରଦଖଲକାରୀ ହାଇକୋର୍ଟରେ ମାମାଲା ଚାଲିଛି ,ଏହା ସ୍କୁଲ ଜାଗା କହି ନାଲି ଆଖି ଦେଖାଇବା ପରେ ଠିକାଦାର କିଛି ଦୁରରେ ଘର ତିଆରି ଆରମ୍ଭ କଲେ, ଏବେ ଘର ତିଆରି ପରେ ପାଚେରୀ ନିର୍ମାଣ ବେଳେ ସେହି ଭଳି ବିରୋଧ ଯୋଗୁ ଠିକାଦାର କାମ ବନ୍ଦ ରଖିଛି, ଅମିନ ଆରଆଇ ମାପ ଚୁପ କରୁଛନ୍ତି, ତହସିଲଦାର ଚୁପ ହୋଇ ବସିଛନ୍ତି । ଏହା ବିଷୟରେ ବାରମ୍ବାର ମିଡିଆରେ ଖବର ଆସୁଛି କିନ୍ତୁ ସରକାରୀ ବାବୁ ମାନେ ନିରବ, ।ଏହି ଜବର ଦଖଲର ମୁଖ୍ୟ ସହଯୋଗକାରୀ ରାଉରକେଲା ଶିକ୍ଷା ବିଭାଗ ଅଫିସ, ଏହି ଅଫିସରେ କିଛି ପଇସା ଦିଆଯାଇ ଶିକ୍ଷାନୁଷ୍ଠାନ ଥିବା ଦର୍ଶାଇ ରେକର୍ଡ ରଖିବା ଅତି ସହଜ ବ୍ୟାପାର, ଏହି ବ୍ୟକ୍ତିମଧ୍ୟ ନିଜର ଏକ ଶିକ୍ଷାନୁଷ୍ଠାନ ନାମ ଏଠାରେ ପଞ୍ଜିଂକରଣ କରାଇ ତା ନାମରେ ଯାଗା ଟିକୁ ମାଡି ବସିଛି ଓ ହାଇକୋର୍ଟରେ କିଛି କାରବାର କରିଛି ଓ ଆରାମରେ ଜାଗାଟିକୁ ଉପଭୋଗ କରିଚାଲିଛି ।ଖାଲି ଏହି ଜାଗା ନୁହେଁ ସହରରେ ଏହି ଭଳି ଶିକ୍ଷାନୁଷ୍ଠାନ ନାମରେ ବହୁତ ଲୋକ ସରକାରୀ ଯାଗା ମାଡି ବସିଛନ୍ତି , ଶିକ୍ଷା ବିଭାଗ ରାଉରକେଲା ଅଫିସରେ ବର୍ଷକୁ ଥରେ କିଛି ଦେଇ ଆସିଲେ ଅନୁଷ୍ଠାନ ରିନୁଆଲ ହୋଇ ସ୍କୁଲ ଚାଲିବା ଦେଖା ଚାଲିଛି ।ଫଳରେ ଏହି ଭଳି ସରକାରୀ ଜାଗା ମାନ ଦଖଲ ହୋଇଚାଲିଛି ।

# ଗ୍ରୀନ୍ ପାରାଦୀପ ଟ୍ରଷ୍ଟ ପକ୍ଷରୁ ବିଶ୍ୱ ପରିବେଶ ଦିବସ ପାଳିତ



ପାରାଦୀପ, ୫/୬ (ନି.ପ୍ର): ନବ ଗଠିତ ଗ୍ରୀନ୍ ପାରାଦୀପ ଟ୍ରଷ୍ଟ ପକ୍ଷରୁ ବୁଧବାର ଦିନ ବିଶ୍ୱ ପରିବେଶ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ସକାଳେ ନ୍ୟୁ କଲ୍ୟାଣ ମଣ୍ଡପ ନିକଟରେ ବୃକ୍ଷ ରୋପଣ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ପାରାଦୀପର ନଗରପାଳ ବସନ୍ତ ବିଶ୍ୱାଳ ଯୋଗ ଦେଇଥିଲେ । ଟ୍ରଷ୍ଟର ସଭାପତି ରାକେଶ କୁମାର ପଟ୍ଟନାୟକଙ୍କ ପ୍ରତ୍ୟକ୍ଷ ତତ୍ୱାବଧାନରେ ଅନୁଷ୍ଠିତ ଏହି ବୃକ୍ଷରୋପଣ କାର୍ଯ୍ୟକ୍ରମରେ ପାରାଦୀପର କାର୍ଯ୍ୟରତ ସାମ୍ବାଦିକଙ୍କ ସମେତ ଟ୍ରଷ୍ଟର ସଦସ୍ୟମାନେ ଯୋଗ ଦେଇ ପରିବେଶର ସୁରକ୍ଷା ପାଇଁ ଗୋଟିଏ ଗୋଟିଏ ଗଛ ଲଗାଇଥିଲେ। ପ୍ରକାଶଥାଉକି, ଚଳିତ ବର୍ଷ ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ଜନ୍ମ ଦିବସରେ ଗଠିତ ହୋଇଥିବା ଏହି ଟ୍ରଷ୍ଟ ପକ୍ଷରୁ ଅକ୍ଷୟ ତୃତୀୟାରେ ପାରାଦୀପ ଅନ୍ତେବାସୀଙ୍କୁ ଚାରା ବଣ୍ଟନ କରାଯାଇ ଥିଲା।

# କେନ୍ଦ୍ରାପଡ଼ା ଜିଲ୍ଲାରେ ବିଜୟୀ ପ୍ରାର୍ଥୀଙ୍କ ଭୋଟ ବ୍ୟବଧାନ: ସର୍ବାଧିକ ଭୋଟରେ ବିଜେପିର ଡ଼ଃ ଦୁର୍ଗା ନାୟକ ବିଜୟୀ

କେନ୍ଦ୍ରାପଡ଼ା, ୫/୬ (ନି.ପ୍ର): ଚଳିତ ନିର୍ବାଚନ ରେ କେନ୍ଦ୍ରାପଡା ଜିଲ୍ଲାରେ ୫ଟି ବିଧାନସଭା ମଧ୍ୟରୁ ବିଜେପି ଗୋଟିଏ ଓ ବିଜେଡି ୪ଟି ହାସଲ କରିଛି । ଆଳିର ବିଧାୟକ ତଥା ପୂର୍ବତନ ମନ୍ତ୍ରୀ ପ୍ରତାପ କେଶରୀ ଦେବ ନିଜର ଆସନ ବଜାୟ ରଖିଥିବା ବେଳେ ମହାକାଳପଡା ବିଧାୟକ ଅତନୁ ସବ୍ୟସାଚୀ ନାୟକ ପରାଜିତ ହୋଇଛନ୍ତି। ଲୋକସଭା ଆସନରେ ବିଜେଡି ପ୍ରାର୍ଥୀ ଅଂଶୁମାନ ମହାନ୍ତିଙ୍କୁ ବିଜେପିର ଲୋକସଭା ପ୍ରାର୍ଥୀ ବୈଜୟନ୍ତ ଜୟ ପଣ୍ଡା ୬୬ ହଜାର ୫୩୬ ଖଣ୍ଡ ଭୋଟରେ ପରାସ୍ତ କରି ବିଜୟୀ ହୋଇଥିବା ବେଳେ ଜିଲ୍ଲାର ଅନ୍ୟତମ ବରିଷ୍ଠ ମନ୍ତ୍ରୀ ତଥା ମହାକାଳପଡା ର ପୂର୍ବତନ ବିଧାୟକ ଶ୍ରୀ ଅତନୁ ସବ୍ୟସାଚୀ ନାୟକ ନିଜର ଦୁର୍ଗକୁ ବଂଚାଇ ବାରେ ଅସଫଳ ହୋଇଛନ୍ତି। ବିଜେପିର ବିଧାନସଭା ପ୍ରାର୍ଥୀ ଡ଼ଃ ଦୁର୍ଗା ପ୍ରସନ୍ନ ନାୟକ ସର୍ବାଧିକ ଭୋଟ ୩୩ ହଜାର ୫୨୬ ଖଣ୍ଡ ଭୋଟରେ ଶ୍ରୀ ଅତନୁଙ୍କୁ ପରାସ୍ତ କରି ବିଜୟୀ ହୋଇଛନ୍ତି। ମହାକାଳପଡା ର କଂଗ୍ରେସ ପ୍ରାର୍ଥୀ ତଥା ଜିଲ୍ଲା କଂଗ୍ରେସ ସଭାପତି ଲୋକନାଥ ମହାରଥୀ ମାତ୍ର ୩ ହଜାର ୪୨ ଖଣ୍ଡ ଭୋଟ ପାଇ ନିଜର ଅମାନତ ମଧ୍ୟ ବଂଚାଇ ବାରେ ଅସଫଳ ହୋଇଛନ୍ତି। ସେହିପରି ପାଟକୁରା ନିର୍ବାଚନ ମଣ୍ଡଳୀରେ ବିଜେଡି ପ୍ରାର୍ଥୀ ଅରବିନ୍ଦ ମହାପାତ୍ର ତାଙ୍କର ନିକଟତମ ବିଜେପି ପ୍ରାର୍ଥୀ ତେଜେଶ୍ୱର ପରିଡାଙ୍କୁ ୧୩ ହଜାର ୮୨୨ ଖଣ୍ଡ ଭୋଟରେ ପରାସ୍ତ କରି ବିଜୟ ହୋଇଥିବା ବେଳେ କଂଗ୍ରେସର ପ୍ରାର୍ଥୀ ରତିକାନ୍ତ କାନୁନଗୋ ମାତ୍ର ୧୨ ହଜାର ୮୦୦ ଖଣ୍ଡ ଭୋଟ ପାଇଛନ୍ତି। ଅନ୍ୟ ସ୍ୱାଧିନ ପ୍ରାର୍ଥୀ ଓ ଆପର ପ୍ରାର୍ଥୀ ସମାଜବାଦୀ ପାର୍ଟି, ବହୁଜନ ସମାଜ ପାର୍ଟି ଅତି ଶୋଚନୀୟ ଭାବରେ ପରାସ୍ତ ହୋଇଛନ୍ତି। ଏମାନେ ନିଜର ଅମାନତ ହାରାଇବାରୁ ମଧ୍ୟ ସଫଳ ହୋଇ ପାରି ନାହାଁନ୍ତି। ସେହିପରି କେନ୍ଦ୍ରାପଡା ବିଧାନସଭା ନିର୍ବାଚନ ମଣ୍ଡଳୀରେ ବିଜେଡି ର ଗଣେଶ୍ୱର ବେହେରା ତାଙ୍କ ନିକଟତମ ବିଜେପିର ପ୍ରତିଦ୍ୱନ୍ଦ୍ୱୀ ଗୀତାଞ୍ଜଳୀ ସେଠୀଙ୍କୁ ୩୫ ହଜାର ୪୧୮ ଖଣ୍ଡ ଭୋଟରେ ପରାସ୍ତ କରି ବିଜୟ ହୋଇଛନ୍ତି। ସେହିପରି କଂଗ୍ରେସର ପ୍ରାର୍ଥୀନୀ ପୂର୍ବତନ ବିଧାୟକ ସିପ୍ରା ମଲିକ ମାତ୍ର ୭ ହଜାର ୪୩୦ ଖଣ୍ଡ ଭୋଟ ପାଇ ପରାସ୍ତ ହୋଇ ନିଜର ଅମାନତ ହରାଇଛନ୍ତି। ସେହିପରି ଅନ୍ୟ ସ୍ୱାଧିନ ଦଳର କୌଣସି ସତା ନଥିବାର ଜଣାପଡିଛି। ଆଳିର ବିଜେଡିର ପ୍ରତାପ କେଶରୀ ଦେବ ନିଜର ପ୍ରତିଦ୍ୱନ୍ଦ୍ୱୀ ଜାତୀୟ କଂଗ୍ରେସର ଡ଼ଃ ଦେବସ୍ମିତା ଶର୍ମାଙ୍କୁ ୧୯ ହଜାର ୬୨୮ ଖଣ୍ଡ ଭୋଟରେ ପରାସ୍ତ କରି ବିଜୟ ହାସଲ କରିଛନ୍ତି । ଆଳିର ବିଜେପି ପ୍ରାର୍ଥୀ କୃଷ୍ଣଚନ୍ଦ୍ର ପଣ୍ଡା ୪୪ ଜାର ୮୫୨ ଖଣ୍ଡ ଭୋଟ ପାଇଛନ୍ତି । ସେହିପରି ରାଜନଗର ର ବିଜେଡିର ପ୍ରାର୍ଥୀ ଧ୍ରୁବ ଚରଣ ସାହୁ ତାଙ୍କର ନିକଟତମ ପ୍ରତିଦ୍ୱନ୍ଦ୍ୱୀ ବିଜେପିର ଲଳିତ କୁମାର ବେହେରାଙ୍କୁ ୧୮ ହଜାର ୨୪୧ ଖଣ୍ଡ ଭୋଟରେ ପରାସ୍ତ କରି ବିଜୟ ହୋଇଛନ୍ତି । କଂଗ୍ରେସର ଆଶୋକ କୁମାର ପ୍ରତିହାରି ୨୬ ହଜାର ୨୯୯ ଖଣ୍ଡ ପାଇଛନ୍ତି। ଅନ୍ୟ ସ୍ୱାଧିନ ପ୍ରାର୍ଥୀ ଅମାନତ ହରାଇ ଥିବା ସୂଚନା ମିଳିଛି ।

# ପତିବ୍ରତାର ସଂକଳ୍ପ



ଅନୁପମା ଭୂୟାଁ



ବିଭିନ୍ନ ପର୍ବପର୍ବାଣୀ ମଧ୍ୟରେ ସାବିତ୍ରୀ ବ୍ରତ ଅନ୍ୟତମ । ଜ୍ୟେଷ୍ଠମାସ ଅମାବାସ୍ୟା ତିଥିରେ ଏହା ପାଳନ କରାଯାଉଥିବାରୁ ସେ ଦିନଟି ସାବିତ୍ରୀ ଅମାବାସ୍ୟା ଭାବରେ ପରିଚିତ । ସଧବା ନାରୀମାନଙ୍କ ଦ୍ୱାରା ପାଳିତ ହେଉଥିବା ବ୍ରତଗୁଡ଼ିକ ମଧ୍ୟରୁ ଏହା ଏକ ଶ୍ରେଷ୍ଠ ବ୍ରତ । ସତୀ, ସାଧ୍ୱୀ ପତିବ୍ରତା ସାବିତ୍ରୀଙ୍କ ସ୍ମରଣ ସାଙ୍ଗକୁ ତାଙ୍କ ପନ୍ଥା ଅନୁସରଣ ହେଉଛି ସାବିତ୍ରୀ ବ୍ରତ ପାଳନର ମୂଳ ଲକ୍ଷ୍ୟ । ସଧବା ନାରୀ ପାଇଁ ତାର ସ୍ୱାମୀ ସର୍ବସ୍ୱ । ସାବିତ୍ରୀ ବ୍ରତ ପାଳନ କରି ନାରୀ ନିଜ ପତିଙ୍କ ଦୀର୍ଘାୟୁ କାମନା କରିଥାଏ । ସାବିତ୍ରୀ ବ୍ରତ କଥାରେ ଉଲ୍ଲେଖ ରହିଛି ଯେ ଜ୍ୟେଷ୍ଠ କୃଷ୍ଣ ଅମାବାସ୍ୟା ଦିନ ସାବିତ୍ରୀ ନାମ ସ୍ମରଣ କରି ଯେଉଁ ନାରୀ ପବିତ୍ର ମନରେ ସାବିତ୍ରୀ ବ୍ରତ କରିବ ସେ ନାରୀ ଜନ୍ମେ ଜନ୍ମେ ସଧବା ରହିବ ଓ ପତି ପରାୟଣ ହୋଇ ପୁତ୍ରବତୀ, ଧନବତୀ ହେବ ଏବଂ ଅନ୍ତିମ କାଳରେ ବୈକୁଣ୍ଠପ୍ରାପ୍ତି ହେବ । ବିଭିନ୍ନ ଅଞ୍ଚଳରେ ନାନା ବିଧିରେ ସାବିତ୍ରୀବ୍ରତ ପାଳନ ହୋଇଥାଏ । କେତେକ ସ୍ଥାନରେ ଶାଳପୁଆ ଥୋଇ ବଟମୂଳରେ, ଚଉରା ମୂଳରେ ପୂଜା କରାଯାଉଥିବା ବେଳେ ଆଉ କେତେକ ସ୍ଥାନରେ ସାବିତ୍ରୀ ମନ୍ଦିରରେ ପୂଜା କରାଯାଏ । ଏହି ବ୍ରତରେ ସାବିତ୍ରୀ ଦେବୀ, ଯମଦେବତା ଏବଂ ସତ୍ୟବାନଙ୍କୁ ପୂଜା କରାଯାଇଥାଏ । କେତେକ ସ୍ଥାନରେ ମଧ୍ୟ ସାବିତ୍ରୀ ଦେବୀ, ଯମଦେବତା ଏବଂ ସତ୍ୟବାନଙ୍କ ସହିତ ଲକ୍ଷ୍ମୀନାରାୟଣଙ୍କୁ ପୂଜା କରାଯାଇଥାଏ । ସାବିତ୍ରୀ ବ୍ରତ ପାଳନର ସ୍ୱତନ୍ତ୍ରତା ହେଉଛି ଏହି ପୂଜାରେ ଅଗ୍ନିଦ୍ୱାରା ସିଦ୍ଧ କୌଣସି ପଦାର୍ଥ ଠାକୁରଙ୍କୁ ନୈବେଦ୍ୟ ରୂପେ ଅର୍ପଣ କରଯାଏ ନାହିଁ । ବିଭିନ୍ନ ପ୍ରକାର ଫଳ ଓ ଧୁଆ ମୁଗ ହିଁ ଏଥିପାଇଁ ଦରକାର ହୋଇଥାଏ । ସାବିତ୍ରୀ ବ୍ରତ କଥାରୁ ଜଣାଯାଏ ଯେ ସ୍ତ୍ରୀମାନେ ଶୀଳପୁଆକୁ ପଞ୍ଚାମୃତରେ ଶୁଦ୍ଧପୂତ କରି ସ୍ନାନ କରାଇ ସାବିତ୍ରୀ ରୂପରେ ଥାପନ୍ତି । ଫୁଲଚନ୍ଦନ, ଧୂପ ଦୀପ ଓ ନୈବେଦ୍ୟ ତାଙ୍କଠାରେ ଅର୍ପଣ କରନ୍ତି । କଇଁ, କଳାମାଳି ଓ ନୂଆ ଲୁଗା ରଖାଯାଏ । ଆମ୍ବ, ପଣସ, ଖଜୁରୀ, ତାଳ, ନଡ଼ିଆ, ମୁଗ, ବତୁରା, ସପୁରୀ ପ୍ରଭୃତି ପୂଜା କରାଯାଏ । ଓଡ଼ିଆ ଘରେ ବୋହୂମାନେ ପାହାନ୍ତାରୁ ଉଠି ଗାଧୁଆ ସାରନ୍ତି ପାଟପଟନୀ ପରିଧାନ କରି ଶୁଦ୍ଧ ମନରେ ସାବିତ୍ରୀ ପୂଜାରେ ମନ ଦିଅନ୍ତି । ଉପବାସ ରୁହନ୍ତି । ପୂର୍ବ ରାତିରେ ମୁଗ ବତୁରାଇ ଥାଆନ୍ତି । ଅପରାହ୍ନରେ ପୂଜା ଶେଷ ହେଲେ ଗଜାମୁଗ, ତାଳ, ନଡ଼ିଆ, ଖଜୁରି, କୋଳି, ପଣସ, ଆମ୍ବ ଓ ସପୁରୀ ପ୍ରଭୃତି ଫଳ ଆହାର କରନ୍ତି ।

ଭାରତୀୟ ସଂସ୍କୃତିରେ ନାରୀର ସ୍ଥାନ ଅତି ଉଚ୍ଚରେ । ସେ ଏକାଧାରରେ ଜାୟା, ଜନନୀ ଓ ଭଗିନୀ । ଅଧିକାଂଶ ପୁରୁଷଙ୍କ ସଫଳତା ପଛରେ ଥାଏ ଜଣେ ଜଣେ ନାରୀଙ୍କ ପ୍ରେରଣା- ଏହା ବିଶ୍ୱରେ ପ୍ରତିଷ୍ଠିତ ବ୍ୟକ୍ତିଙ୍କ ଜୀବନୀ ଅନୁଧ୍ୟାନ କଲେ ଜଣାଯାଇଥାଏ । ପବିତ୍ରତା ଧର୍ମ ନାରୀର ଶ୍ରେଷ୍ଠ ଧର୍ମ । ସତୀ ଅନସୂୟା, ଜନକନନ୍ଦିନୀ ସୀତା, ମହାରାଣୀ ଶବ୍ୟା ଓ ସାବିତ୍ରୀ ପ୍ରତ୍ୟେକ ଆଦର୍ଶର ଜଣେ ଜଣେ ମୂର୍ତ୍ତିମନ୍ତ ପ୍ରତୀକ । ପରିବର୍ତ୍ତିତ ପରିସ୍ଥିତିରେ ବି ଏମାନେ ସମଗ୍ର ନାରୀ ସମାଜ ପାଇଁ ଆଦର୍ଶ ହୋଇ ରହିଛନ୍ତି । ପବିତ୍ରତା ଧର୍ମର ଶ୍ରେଷ୍ଠ ନିଦର୍ଶନ ଦେଖାଇଥିଲେ ସାବିତ୍ରୀ । ଏହାରି ବଳରେ ସେ ମୃତ୍ୟୁର ଦେବତା ଯମଙ୍କ କବଳରୁ ନିଜ ସ୍ୱାମୀଙ୍କୁ ବଞ୍ଚାଇବାରେ ଯେ ସମର୍ଥ ହୋଇଥିଲେ ତାହା ନୁହେଁ, ଶାଶୁ ଶଶୁରଙ୍କ ଦୃଷ୍ଟିଶକ୍ତି ସହ ତାଙ୍କର ଅପହୃତ ରାଜ୍ୟ ଫେରି ପାଇବାରେ ମଧ ସହାୟକ ହୋଇଥିଲେ ।

ମଦ୍ର ଦେଶର ରାଜା ଅଶ୍ୱପତିଙ୍କର କନ୍ୟା ଥିଲେ ସାବିତ୍ରୀ । ରୂପଗୁଣରେ ସାବିତ୍ରୀଙ୍କ ସମକକ୍ଷ କେହି ନଥିଲେ । ବିବାହଯୋଗ୍ୟ ବୟସରେ ରାଜା ତାଙ୍କୁ ନିଜେ ପତି ନିର୍ବାଚନ କରିବା ଭାର ଅର୍ପଣ କରିଥିଲେ । ସାବିତ୍ରୀ ବର ଭାବରେ ନିର୍ବାଚନ କରିଥିଲେ ରାଜ୍ୟ ଦ୍ୟୁମତ ସେନଙ୍କ ପୁତ୍ର ସତ୍ୟବାନଙ୍କୁ । ଦ୍ୟୁମତ ସେନ ଓ ତାଙ୍କ ସ୍ତ୍ରୀ ଚକ୍ଷୁହୀନ ହୋଇପଡ଼ିବାରୁ ଶତ୍ରୁମାନେ ତାଙ୍କୁ ରାଜ୍ୟରୁ ତଡ଼ିଦେଇ ରାଜଗାଦି ମାଡ଼ି ବସିଥିଲେ । ଏକମାତ୍ର ପୁତ୍ର ସତ୍ୟବାନ ଥିଲେ ସର୍ବଲକ୍ଷଣଯୁକ୍ତ, ସତ୍ୟନିଷ୍ଠ ତଥା ଧର୍ମପରାୟଣ । ପିତାଙ୍କ ନିକଟରେ ପତି ନିର୍ବାଚନ କଥା ସାବିତ୍ରୀ କହୁଥିବା ସମୟରେ ଜାଣିବାକୁ ପାଇଥିଲେ ସତ୍ୟବାନଙ୍କ ସ୍ୱଳ୍ପଆୟୁ ସମ୍ପର୍କରେ - ଏକବର୍ଷ ମଧରେ ମୃତ୍ୟୁ । କ୍ଷଣଆୟୁସମ୍ପନ୍ନ ସତ୍ୟବାନଙ୍କ ଠାରୁ ମନ ଫେରାଇଆଣି ଅନ୍ୟପତି ନିର୍ବାଚନ ପାଇଁ ଚାହିଁଥିଲେ ତାଙ୍କର ପିତାମାତା । ସାବତ୍ରୀ କିନ୍ତୁ ଥିଲେ ଦୃଢ଼ପ୍ରତୀଜ୍ଞ, ସଂକଳ୍ପବଦ୍ଧ । ମନଭିତରେ ଯାହାଙ୍କୁ ପତି ରୂପେ ବରଣ କରିଛନ୍ତି କୌଣସି ପରିସ୍ଥିତିରେ ତାଙ୍କୁ ଦୂରେଇ ଦେବାକୁ ସେ ଚାହିଁ ନଥିଲେ । ବିବାହ ନ କରିଥିଲେ ବି ମନେ ମନେ ତାଙ୍କୁ ସ୍ୱାମୀ ଭାବରେ ବରଣ କରିଥିଲେ । ଘୋର ଅନିଚ୍ଛା ସତ୍ତ୍ୱେ ପିତା ଅଶ୍ୱପତି ସତ୍ୟବାନଙ୍କ ସହ ତାଙ୍କର ବିବାହ କରାଇ ଦେଇଥିଲେ । ଜଙ୍ଗଲକୁ କାଷ୍ଠ ସଂଗ୍ରହ ପାଇଁ ପ୍ରତ୍ୟହ ଯାଉଥାନ୍ତି ସତ୍ୟବାନ । ସେଦିନ ଦ୍ୟୁମନ ସେନଙ୍କ ଅନୁମତି ନେଇ ସତ୍ୟବାନଙ୍କ ସହ ଜଙ୍ଗଲକୁ ଯାଇଥିଲେ ସାବିତ୍ରୀ । କାଷ୍ଠ ସଂଗ୍ରହ ବେଳେ ସତ୍ୟବାନ ଅବଶ ଓ କ୍ଳାନ୍ତ ହୋଇପଡ଼ିଲେ । ସେହିଠାରୁ ସତ୍ୟବାନ ପ୍ରାଣତ୍ୟାଗ କଲେ । ଯମଦୂତମାନେ ସାବିତ୍ରୀଙ୍କଠାରୁ ସତ୍ୟବାନଙ୍କୁ ନେବାରେ ଅସମର୍ଥ ହେବାରୁ ସ୍ୱୟଂ ଯମ ଦେବତା ଶେଷରେ ଆସି ପହଞ୍ଚିଥିଲେ । ଯମ ଦେବତା ସତ୍ୟବାନଙ୍କ ପ୍ରାଣହୀନ ପିଣ୍ଡକୁ ନେଇ ସ୍ୱର୍ଗଲୋକ ଯାତ୍ରା ସମୟରେ ସାବିତ୍ରୀ ତାଙ୍କର ପଶ୍ଚାତ୍‌ଧାବନ କଲେ । ତାଙ୍କର ଅଦ୍ଭୁତ ପବିତ୍ରତା, ସଂକଳ୍ପଶକ୍ତି, ଏକାଗ୍ରତା ଯମରାଜାଙ୍କୁ ମଧ ବିସ୍ମିତ କରିଦେଇଥିଲା । ଆୟୁଷ ପୂରିଯାଇଥିବା ସତ୍ୟବାନଙ୍କ ଜୀବନ ଭିକ୍ଷା ବ୍ୟତୀତ ତିନୋଟି ବର ମାଗିବାକୁ ସେ ସାବତ୍ରୀଙ୍କୁ କହିଥିଲେ । ବେଳେବେଳେ ଏପରି ସମୟ ଆସେ ମନୁଷ୍ୟ ତ ଛାର, ଦେବତାମାନେ ମଧ କିଂକର୍ତ୍ତବ୍ୟବିମୂଢ଼ ହୋଇ ନତି ସ୍ୱୀକାର କରିଥାନ୍ତି । ତାହାହିଁ ହୋଇଥିଲା । ମୃତ୍ୟୁର ଦେବତା ଯମରାଜ ପୁତ୍ର ସନ୍ତାନର ଜନନୀ ହେବା ବର ଯଚାରେ ସାବିତ୍ରୀ ଫେରି ପାଇଥିଲେ ସତ୍ୟବାନଙ୍କ ଜୀବନ । ଭକ୍ତି ଓ ଦୃଢ଼ସଂକଳ୍ପ ବଳରେ ଅସମ୍ଭବ କିପରି ସମ୍ଭବ ହୋଇଥାଏ, ତା'ର ନିଦର୍ଶନ ରଖିଯାଇଛନ୍ତି ସାବିତ୍ରୀ ଯୁଗଯୁଗକୁ ।

+'ସାଇବିଥି' ୭ଡ଼ି/୧୩୫୪, ସେକ୍ଟର-୯, ସିଡିଏ, କଟକ,

# ସାବିତ୍ରୀ ଓଷା

ଅଲେଖ ଚନ୍ଦ୍ର ସାମଲ

ବିଭିନ୍ନ ପର୍ବପର୍ବାଣୀ ମଧ୍ୟରେ ସାବିତ୍ରୀ ବ୍ରତ ଅନ୍ୟତମ । ଜ୍ୟେଷ୍ଠମାସ ଅମାବାସ୍ୟା ତିଥିରେ ଏହା ପାଳନ କରାଯାଉଥିବାରୁ ସେ ଦିନଟି ସାବିତ୍ରୀ ଅମାବାସ୍ୟା ଭାବରେ ପରିଚିତ । ସଧବା ନାରୀମାନଙ୍କ ଦ୍ୱାରା ପାଳିତ ହେଉଥିବା ବ୍ରତଗୁଡ଼ିକ ମଧ୍ୟରୁ ଏହା ଏକ ଶ୍ରେଷ୍ଠ ବ୍ରତ । ସତୀ, ସାଧ୍ୱୀ ପତିବ୍ରତା ସାବିତ୍ରୀଙ୍କ ସ୍ମରଣ ସାଙ୍ଗକୁ ତାଙ୍କ ପନ୍ଥା ଅନୁସରଣ ହେଉଛି ସାବିତ୍ରୀ ବ୍ରତ ପାଳନର ମୂଳ ଲକ୍ଷ୍ୟ । ସଧବା ନାରୀ ପାଇଁ ତାର ସ୍ୱାମୀ ସର୍ବସ୍ୱ । ସାବିତ୍ରୀ ବ୍ରତ ପାଳନ କରି ନାରୀ ନିଜ ପତିଙ୍କ ଦୀର୍ଘାୟୁ କାମନା କରିଥାଏ । ସାବିତ୍ରୀ ବ୍ରତ କଥାରେ ଉଲ୍ଲେଖ ରହିଛି ଯେ ଜ୍ୟେଷ୍ଠ କୃଷ୍ଣ ଅମାବାସ୍ୟା ଦିନ ସାବିତ୍ରୀ ନାମ ସ୍ମରଣ କରି ଯେଉଁ ନାରୀ ପବିତ୍ର ମନରେ ସାବିତ୍ରୀ ବ୍ରତ କରିବ ସେ ନାରୀ ଜନ୍ମେ ଜନ୍ମେ ସଧବା ରହିବ ଓ ପତି ପରାୟଣ ହୋଇ ପୁତ୍ରବତୀ, ଧନବତୀ ହେବ ଏବଂ ଅନ୍ତିମ କାଳରେ ବୈକୁଣ୍ଠପ୍ରାପ୍ତି ହେବ । ବିଭିନ୍ନ ଅଞ୍ଚଳରେ ନାନା ବିଧିରେ ସାବିତ୍ରୀବ୍ରତ ପାଳନ ହୋଇଥାଏ । କେତେକ ସ୍ଥାନରେ ଶାଳପୁଆ ଥୋଇ ବଟମୂଳରେ, ଚଉରା ମୂଳରେ ପୂଜା କରାଯାଉଥିବା ବେଳେ ଆଉ କେତେକ ସ୍ଥାନରେ ସାବିତ୍ରୀ ମନ୍ଦିରରେ ପୂଜା କରାଯାଏ । ଏହି ବ୍ରତରେ ସାବିତ୍ରୀ ଦେବୀ, ଯମଦେବତା ଏବଂ ସତ୍ୟବାନଙ୍କୁ ପୂଜା କରାଯାଇଥାଏ । କେତେକ ସ୍ଥାନରେ ମଧ୍ୟ ସାବିତ୍ରୀ ଦେବୀ, ଯମଦେବତା ଏବଂ ସତ୍ୟବାନଙ୍କ ସହିତ ଲକ୍ଷ୍ମୀନାରାୟଣଙ୍କୁ ପୂଜା କରାଯାଇଥାଏ । ସାବିତ୍ରୀ ବ୍ରତ



ପାଳନର ସ୍ୱତନ୍ତ୍ରତା ହେଉଛି ଏହି ପୂଜାରେ ଅଗ୍ନିଦ୍ୱାରା ସିଦ୍ଧ କୌଣସି ପଦାର୍ଥ ଠାକୁରଙ୍କୁ ନୈବେଦ୍ୟ ରୂପେ ଅର୍ପଣ କରଯାଏ ନାହିଁ । ବିଭିନ୍ନ ପ୍ରକାର ଫଳ ଓ ଧୁଆ ମୁଗ ହିଁ ଏଥିପାଇଁ ଦରକାର ହୋଇଥାଏ । ସାବିତ୍ରୀ ବ୍ରତ କଥାରୁ ଜଣାଯାଏ ଯେ ସ୍ତ୍ରୀମାନେ ଶୀଳପୁଆକୁ ପଞ୍ଚାମୃତରେ ଶୁଦ୍ଧପୂତ କରି ସ୍ନାନ କରାଇ ସାବିତ୍ରୀ ରୂପରେ ଥାପନ୍ତି । ଫୁଲଚନ୍ଦନ, ଧୂପ ଦୀପ ଓ ନୈବେଦ୍ୟ ତାଙ୍କଠାରେ ଅର୍ପଣ କରନ୍ତି । କଇଁ, କଳାମାଳି ଓ ନୂଆ ଲୁଗା ରଖାଯାଏ । ଆମ୍ବ, ପଣସ, ଖଜୁରୀ, ତାଳ, ନଡ଼ିଆ, ମୁଗ, ବତୁରା, ସପୁରୀ ପ୍ରଭୃତି ପୂଜା କରାଯାଏ । ଓଡ଼ିଆ ଘରେ ବୋହୂମାନେ ପାହାନ୍ତାରୁ ଉଠି ଗାଧୁଆ ସାରନ୍ତି ପାଟପଟନୀ ପରିଧାନ କରି ଶୁଦ୍ଧ ମନରେ ସାବିତ୍ରୀ ପୂଜାରେ ମନ ଦିଅନ୍ତି । ଉପବାସ ରୁହନ୍ତି । ପୂର୍ବ ରାତିରେ ମୁଗ ବତୁରାଇ ଥାଆନ୍ତି । ଅପରାହ୍ନରେ ପୂଜା ଶେଷ ହେଲେ ଗଜାମୁଗ, ତାଳ, ନଡ଼ିଆ, ଖଜୁରି, କୋଳି, ପଣସ, ଆମ୍ବ ଓ ସପୁରୀ ପ୍ରଭୃତି ଫଳ ଆହାର କରନ୍ତି ।

ପୌରାଣିକ ପୃଷ୍ଠଭୂମି ଅନୁସାରେ ସାବିତ୍ରୀ ମଦ୍ର ନରପତି ଅଶ୍ୱପତିଙ୍କର କନ୍ୟା ଏବଂ ସେ ଶାଲ୍ୱ ଦେଶାଧିପତି ଦ୍ୟୁମତ ସେନଙ୍କ ପୁତ୍ର ସତ୍ୟବାନଙ୍କୁ ବିବାହ କରିଥିଲେ । ରାଜ୍ୟ ହରାଇ ପିତାମାତାଙ୍କ ସହିତ ବଣରେ ରହୁଥିଲେ ସତ୍ୟବାନ । ବିବାହର ଏକ ବର୍ଷ ପରେ ସେ ମୃତ୍ୟୁବରଣ କରିବେ ବୋଲି ବିଧି ନିର୍ଦ୍ଦିଷ୍ଟ ଥିଲା । ତେଣୁ ବର୍ଷେ ପୂରିବାର ୩ ଦିନ ପୂର୍ବରୁ ସାବିତ୍ରୀ କଠୋର ଧ୍ୟାନରେ ବସିଲେ । ୪ର୍ଥ ଦିନ ଅର୍ଥାତ୍ ଯେଉଁ ଦିନ ସତ୍ୟବାନଙ୍କ ମୃତ୍ୟୁ ହେବାର ଥିଲା ସେ ଦିନ ଶାଶୁ ଶ୍ୱଶୁରଙ୍କୁ ପ୍ରଣାମ କରି ପତିଙ୍କୁ ଧରି ସାବିତ୍ରୀ ବଣକୁ ଗଲେ । ସେଠାରେ ସତ୍ୟବାନ କାଠ କାଟୁଥିବା ବେଳେ ମସ୍ତକରେ ପୀଡ଼ା ଅନୁଭବ କଲେ ଏବଂ ସାବିତ୍ରୀଙ୍କ କୋଳରେ ମସ୍ତକ ରଖି ଚିରଦିନ ପାଇଁ ଆଖି ବୁଜିଲେ । ଏହାପରେ ସ୍ୱୟଂ ଯମରାଜ ସେଠାରେ ପହଞ୍ଚି ସତ୍ୟବାନ ଶରୀରରୁ ଅଙ୍ଗୁଳି ପରିମିତ ଜୀବନକୁ ଫାସରେ ବାନ୍ଧି ଦକ୍ଷିଣାଭିମୁଖୀ ଯାତ୍ରା କରିବା ମାତ୍ରକେ ସାବିତ୍ରୀ ତାଙ୍କର ଅନୁଗମନ କଲେ । ଯମରାଜ ଯେତେ ବୁଝାଇଲେ ସେ ବୁଝିଲେ ନାହିଁ । ତେଣୁ ଯମତାଙ୍କୁ ସତ୍ୟବାନଙ୍କ ଜୀବନ ବ୍ୟତୀତ ଅନ୍ୟ ଯାହା ମାଗିଲେ ଦେବେ ବୋଲି କହିଲେ । ସାବିତ୍ରୀ କହିଲେ ମୋର ଅନ୍ଧ ଶ୍ୱଶୁରଙ୍କୁ ଚକ୍ଷୁଦାନ କରି ତେଜସ୍ୱୀ କରନ୍ତୁ । ଯମରାଜ ତଥାସ୍ତୁ କହିଲେ । ଶେଷରେ ସେ ନିଜ ପାଇଁ ଶହେ ପୁତ୍ର ମାଗିଲେ । ଯମରାଜ ତଥାସ୍ତୁ କହନ୍ତେ ବୁଦ୍ଧିମତୀ ସତୀ ସାବିତ୍ରୀ କହିଲେ ଆପଣତ ମୋର ପତିଙ୍କୁ ନେଇ ଯାଉଛନ୍ତି ମୁଁ ପୁତ୍ରବତୀ ହେବି କିପରି । ଶେଷରେ ସାବିତ୍ରୀଙ୍କ ପାଖରେ ପରାଜୟ ସ୍ୱୀକାର କରି ଯମରାଜ ସତ୍ୟବାନଙ୍କ ଜୀବନ ଫେରାଇ ଦେଇଥିଲେ । ସତ୍ୟବାନ ପୁନଃ ଜୀବନ ଲାଭ କରି ସାବିତ୍ରୀଙ୍କୁ ଧରି ଆଶ୍ରମକୁ ଫେରିଗଲେ ଏବଂ ପିତାଙ୍କ ଚକ୍ଷୁଲାଭ, ରାଜ୍ୟଲାଭ କରିଥିବା ଦେଖି ସମସ୍ତ କଥା ଶୁଣି ପତିବ୍ରତା ନାରୀର ପ୍ରଶଂସା କଲେ । ସତ୍ୟବାନ ସିଂହାସନରେ ବସିଲେ, ଶତପୁତ୍ର ଲାଭ କଲେ ଏବଂ ସାବିତ୍ରୀ ନାରୀ ଜଗତରେ ଚିରଦିନ ପୂଜ୍ୟା ଏବଂ ସ୍ମରଣୀୟ ହୋଇ ରହିଲେ । ଏହି ପତିବ୍ରତା ନାରୀଙ୍କୁ ସ୍ମରଣ କରିବା ପାଇଁ ପ୍ରତି ବର୍ଷ ପାଳିତ ହେଉଛି ସାବିତ୍ରୀ ଓଷା ।

+ଓଏଫଏସ-୧ (ଏସ.ବି.)
ପୂର୍ବତନ ଡିଏଫ୍‌ଓ , ପଲାଇ, ବାଲିଚନ୍ଦ୍ରପୁର, ଯାଜପୁର,
ଦୂରଭାଷ : ୯୪୩୭୨୫୭୧୨୩

# ସାବିତ୍ରୀ ବ୍ରତ



କାଳି ଦାସ

ଆମ ଦେଶର ମହିଳା ମାନେ ନିଜର ପରିବାରର ସୁଖ ଓ ସମୃଦ୍ଧି ପାଇଁ ଅହରହ ଚିନ୍ତା କରିଥାନ୍ତି। ଅନେକ ବ୍ରତ ଓ ଉପବାସ କରିବା ସହିତ ଅନେକ ମାନସିକ ମଧ କରି ଥାନ୍ତି।ସ୍ୱାମୀ ଓ ସନ୍ତାନ ମାନଙ୍କର ସୁଖ ଭିତରେ ନିଜର ଆନନ୍ଦ ଖୋଜିଥାନ୍ତି।

ସନ୍ତାନ ର ଦୀର୍ଘ ଜୀବନ ପାଇଁ ଦ୍ୱିତୀୟା ଓଷା କରିଥାନ୍ତି। ସେମିତି ସ୍ୱାମୀଙ୍କ ଦୀର୍ଘ ଜୀବନ କାମନା କରି ସାବିତ୍ରୀ ବ୍ରତ କରିଥାନ୍ତି। ଉତ୍ତର ଭାରତର ନାରୀମାନେ ସନ୍ତାନ ପାଇଁ ଛଟ ପୂଜା ଏବଂ ସ୍ୱାମୀ ପାଇଁ 'କରୱା ଚଉଥ' ଇତ୍ୟାଦି ବ୍ରତ ଓ ଉପବାସ କରିଥାନ୍ତି ।

ସାବିତ୍ରୀ ବ୍ରତ କେବଳ ଓଡିଶାରେ ନୁହେ ଭାରତର ବିଭିର୍ନ୍ନ ପ୍ରାନ୍ତରେ ପାଳନ କରାଯାଏ। ନେପାଳରେ ମଧ ମହିଳାମାନେ ସାବିତ୍ରୀ ବ୍ରତ ପାଳନ କରି ଥାନ୍ତି।

ଅନେକ ସ୍ଥାନରେ ବଟ ସାବିତ୍ରୀର ପ୍ରଚଳନ ରହିଛି । ମହିଳା ମାନେ ବର ଗଛ ପାଖରେ ପୂଜା କରି ଏବଂ ବରଗଛକୁ ପ୍ରଦକ୍ଷଣ କରି ସ୍ୱାମୀର ଦୀର୍ଘ ଜୀବନ କାମନା କରିଥାନ୍ତି। ସାବିତ୍ରୀ ବ୍ରତ ଜ୍ୟେଷ୍ଠ ମାସର ଆମବାସ୍ୟାରେ ପଡିଥାଏ।

ମହାଭାରତର ବନ ପର୍ବରେ ସାବିତ୍ରୀ ଓ ସତ୍ୟବାନଙ୍କ କାହାଣୀ ପଢିବାକୁ ମିଳେ। ସାବିତ୍ରୀ ଭାରତୀୟ ନାରୀର ଏକ ସୁନ୍ଦର ଦୃଷ୍ଟାନ୍ତ।

ଘରର ଝିଅଙ୍କୁ ଆମେ 'ଦୁହିତା' କହିଥାଉ। ଦୁହିତା ହେଉଛି ସିଏ ଯିଏ ଦୁଇ କୁଳ ପାଇଁ ହିତ ଚିନ୍ତା କରିଥାଏ। ସାବିତ୍ରୀ ଦୁଇକୁଳର ହିତ ପାଇଁ ଯମଙ୍କୁ ପ୍ରାଥନା କରିବା ଦେଖିବାକୁ ମିଳିଛି।

ମହାଭାରତର ବନ ପର୍ବରେ ଯୁଧିଷ୍ଠିର ମାର୍କଣ୍ଡେୟ ଋଷିଙ୍କ ସହିତ ବାର୍ତ୍ତାଳପ କଲାବେଳେ ନିଜର ଦୁର୍ଭାଗ୍ୟ ଓ ଦ୍ରୋପଦୀଙ୍କ ଦୁଃଖ ବିଷୟରେ ଜଣାଇଛନ୍ତି। ଯୁଧିଷ୍ଠିରଙ୍କୁ ଆଶ୍ୱାସନ ଦେବାକୁ ଯାଇ ମାର୍କଣ୍ଡେୟ ଋଷି ଶ୍ରୀ ରାମ ଓ ସୀତାଙ୍କ ବିଷୟ ରେ କହିଛନ୍ତି ତାପରେ ସାବିତ୍ରୀ ଓ ସତ୍ୟବାନଙ୍କ କାହାଣୀ ମଧ କହିଛନ୍ତି।

ସାବିତ୍ରୀ ନିଜସ୍ୱାମୀ ର ଜୀବନ ପାଇଁ ଯମପୁର ଯିବାପାଇଁ ମଧ ପଛ ଘୁଞ୍ଚା ଦେଇ ନାହାନ୍ତି।

ସବିତ୍ରୀଙ୍କ ବାପା ରାଜା ଅଶ୍ୱପତି ଏକ କ୍ଷମାଶୀଳ, ସତ୍ୟବାଦୀ ଏବଂ ଜିତେନ୍ଦ୍ରିୟ ମଣିଷ ଥିଲେ ।ରାଜା ଅଶ୍ୱପତିଙ୍କ କୌଣସି ସନ୍ତାନ ନଥିଲେ ରାଜା ଅଶ୍ୱପତି ପ୍ରତିଦିନ ଗାୟତ୍ରୀ ମନ୍ତ୍ରରେ ୧ ଲକ୍ଷ ଆହୁତି ଦେଇ ସାବିତ୍ରୀ ଦେବୀଙ୍କୁ ସନ୍ତୁଷ୍ଟ କରିଥିଲେ। ଦେବୀ ସାବିତ୍ରୀଙ୍କ ଆଶୀର୍ବାଦରୁ ରାଜା ଅଶ୍ୱପତିଙ୍କ ଯେଉଁ ଝିଅ ହୋଇଥିଲା ତା ନାମ ସାବିତ୍ରୀ ରଖିଥିଲେ। ସାବିତ୍ରୀ ଦେବୀଙ୍କ ଆଶୀର୍ବାଦରୁ କନ୍ୟା ସନ୍ତାନ ହୋଇଥିବାରୁ ତାଙ୍କ ନାମ ସାବିତ୍ରୀ ରଖାଗଲା ।

ସାବିତ୍ରୀଙ୍କ ବିବାହ ବୟସ ଆସିଲା ପରେ ରାଜା ଅଶ୍ୱପତି ଝିଅ ସାବିତ୍ରୀଙ୍କୁ ନିଜ ମନ ପସନ୍ଦର ବର ବାଛିବା ପାଇଁ ଆଦେଶ ଦେଇଥିଲେ।

ପୂର୍ବ କାଳରେ ଝିଅମାନଙ୍କର କେତେ ସ୍ୱାଧୀନତା ରହିଥିଲା ତାହା ଏଥିରୁ ଅନୁମାନ କରିହୁଏ। ଭାରତୀୟ ସମାଜ ରେ ଜଣେ ମହିଳା ନିଜର ସ୍ୱାଧୀନ ମତ ଦେବାପାଇଁ ମୁକ୍ତଥିଲା।

ସାବିତ୍ରୀ ଯେତେବେଳେ ନିଜ ବିବାହ ପାଇଁ ସତ୍ୟବାନଙ୍କୁ ମନୋନୀତ କରିଛନ୍ତି ସେତେବେଳେ ସତ୍ୟବାନଙ୍କ ପାଖରେ ପ୍ରାଚୁର୍ଯ୍ୟ କିମ୍ବା କ୍ଷମତା କିଛି ନଥିଲା। ସତ୍ୟବାନଙ୍କ ପିତା ଦ୍ୟୁମତସେନ ଅନ୍ଧ



ହୋଇ ଗଲାପରେ ତାଙ୍କ ଦେଶର ପଡୋଶି ରାଜା ମାନେ ଦ୍ୟୁମତସେନ ଶାସନ କରୁଥିବା ଶାଲବ ଦେଶକୁ ଆକ୍ରମଣ କରିଥିଲେ ଏବଂ ଦ୍ୟୁମତସେନଙ୍କୁ ରାଜ୍ୟ ଛାଡି ଜଙ୍ଗଲରେ ରହିବାକୁ ପଡିଥିଲା। ସତ୍ୟବାନ ସେହି ଜଙ୍ଗଲରେ ବଢିଛନ୍ତି।

ସାବିତ୍ରୀ ବିବାହ ପୂର୍ବରୁ ଜାଣିଥିଲେ ଯେ ସତ୍ୟବାନଙ୍କ ଆୟୁ ମାତ୍ର ଏକ ବର୍ଷ ରହିଛି। ତଥାପି ସିଏ ସତ୍ୟବାନକୁ ବିବାହ କରିଥିଲେ। ସାବିତ୍ରୀଙ୍କ ପିତା ଅଶ୍ୱପତି ସାବିତ୍ରୀଙ୍କୁ ଅନ୍ୟ କାହାକୁ ବିବାହ କରିବା ପାଇଁ କହିଲା ପରେ ମଧ ସାବିତ୍ରୀ ନିଜର ନିଷ୍ପତିକୁ ବଦଳାଇ ନଥିଲେ।

ବରବର୍ତ୍ତୀ ସମୟରେ ସତ୍ୟବାନଙ୍କ ଆୟୁ ପୂର୍ଣ୍ଣ ହେବା ସମୟ ନିକଟ ହେଲା ବେଳେ ସାବିତ୍ରୀ ତିନି ଦିନ ଧରି ଉପବାସ କରିଛନ୍ତି ଏବଂ ସତ୍ୟବାନ ଯେତେବେଳେ କାଠ ଓ ଫୁଲ ଆଣିବାକୁ ଜଙ୍ଗଲକୁ ଯାଇଛନ୍ତି ସେତେବେଳେ ସତ୍ୟବାନଙ୍କ ସହିତ ଯାଇଛନ୍ତି।

ସାବିତ୍ରୀ ସତ୍ୟବାନଙ୍କ ସହିତ ବଣକୁ ଯିବା ପୂର୍ବରୁ ଶାଶୁ ଶ୍ୱଶୁରଙ୍କଠାରୁ ଅନୁମତି ମାଗିଥିଲେ। ଏହା ପୂର୍ବରୁ ସାବିତ୍ରୀ ନିଜ ଶାଶୁ ଓ ଶ୍ୱଶୁରଙ୍କଠାରୁ କେବେ କିଛି ମାଗିନଥିଲେ ତେଣୁ ସାବିତ୍ରୀଙ୍କ ଶାଶୁ ଶ୍ୱଶୁର ସତ୍ୟବାନଙ୍କ ସହିତ ସାବିତ୍ରୀଙ୍କୁ ବଣକୁ ଯିବା ପାଇଁ ଆଜ୍ଞା ଦେଇଥିଲେ।

ସାବିତ୍ରୀ ସତ୍ୟବାନଙ୍କ ସହିତ ରହି ମୃତ୍ୟୁର ଆଗମନକୁ ଲକ୍ଷ କରୁଥିଲେ। ସତ୍ୟବାନ ଗଛରେ ଚଢି ଗଛ କାଟୁ କାଟୁ ନିଜକୁ ଅସୁସ୍ଥ ମନେ କରି ତଳକୁ ଓହ୍ଲାଇ ଆସିଲେ ଏବଂ ସାବିତ୍ରୀଙ୍କୁ ନିଜ ଅବସ୍ଥା ଜଣାଇଲେ।

ସାବିତ୍ରୀ ବୁଝିଲେ ମୃତ୍ୟୁ ନିକଟ ହେଲା। ସାବିତ୍ରୀ ସତ୍ୟବାନଙ୍କ ମୁଣ୍ଡକୁ ନିଜ କୋଳରେ ରଖି ବସିରହିଲେ। ଏହି ଘଟଣାର ଦୁଇଘଡି ପରେ ଜଣେ ଦିବ୍ୟ ପୁରୁଷ ସାବିତ୍ରୀଙ୍କ ଆଗରେ ଆସି ଉଭାହେଲେ।

ସାବିତ୍ରୀ ସତ୍ୟବାନଙ୍କ ମୁଣ୍ଡକୁ ଜମିରେ ରଖି ହାତ ଯୋଡି ଠିଆ ହୋଇ ଆଗନ୍ତୁଙ୍କ ପରିଚୟ ପଚାରିଲେ। ଏବଂ ଆଗନ୍ତୁଙ୍କ ନିଜକୁ ଯମ କହି ନିଜର ପରିଚୟ ଦେଲେ। ଆଗନ୍ତୁକ ଯମ ସତ୍ୟବାନଙ୍କ ଜୀବନ ନେବା ପାଇଁ ଆସିଛନ୍ତି ବୋଲି ମଧ କହିଲେ। ଯମ ସାବିତ୍ରୀଙ୍କୁ କହିଲେ ଯେ ସାବିତ୍ରୀ ପତିବ୍ରତା ଓ ତେଜସ୍ୱିନି ତେଣୁ ସାବିତ୍ରୀଙ୍କ ସହିତ ଯମ ବାର୍ତ୍ତାଳାପ କରିପାରିବେ।

ସାବିତ୍ରୀ ଯମଙ୍କୁ ପ୍ରଶ୍ନ କଲେ ଯେ ମଣିଷଙ୍କୁ ନେବା ପାଇଁ ଯମଦୂତ ଆସିଥାନ୍ତି ତାହେଲେ ସତ୍ୟବାନଙ୍କୁ ନେବାପାଇଁ ସ୍ୱୟଂ ଯମଙ୍କୁ କାହିଁକି ଆସିବାକୁ ପଡିଲା। ସାବିତ୍ରୀଙ୍କ ଏହି ପ୍ରଶ୍ନର ଉତ୍ତର ଦେବାକୁ ଯାଇ ଯମ କହିଲେ ଯେ ସତ୍ୟବାନ ଧର୍ମାତ୍ମା, ରୂପବାନ ଏବଂ ସଦଗୁଣର ସମୁଦ୍ର ତେଣୁ ସତ୍ୟବାନଙ୍କ ପ୍ରାଣ ନେବା ପାଇଁ ଯାମଦୂତଙ୍କର ଯୋଗ୍ୟତା ନାହିଁ।

ଏହାପରେ ଯମ ନିଜପାଶରେ ଆଙ୍ଗୁଠି ସମାନ ଜୀବକୁ ବାନ୍ଧି ସତ୍ୟବାନଙ୍କ ଶରୀରରୁ କାଢି ଦେଇ ଆଗକୁ ବଢିଲେ। ଯମଙ୍କ ପଛେ ପଛେ ସାବିତ୍ରୀ ମଧ ଚାଲିଲେ। ସାବିତ୍ରୀଙ୍କୁ ପଛେ ପଛେ ଆସୁଥିବା ଦେଖି ଯମ କହିଲେ ସାବିତ୍ରୀ ତୁ ବର୍ତ୍ତମାନ ଘରକୁ ଯା ଏବଂ ପତିର ଆନ୍ତ୍ୟେଷ୍ଟି କରେ। କାରଣ ବର୍ତ୍ତମାନ ତୁ ପତିର ଋଣରୁ ମୁକ୍ତ ହୋଇଗଲୁ।

ସାବିତ୍ରୀ କହିଲେ ଯେଉଁଠି ମୋର ପତି ଯାଉଛନ୍ତି ମୋର ଧର୍ମ ହେଲା ମୁ ମଧ ସେଠାକୁ ଯିବି। ତାସହିତ ସାତ ପାଦ ଯଦି ସାଥିରେ ଚାଲାଯାଏଁ ତାହେଲେ ଏକ ସମ୍ବନ୍ଧ ତିଆରି ହୋଇଯାଏ। ସେହି ସମ୍ବନ୍ଧ ଆପଣଙ୍କର ମୋର ଭିତରେ ହୋଇଛି ତେଣୁ ମୁଁ ସାଥିରେ ଯିବି ।

ଏହା ପରେ ଯମରାଜ ସାବିତ୍ରୀଙ୍କୁ ବର ମାଗିବା ପାଇଁ କହିଛନ୍ତି। ସାବିତ୍ରୀ ନିଜ ଶ୍ୱଶୁରଙ୍କ ଚକ୍ଷୁ ଏବଂ ରାଜ୍ୟ ମାଗିଛନ୍ତି। ଯମ ତଥାସ୍ତୁ କହି ଆଗକୁ ପଢିଛନ୍ତି ପୁଣି ପଛରେ ସାବିତ୍ରୀ ଚାଲିଛନ୍ତି। ଯମ ପୁଣି ସାବିତ୍ରୀଙ୍କୁ ବୁଝାଇ ସୁଝାଇ ଘରକୁ ଫେରାଇବାକୁ ଚେଷ୍ଟା କରିଛନ୍ତି ଏବଂ ସବିତ୍ରୀଙ୍କୁ ସତ୍ୟବାନଙ୍କ ଜୀବନ ଛଡା ଆଉ ଏକ ବର ମାଗିବା ପାଇଁ କହିଛନ୍ତି ସାବିତ୍ରୀ ନିଜ ପିତାଙ୍କ ପାଇଁ ଶହେ ପୁତ୍ର ମାଗିଛନ୍ତି ଏବଂ ଯମ ତଥାସ୍ତୁ କହିଛନ୍ତି।

ଏହାପରେ ସାବିତ୍ରୀ ପୁଣି ଯମରାଜଙ୍କ ପଛରେ ଚାଲିଛନ୍ତି। ସାବିତ୍ରୀ ଯମଙ୍କୁ କହିଛନ୍ତି ଆପଣ ବିବସ୍ୱାନଙ୍କର ତେଜସ୍ୱୀ ପୁତ୍ର ତେଣୁ ବିଦ୍ୱାନ ମାନେ ଆପଣଙ୍କୁ ବୈବସ୍ୱାନ କହନ୍ତି। ଆପଣ ଧର୍ମ ଅନୁସାରେ ଆଚାରଣ କରୁଥିବାରୁ ଆପଣଙ୍କୁ ଧର୍ମରାଜ କୁହାଯାଏ। ସାବିତ୍ରୀଙ୍କ ଏମିତି ବଚନ ଶୁଣି ଯମରାଜ ସାବିତ୍ରୀଙ୍କୁ ଅନ୍ୟ ଏକ ବର ପାଇଁ ଆଦେଶ ଦେଇଛନ୍ତି। ସେତେବେଳେ ସାବିତ୍ରୀ ସତ୍ୟବାନଠାରୁ ସତ୍ୟବାନଙ୍କ ପରି ସଦାଚାରୀ ବୀର ଶହେ ପୁତ୍ରର କାମନା କରିଛନ୍ତି ଏବଂ ଯମରାଜ ତଥାସ୍ତୁ କହିଛନ୍ତି ଏବଂ ଏହାପରେ ସତ୍ୟବାନଙ୍କ ଜୀବନ ଫେରାଇବାପାଇଁ ଯମ ବାଧ୍ୟ ହୋଇଛନ୍ତି । କଥୋପନୀଷଦରେ ମଧ ଆମେ ଯମ ଓ ନଚିକେତାଙ୍କ ଉପାଖ୍ୟାନ ପଢିଥାଉ। ମୃତ୍ୟୁ ଉପରେ ବିଜୟ ଲାଭ କରିବା ଏବଂ ସାବିତ୍ରୀଙ୍କର ସତ୍ୟବାନକୁ ଫେରି ପାଇବାପରି ଏକ ସୁନ୍ଦର ଦୃଷ୍ଟାନ୍ତ ସମସ୍ତ ନାରୀ ସମାଜକୁ ପ୍ରଭାବିତ କରିଛି ଏବଂ ସ୍ୱାମୀର ଦୀର୍ଘ ଜୀବନ ଓ ସୁସ୍ଥ ଜୀବନ କାମନା କରି ନାରୀମାନେ ସାବିତ୍ରୀ ବ୍ରତ ପାଳନ କରିଥାନ୍ତି।

ସାବିତ୍ରୀ ବଣରେ ତପସ୍ୱୀର ଜୀବନ ଅତିବାହିତ କରୁଥିଲେ। ସାବିତ୍ରୀ ବଣର ଫଳ ଓ ଫୁଲ ଦେଇ ପୂଜାଅର୍ଚ୍ଚନା କରିଥିଲେ। ଆଜି ମଧ ସାବିତ୍ରୀ ବ୍ରତ ପାଳନ କରୁଥିବା ନାରୀ ମାନେ ଏହି ସମୟର ଫଳ ଯଥା ଆମ୍ବ, ପଣସ, ଲିଚୁ, ଖଜୁରୀ, କଦଳୀ ଦେଇ ନୈବେଦ୍ୟ କରିଥାନ୍ତି।

ଲକ୍ଷ୍ମୀ ଓ ନାରାୟଣଙ୍କ ଉଦ୍ଦେଶ୍ୟରେ ଏବଂ ଯମଙ୍କ ଉଦ୍ଦେଶ୍ୟରେ ପୂଜା କରିଥାନ୍ତି। ନାରୀମାନେ ଏହି ଦିନ ଉପବାସରେ ରହିଥାନ୍ତି ଏବଂ ସବିତ୍ରୀଙ୍କ ଏହି କାହାଣୀପଢିଥାନ୍ତି ବା ଶୁଣିଥାନ୍ତି। ପୂଜା ସାରିବା ପରେ ସ୍ୱାମୀ ଏବଂ ଅନ୍ୟ ଘରର ଗୁରୁଜନଙ୍କ ଆଶୀର୍ବାଦ ନେଇଥାନ୍ତି।

+ବ୍ରହ୍ମପୁର, ଖୋଡ଼ାସିଙ୍ଗ କଳିଙ୍ଗନଗର
ମୋ: ୭୨୦୫୧୦୦୮୩୯

## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

## ମହାପର୍ବର ମହାନାୟକ...

ଗଣତନ୍ତ୍ରର ଜନନୀଙ୍କ ମହାପର୍ବ ଅଷ୍ଟାଦଶ ଲୋକସଭା ନିର୍ବାଚନର ଭାରତୀୟ ଗ୍ରୀଷ୍ମ ଋତୁର ଡହ ଡହ ଖରାରେ ସିଝି ସିଝି ଦୀର୍ଘ ଯାତ୍ରାରେ ଯୋଗ୍ୟ ବିବେଚିତ ୯୭ କୋଟି ଯାତ୍ରୀ ଅର୍ଥାତ୍ ଭୋଟରଙ୍କ ମଧ୍ୟରୁ ୬୪.୨ କୋଟି ଭୋଟର, ଯେଉଁମାନଙ୍କ ମଧ୍ୟରୁ ୩୧.୨ କୋଟି ଥିଲେ ମହିଳା, ଯାହା ୧୮୯୨ ମସିହାରେ ନ୍ୟୁଜିଲ୍ୟାଣ୍ଡରେ ମହିଳାମାନଙ୍କୁ ମତାଧିକାର ସାବ୍ୟସ୍ତ କରିବାର ଅଧିକାର ମିଳିବା ପରେ ଥିଲା ସର୍ବାଧିକ, ସେମାନଙ୍କ ମତଦାନ କରି ସାରିବା ପରେ ଜୁନ୍ ୧ ତାରିଖରେ ଘଟିଛି ପରିସମାପ୍ତି । ପରେ ପରେ ପ୍ରକାଶ ପାଇଥଲା ଏକ୍‌ଜିଟ୍ ପୋଲ୍ ବା ବୁଥ୍ ବାହୁଡ଼ା ଭୋଟରମାନଙ୍କ ମତାମତ ଆଧାରରେ ରାଜନୀତିକ ଦଳମାନଙ୍କ ସପକ୍ଷରେ ଯାଇଥିବା ଜନମତର ଫଳ। ପରନ୍ତୁ, ଏହା ପଶି ଯାଇଥଲା ବିବାଦରେ ; ଏମିତିକି କିଛି ରାଜନେତା ମଧ୍ୟ ଏହାର ପରିସମାପ୍ତି ଘଟାଇବା ନିମନ୍ତେ ଦାବି କରିଛନ୍ତି ଗଣମାଧ୍ୟମ ସାମ୍ନାରେ। ସେ ଯାହାହେଉ, ଫଳ ଏବେ ସମସ୍ତଙ୍କ ସମ୍ମୁଖରେ । ଏହା ପୂର୍ବରୁ ଅରୁଣାଚଳ ପ୍ରଦେଶ ଓ ସିକ୍କିମରେ ବିଧାନସଭା ନିର୍ବାଚନରେ ଭୋଟରମାନେ ସେମାନଙ୍କର ନିଜ ନିଜର ଆସ୍ଥା ପ୍ରକଟ କରି ସାରିଛନ୍ତି ସ୍ଥିତାବସ୍ଥା ଉପରେ। ତେବେ ଏସବୁର ସର୍ବାଧିକ ଶ୍ରେୟ ସେଇ ୬୪ କୋଟିରୁ ସାମାନ୍ୟ ଅଧିକ ଭୋଟରମାନଙ୍କର ଯେଉଁମାନେ ନିର୍ଦ୍ଦିଷ୍ଟ ଭାବରେ ଏକ ସର୍ବାଧିକ ଖରାର ଗରମ ଓ ଗୁଳୁଗୁଳିରେ ମତଦାନ କେନ୍ଦ୍ରମାନଙ୍କୁ ଆସି ଲମ୍ବା ଲମ୍ବା ଧାଡ଼ିରେ ଘଣ୍ଟା ଘଣ୍ଟା ଛିଡ଼ାହୋଇ ସେମାନଙ୍କର ପ୍ରତିନିଧିମାନଙ୍କୁ ବାଛିଛନ୍ତି । ଏଇ ଦୀର୍ଘ ପ୍ରକ୍ରିୟା ଭିତରେ କେତେକ ଅସୁବିଧା ମଧ୍ୟ ଦେଖିବାକୁ ମିଳିଥିଲା ଯେପରିକି କେତେକ ସ୍ଥାନରେ ଇଭିଏମ୍ ମେସିନ୍ ଅଚଳ ହେବା, ବିଦ୍ୟୁତ୍ ଶକ୍ତି ସରବରାହରେ ବ୍ୟାଘାତ ଏବଂ ଜନତାଙ୍କ ମଧ୍ୟରେ ହିଂସା ଇତ୍ୟାଦି ଯାହାକୁ ଅତିକ୍ରମ କରାଯାଇ ସାରିଛି। ଏସବୁ ପଛର କାରଣ ଯାହା ବି ଥାଉ ନା କାହିଁକି, ଏକଥା କିନ୍ତୁ ନିଃସନ୍ଦେହ ଯେ ଭାରତୀୟ ନିର୍ବାଚନଗୁଡ଼ିକ ବିଶ୍ୱର ସର୍ବାଧିକ ଅବାଧ ନିର୍ବାଚନ ଏବଂ କୌଣସି ଯୋଗ୍ୟ ଭୋଟର, ଯାହାଙ୍କର ଭୋଟର ତାଲିକାରେ ନାମ ରହିଛି, ତାଙ୍କ ଉପରେ ମତଦାନ ନ କରିବାକୁ ଚାପ ପକାଯାଇ ନାହିଁ । ନିର୍ବାଚନ ଉପରାନ୍ତ ମିଳିତ ବିରୋଧୀ ଦଳମାନେ ଏକ ଷଡ଼ଯନ୍ତ୍ର ତତ୍ତ୍ୱ ସମେତ କେନ୍ଦ୍ର ଗୃହମନ୍ତ୍ରୀ ଜିଲ୍ଲା ମାଜିଷ୍ଟ୍ରେଟ୍ ଏବଂ ଜିଲ୍ଲାପାଳମାନଙ୍କ ଉପରେ ଚାପ ପକାଇବାର ଅଭିଯୋଗ ଆଣିବା ପରିପ୍ରେକ୍ଷୀରେ ନିର୍ବାଚନ କମିଶନ (ଇସି) ଏକ ଅଭୂତପୂର୍ବ ଗଣମାଧ୍ୟମ ସମ୍ମିଳନୀ ଆହୂତ କରି ନିର୍ବାଚନ ପ୍ରକ୍ରିୟାର ଜଟିଳତା ସହିତ ଏହା ସମ୍ମୁଖରେ ଉଭା ହୋଇଥିବା ଆହ୍ୱାନ ସମୂହକୁ ବର୍ଣ୍ଣନା କରିବା ସଙ୍ଗେ ସଙ୍ଗେ ସମାଲୋଚନାଗୁଡ଼ିକର ଉତ୍ତର ପ୍ରଦାନ କରିଛନ୍ତି । ଇସି ପ୍ରଥମେ ପୋଷ୍ଟାଲ ବ୍ୟାଲଟ୍‌ଗୁଡ଼ିକର ଗଣତି କରାଯିବା ଏବଂ ତା'ର ୩୦ ମିନିଟ୍ ପରେ ଇଭିଏମ୍ ଭୋଟ୍‌ଗୁଡ଼ିକର ଗଣତି କରାଯିବା ସମ୍ପର୍କରେ ସୂଚାଇ ଦେଇ ଉତ୍ତମ କାର୍ଯ୍ୟଟିଏ କରିଛନ୍ତି। ତେବେ ଏହି ପଦ୍ଧତିକୁ ବ୍ୟବସ୍ଥା ପୂର୍ବରୁ ଅନୁସରଣ କରି ଆସିଛି, ଯେପରିକି ୨୦୧୯ରେ ମଧ୍ୟ ଏହା ହୋଇଥିଲା। ପରନ୍ତୁ, ବିରୋଧୀମାନେ ଏହାକୁ ନେଇ କାହିଁକି ଆଶଙ୍କା ପ୍ରକଟ କରିଛନ୍ତି, ତାହା ବୁଝିହୁଏ ନାହିଁ । ଭାରତୀୟ ଭୋଟିଂ ବ୍ୟବସ୍ଥା ଅତୀତର ବୁଥ୍ ଦଖଲ, ରିଗିଂ ଏବଂ ଭୋଟରମାନଙ୍କୁ ସେମାନଙ୍କ ମତଦାନ କରିବାରୁ ବିରତ କରିବା ନିମନ୍ତେ ହିଂସାକାଣ୍ଡ ଇତ୍ୟାଦି ଘଟାଇବାର ଦିନଗୁଡ଼ିକଠାରୁ ଢେର୍ ଆଗକୁ ଯାଇ ସାରିଛି । ତେବେ ଇସି ଯେଉଁଠି ନିର୍ବାଚନକୁ ନିରପେକ୍ଷ ଭାବରେ ପରିଚାଳନା କରିବାରେ ବିଫଳ ହୋଇଛନ୍ତି, ତାହା ହେଉଛି- ଘୃଣାତ୍ମକ ବକ୍ତବ୍ୟ ପ୍ରଦାନ ଏବଂ ଅନ୍ୟାନ୍ୟ ପ୍ରଚାରଜନିତ ଉଲ୍ଲଙ୍ଘନ ଯେଉଁଥିପାଇଁ ଏକ ଲୋହିତ ରେଖାଗୁଡ଼ିକ ନିର୍ଣ୍ଣୟ କରାଯିବାର ଆବଶ୍ୟକତା ରହିଥିଲା ଏବଂ ନିର୍ବାଚନ ପରିଚାଳନା ହୁଏତ ସେହି ଧରଣର ହେବା ଆଶା କରାଯାଉଥିଲା ଯାହା ହେଉଥିଲା । ମୁଖ୍ୟ ନିର୍ବାଚନ କମିଶନର (ସିଇସି) ଟିଏନ୍ ଶେଷାନ୍‌ଙ୍କ ସମୟରେ ଯିଏକି ଏହି ସଂସ୍ଥାକୁ ଏକ ସ୍ୱାଧୀନ ସାମ୍ବିଧାନିକ ସଂସ୍ଥା ଏବଂ କାହାକୁ ନୁହେଁ, ବରଂ ସମ୍ବିଧାନକୁ ଦେଖି ଚାଲିବାରେ ବିଶ୍ୱାସ କରୁଥିବା ସଂସ୍ଥା ରୂପରେ ପ୍ରତିଭାତ କରାଇ ଥିଲେ। ଏବେ ନିର୍ବାଚନ ଫଳାଫଳ ଗଣତି ପରେ ତେଣୁ ଇସିଆଇଙ୍କ ନିକଟରେ ଅନେକ କିଛି ଜିନିଷ ରହିବ ଚିନ୍ତା କରିବାକୁ ପରବର୍ତ୍ତୀ ସମୟର ପଦକ୍ଷେପଗୁଡ଼ିକ ପାଇଁ । ଇତି ମଧ୍ୟରେ ଭୋଟ୍ ଗଣତି ଆରମ୍ଭ ହୋଇ ଅନେକ ସ୍ଥାନରେ ଫଳାଫଳ ଜନସାଧାରଣଙ୍କ ସମ୍ମୁଖକୁ ଆସି ସାରିଛି, ଯଦିଓ ଭାରତୀୟ ନିର୍ବାଚନ କମିଶନଙ୍କର ଏହା ଉପରେ ମୋହର ମାରିବା ବାକି ରହିଛି । ତେବେ ବର୍ତ୍ତମାନ ସୁଦ୍ଧା ଯାହା ଜଣା ପଡ଼ିଛି ଲୋକସଭା ନିର୍ବାଚନରେ ବିଜେପି ନେତୃତ୍ୱାଧୀନ ଏନ୍‌ଡିଏ ଯଦିଓ ବିଜୟୀ ହୋଇ କେନ୍ଦ୍ରରେ ସରକାର ଗଠନ କରିବାକୁ ଯାଉଛି, ତେବେ କଂଗ୍ରେସ ନେତୃତ୍ୱାଧୀନ ଇଣ୍ଡିଆ ମେଣ୍ଟ ଏକ ଶକ୍ତିଶାଳୀ ବିରୋଧୀ ଦଳ ଭାବରେ ଉଭା ହେବାକୁ ଯାଉଛି, ଯାହା ଗଣତନ୍ତ୍ର ପାଇଁ ଏକ ଶୁଭ ସୂଚନା। ଓଡ଼ିଶାରେ ଚଳିତ ଥର ଏକ ନୂଆ ସରକାର ରୂପରେ ବିଜେପିକୁ ଦେଖିବାର ସମ୍ଭାବନା ଉଜ୍ଜ୍ୱଳ ହୋଇଥିବା ବେଳେ ଲୋକସଭା ଆସନ ମଧ୍ୟରୁ ଶାସକ ବିଜେଡି ଅମାନତ ହରେଇବା ଜନଅସନ୍ତୋଷର ସ୍ପଷ୍ଟ ପ୍ରତିଫଳନ କହିଲେ ଅତ୍ୟୁକ୍ତି ହେବନାହିଁ । ବିଧାନସଭା ନିର୍ବାଚନ ପୂର୍ବରୁ ରାଜ୍ୟର ମୁଖ୍ୟମନ୍ତ୍ରୀ ଶ୍ରୀଯୁକ୍ତ ନବୀନ ପଟ୍ଟନାୟକଙ୍କର ଅନେକ ଜନକଲ୍ୟାଣକାରୀ ଯୋଜନାର ଘୋଷଣା, ବିଶେଷକରି ମିଶନ୍ ଶକ୍ତି କାର୍ଯ୍ୟକ୍ରମକୁ ପର୍ଯ୍ୟାପ୍ତ ପ୍ରୋତ୍ସାହନ ଇତ୍ୟାଦି ତାଙ୍କର ଭାବମୂର୍ତ୍ତିକୁ ଅଧିକ ଚମକାଇ ଥିଲେ ସୁଦ୍ଧା ଏକ ରାଜ୍ୟର ଅସ୍ମିତା ଯେତେବେଳେ ବାଜିରେ ଲାଗିଯାଏ, ତାହା କିପରି ପରିଣତି ବହନ କରିଆଣେ, ଏହି ନିର୍ବାଚନ ତା'ର ପ୍ରତ୍ୟକ୍ଷ ଦୃଷ୍ଟାନ୍ତ ପାଲଟି ଗଲା । ମୋଟାମୋଟି କେନ୍ଦ୍ରରେ ଏବଂ ଓଡ଼ିଶାରେ ମହାନାୟକ ଭାବରେ ଶ୍ରୀଯୁକ୍ତ ନରେନ୍ଦ୍ର ମୋଦୀ ଉଭା ହୋଇଛନ୍ତି

## ଯୋଗଜନ୍ମା ଓ କର୍ମଯୋଗୀ 'ବିନୋଦ କାନୁନ୍ ଗୋ'

### ଡକ୍ଟର ଶରତ୍ ଚନ୍ଦ୍ର ମିଶ୍ର





ଅତୀତର ଯେଉଁ ବଡ଼ବଡ଼ ବୈଜ୍ଞାନିକ ଉଚ୍ଚକୋଟୀର ଆବିଷ୍କାର ବା ଉଦ୍ଭାବନ କରିଛନ୍ତି, ଯେଉଁ ମହାନ ଗଣିତଜ୍ଞ ଗଣ ଗଣିତର ଅନେକ ଗୂଢ଼ ରହସ୍ୟ ମାନ ଉନ୍ମୋଚନ କରିଛନ୍ତି ବା ନୂତନ ଦିଶା ଦେଖାଇଛନ୍ତି ବା ଯେଉଁ ସାହିତ୍ୟିକ ଗଣ ଅମର ସୃଷ୍ଟିମାନ ସୃଷ୍ଟି କରି ଯାଇଛନ୍ତି ସେମାନଙ୍କ ମଧ୍ୟରୁ ଅଧିକାଂଶ ଶିକ୍ଷାର ଉଚ୍ଚ ଡିଗ୍ରୀ ହାସଲ କରି ନାହାନ୍ତି ବା ବିଦ୍ୟାଳୟ ବା ବିଶ୍ୱବିଦ୍ୟାଳୟ ଗୁରୁ ଶିକ୍ଷା ବି ପାଇପାରି ନଥିଲେ । ସେମାନଙ୍କ ମଧ୍ୟରୁ ଅନେକ ଘରେ ପଢ଼ି ପଢ଼ି ବୈଜ୍ଞାନିକ, ସାହିତ୍ୟିକ ଅଥବା ଗାଣିତିକ ହୋଇପାରିଛନ୍ତି । ସେମାନଙ୍କ ଠାରେ ଥିଲା ଅଲୌକିକ ଦିବ୍ୟ ଦୃଷ୍ଟି, ଗଭୀର ଅଧ୍ୟୟନ ଓ ଅନୁଶୀଳନ ଓ କ୍ଷମତା ସର୍ବୋପରି ପ୍ରଗାଢ଼ ଆତ୍ମବିଶ୍ୱାସ । ଯେମିତିକି ବିଜ୍ଞାନ କ୍ଷେତ୍ରରେ ଜର୍ମାନୀର ଆଇନଷ୍ଟାଇନ୍ ଗଣିତ କ୍ଷେତ୍ରରେ ଭାରତର ରାମାନୁଜମ୍ ବା ସାହିତ୍ୟ କ୍ଷେତ୍ରରେ ଆମ ଓଡ଼ିଶାର କବି ସମ୍ରାଟ ଉପେନ୍ଦ୍ର ଭଞ୍ଜ ବା ସ୍ୱଭାବ କବି ଗଙ୍ଗାଧର ମେହେର ଇତ୍ୟାଦି। ସେମାନେ ଯଥୋଚିତ ଶିକ୍ଷା ନ ପାଇ ବି ସାରା ବିଶ୍ୱ ପାଇଁ ଜ୍ଞାନର ଆଲୋକ ବର୍ତ୍ତିକାଜାଳି ଦେଇଯାଇଛନ୍ତି ।

ସେହିଭଳି ଜଣେ ଯୋଗଜନ୍ମା ପୁରୁଷ ଥିଲେ ବିନୋଦ କାନୁନ୍‌ଗୋ । ସେ ତାଙ୍କ ଜୀବନରେ ଉଚ୍ଚ ଶିକ୍ଷା ପାଇ ନାହାନ୍ତି ସତ, ହେଲେ ଉତ୍କଳ ଭୂମି ପାଇଁ, ଓଡ଼ିଆ ସାହିତ୍ୟ ପାଇଁ 'ଜ୍ଞାନ ମଣ୍ଡଳ' ଭଳି ଯେଉଁ ଆଲୋକ ବର୍ତ୍ତିକା ଜାଳି ଦେଇଗଲେ ତାହା ଯୁଗ ଯୁଗ ଧରି ଓଡ଼ିଆ ଜାତିକୁ ଜ୍ଞାନଲୋକ ବିତରଣ କରୁଥିବ । ପୃଥିବୀରେ କେଉଁଠି ବି 'ଜ୍ଞାନ କୋଷ ଜଣେ ବ୍ୟକ୍ତିଙ୍କ ଦ୍ୱାରା ପ୍ରାଣୀତ ହୋଇନାହିଁ । ଜ୍ଞାନ କୋଷ (ଏନ୍‌ସାଇକ୍ଲୋପିଡ଼ିଆ) ପ୍ରଣୟନ ପାଇଁ ହଜାର ହଜାର ବିଶେଷଜ୍ଞଙ୍କର କଠୋର ସାଧନା, ପୁସ୍ତକ ପ୍ରଣୟନ ପାଇଁ କୋଟି କୋଟି ଅର୍ଥ ଓ ପୁସ୍ତକ ଓ ନଥିର ସଂରକ୍ଷଣ ପାଇଁ ଉପଯୁକ୍ତ ଘର ଓ ଆସବାବପତ୍ର। କିନ୍ତୁ ସେ ଥିଲେ ଏକ ବ୍ୟତିକ୍ରମ । ଏକାକୀ ଓଡ଼ିଆ ଜାତି ପାଇଁ, ଓଡ଼ିଆ ଭାଷା ପାଇଁ 'ଜ୍ଞାନ କୋଷ' ପ୍ରଣୟନର ଶପଥ ନେଇଥିଲେ ମନେ ମନେ । 'ଜ୍ଞାନ କୋଷର ପ୍ରଣୟନ ପାଇଁ ଯେଉଁ ବିଭାଗ ଅର୍ଥର ପ୍ରୟୋଜନ, ତାହା ତାଙ୍କଠାରେ ନଥିଲା । ଯେଉଁ ଗଭୀର ଜ୍ଞାନ ଓ ଶିକ୍ଷାର ଆବଶ୍ୟକତା ତାହା ବି ତାଙ୍କର ନଥିଲା । ହେଲେ ଥିଲା ଗଭୀର ଆତ୍ମବିଶ୍ୱାସ, କାର୍ଯ୍ୟ ସମ୍ପାଦନା ପାଇଁ କଠୋର ସଂଗ୍ରାମ ଓ ସାଧନାର ସଂକଳ୍ପ । ମାତ୍ର ଅପୂର୍ବ ରାତିରେ ଆରମ୍ଭ କଲେ କାର୍ଯ୍ୟ। 'ଜ୍ଞାନ କୋଷ' ନିଜେ ପ୍ରଣୟନ କରିବେ, ନିଜେ ଛାପିବେ ଓ ନିଜେ ବି ବିକିବେ । ଓଡ଼ିଶାରେ କାହିଁକି ବିଶ୍ୱରେ ଏ ପରି ସାହସୀ ବ୍ୟକ୍ତି ବିରଳ । ଉଚ୍ଚକୋଟୀରର ଦିବ୍ୟଦୃଷ୍ଟି ନଥିଲେ ଜଣେ ଏକାକୀ ଜ୍ଞାନକୋଷ ପ୍ରଚାର କରିବା ଅସମ୍ଭବ । ମାତ୍ର ନିଜର ଦୃଢ଼ ମନୋବଳ ଓ କଠୋର ସାଧନା ତାଙ୍କୁ ସଫଳତା ଶୀର୍ଷରେ ପହଞ୍ଚାଇ ଥିଲା ।

ଆଜି ସେହି କର୍ମଯୋଗୀ, ସ୍ଥିତିପ୍ରଜ୍ଞ, ପ୍ରଜ୍ଞାପୁରୁଷ ବିନୋଦ କାନୁନ୍‌ଗୋଙ୍କର ଜନ୍ମ ତିଥି । ସେଦିନ ଥିଲା ୧୯୧୨ ମସିହା ଜୁନ୍ ମାସ ଛଅ ତାରିଖ ଗୁରୁବାର । ପିତା ଯୋବଦ ଦେଙ୍କ ଔରସରୁ ଓ ମାତା ପୀର ଦେବୀଙ୍କ ଗର୍ଭରୁ କଟକ ଜିଲ୍ଲାର କିଶନ ନଗର ଅଞ୍ଚଳରେ ମଲ୍ଲୀପୁର ଗ୍ରାମରେ ଜନ୍ମିଥିଲା ଏକ ସୁପୁତ୍ର । ପିଲାଟି କ୍ରମେ ଚନ୍ଦ୍ରକଳା ପରି ବଢ଼ିବାକୁ ଲାଗିଲା । ପିଲାର ପାଠ ପଢ଼ା ପାଇଁ ୧୯୧୭ରେ ମାମୁଁ ଘର ଗାଁ ପାଟପୁରା ଥାନାର ନାମଣପୁରକୁ ଗଲେ । ମାମୁଁ ପଣ୍ଡିତ ପ୍ରଫେସର ଆର୍ତ୍ତବଲ୍ଲଭ ମହାନ୍ତିଙ୍କର ସେ ଥିଲେ ଏକମାତ୍ର ଭଣଜା । ୧୯୨୨ ମସିହାରେ କଟକ ଯାଇ ରେଭେନ୍ସା ଇଷ୍ଟ ହଷ୍ଟେଲରେ ମାମୁଁଙ୍କ ଠାରେ ରହିଲେ ଓ ରାଣୀହାଟ ମଇ ସ୍କୁଲରୁ ବୃତ୍ତି ପାଇଁ ପ୍ରସିଦ୍ଧ କଲିଜିଏଟ୍ ହାଇସ୍କୁଲରେ ପାଠ ପଢ଼ା ଆରମ୍ଭ କଲେ। ସେଠାରେ ତାଙ୍କର ଗୋପବନ୍ଧୁ ଦାସ ଓ ଗୋପାଳ ଚୌଧୁରୀଙ୍କ ସହ ସାକ୍ଷାତ ହୁଏ। ସେମାନଙ୍କ ସହ ମିଶି ଓ ଗାନ୍ଧୀଙ୍କ ଦ୍ୱାରା ଅନୁପ୍ରାଣିତ ହୋଇ ନବମ ପାଶ୍ ପରେ ପାଠପଢ଼ାରେ ଡୋରିବନ୍ଧା । ସେଦିନ ସେ ଦୃଢ଼ ଭାବରେ କହିଥିଲେ ଶପଥ ନେଇଥିଲେ 'ସ୍କୁଲ, ଛାଡ଼ିଲି ସିନା, ହେଲେ ପାଠ ପଢ଼ା ଛାଡ଼ିବି ନାହିଁ ।' ତାଙ୍କର ସଫଳ ପ୍ରଚେଷ୍ଟାରେ ସେ ଓଡ଼ିଆ ଜାତି ପାଇଁ ଏ ଅପୂର୍ବ କର୍ମ ସମ୍ପାଦନ କରି ଯାଇଛନ୍ତି ଓ ଓଡ଼ିଶାକୁ 'ଜ୍ଞାନ-ଯୁଗ' ଆଡ଼କୁ ଅଗ୍ରସର କରାଇଛନ୍ତି ।

ଲବଣ ସତ୍ୟାଗ୍ରହରେ ଯୋଗଦେଇ ନଭେମ୍ବର ୧୬ ତାରିଖ ୧୯୩୦ରେ ପ୍ରଥମେ ଜେଲ ଗଲେ । ସ୍କୁଲରୁ ନାମ କଟିଲା । ଗାନ୍ଧୀ- ହରଭଇନ୍ ଚୁକ୍ତି ଯୋଗୁଁ ୧୯୩୧ରେ କାରାମୁକ୍ତ । ୧୯୩୨ରେ ପୁଣି ଜେଲ । ଜେଲରେ ଅନେକ ସମୟ କାଟିଛନ୍ତି; ହେଲେ ପଢ଼ା ଛାଡ଼ି ନାହାନ୍ତି । ଜେଲରେ ମଧ୍ୟ ଟିପାଖାତାଟିଏ ଧରି ଆଚାର୍ଯ୍ୟ ହରିହର, ହରେକୃଷ୍ଣ ମହତାବ, ପଣ୍ଡିତ ଲିଙ୍ଗରାଜ ମିଶ୍ର ସହ କଥା ହେବା ବେଳେ ଟିପି ଚାଲନ୍ତି ଅନେକ କଥା । ସାହିତ୍ୟ, ବିଜ୍ଞାନ, ରାଜନୀତି, ଦର୍ଶନ, ପୁରାଣ ଆଦି ପଢ଼ନ୍ତି। ଅନ୍ୟମାନଙ୍କ ସହ ଆଲୋଚନା କରନ୍ତି ଓ ଲେଖିଚାଲନ୍ତି । ତିରିଶ ମସିହାଠାରୁ ଦେଶ ସ୍ୱାଧୀନ ହେବା ପର୍ଯ୍ୟନ୍ତ ଆନ୍ଦୋଳନ, ସଂଗ୍ରାମ, ଜେଲ, ଶିକ୍ଷା ଓ ସମାଜ ସେବା ଥିଲା ତାଙ୍କର ବ୍ରତ । ଘରେ ଥାଇ ବି ନଥିଲା ଭଳି । ଠିକ୍ ପଦ୍ମପତ୍ରରେ ପାଣି ପରି । ସ୍ୱାଧୀନତା ସଂଗ୍ରାମୀ ଶଶିବାଳା ଥିଲେ ପତ୍ନୀ । ଦୀପ୍ତି ନାମ୍ନି ଝିଅଟିଏ ଓ ପାବକ, ଦୀପକ ଓ ଆଲୋକ ନାମରେ ତିନିପୁଅ । ଗାଁ, ଜେଲ, ଆଶ୍ରମ, ଆନ୍ଦୋଳନ ସେହି ବହିପଢ଼ା ବି ନିୟମିତ ଚାଲେ । ଦିନଟିଏ ବି ପଢ଼ା ବନ୍ଦ ହୁଏନା । ଓଡ଼ିଶାରେ ମହାତ୍ମା ଗାନ୍ଧୀ ପଦଯାତ୍ରା କରିବା କାଳରେ ସେ ହୁଅନ୍ତି ଖବର-ସଂଚାରକ ଓ ଦୈନିକ 'ସମାଜ'ର ସମ୍ବାଦଦାତା । ଗାଁରେ କିଛିଦିନ ପାଇଁ ଗାନ୍ଧୀ-ନୀତିର ପରୀକ୍ଷା କରନ୍ତି । ଯଥା ଜାତି ପ୍ରଥା ଲୋକ, ଅରଟରେ ସୂତା କଟା, ମହୁଚାଷ, ଗୋପାଳନଓ ଚାଷବାସ ଇତ୍ୟାଦି । ସେଠାରେ 'କୃଷକ' ପତ୍ରିକାର ସମ୍ପାଦନା । ବରୀ ଆଶ୍ରମରେ କିଛିଦିନ ବିତାଇ 'ଜୀବନ -ଶିକ୍ଷା' ଲାଭ କରନ୍ତି । ଦେଶ ସ୍ୱାଧୀନ ହେଲେ ପୂର୍ବର ପଢ଼ା ପଢ଼ି ଓ ଲେଖା-ଲେଖି ଏବେ ତାଙ୍କର ତପସ୍ୟାର ରୂପ ନେଲ । ତପସ୍ୟାର ଫଳ ହେଉଛି 'ଜ୍ଞାନ ମଣ୍ଡଳ' । 'ଜ୍ଞାନ ମଣ୍ଡଳ' ପ୍ରଣୟନରେ ବିଜ୍ଞାନ, କଳା, ନୃତ୍ୟ, ସ୍ଥାପତ୍ୟ, ସଂଗୀତ, କ୍ରୀଡ଼ା ସମସ୍ତ ବିଷୟକୁ ସେ ଏକାକୀ ଲେଖିଛନ୍ତି। ତାଙ୍କର ତ କୌଣସି ଗୋଟିଏ ହେଲେ ବିଷୟରେ ବିଶେଷ ଜ୍ଞାନ ନଥିଲା । ହେଲେ ବିଭିନ୍ନ ବିଷୟକୁ ଭଲ ଭାବରେ ପଢ଼ି ତାହାକୁ ବୁଝି, ଚିନ୍ତନ ଓ ମନନ ପରେ ବେଶ୍ ସରଳ, ସାବଲୀଳ ଓ ହୃଦୟସ୍ପର୍ଶୀ। ତାଙ୍କ ପାଖରେ କିଛି ଅଲୌକିକ ପ୍ରତିଭା ନଥିଲେ ସେ ଏହି ମହାନ କାର୍ଯ୍ୟକୁ କେବେ ବି ଏକାକୀ କରି ପାରି ନଥାନ୍ତେ। ବିଶ୍ୱ କୋଷ 'ଜ୍ଞାନ ମଣ୍ଡଳ' ସହ ଅନବଦ୍ୟ ଆତ୍ମଜୀବନୀ 'ଋଣ ପରିଶୋଧ 'ପାଠ ପଛେ ପଛେ ଅପାଠୁଆ' ଓ ଶିଶୁମନ ଲାଖି ପ୍ରାୟ ତିରିଶରୁ ଅଧିକ ପୁସ୍ତକ ରଚନା କରି ଯାଇଛନ୍ତି । ତାଙ୍କର ସାମଗ୍ରୀକ ସାହିତ୍ୟ କୃତି ଓ ସାଧନାକୁ ସମ୍ମାନ ଜଣାଇ ୧୯୮୬ରେ ଭାରତ ସରକାର ତାଙ୍କୁ 'ପଦ୍ମଶ୍ରୀ ଉପାଧିରେ ସମ୍ମାନିତ କରିଛନ୍ତି । ସେହିପରି ଓଡ଼ିଆ ସାହିତ୍ୟର ସାରସ୍ୱତ ଭଣ୍ଡାରକୁ ତାଙ୍କର ଅବଦାନ ଅମୂଲ୍ୟ ଓ ଅତୁଳନୀୟ ହୋଇଥିବାରୁ ୧୯୮୦ରେ ଓଡ଼ିଶା ସାହିତ୍ୟ ଏକାଡେମୀ ତାଙ୍କର ସୃଷ୍ଟି 'ଛାତିକୁ ପଥର କରି' ପାଇଁ ପୁରସ୍କାର ପ୍ରଦାନ କରିଛନ୍ତି ।ତାଙ୍କର ସରଳ ବେଶ ପୋଷାକ ମଧ୍ୟରେ ଉଚ୍ଚ ଚିନ୍ତାଧାରା ଓ ବିକଶିତ ବ୍ୟକତିତ୍ୱ ମହାତ୍ମା ଗାନ୍ଧୀଙ୍କ ଠାରୁ ଆରମ୍ଭ କରି ଓଡ଼ିଶାର ପ୍ରତ୍ୟେକ ନେତା, ସାହିତ୍ୟିକ ଓ ବିଜ୍ଞ ମନକୁ ବେଶ୍ ଆକର୍ଷିତ କରିଥିଲା। ଜ୍ଞାନ- ବିଜ୍ଞାନକୁ ଓଡ଼ିଆ ଶବ୍ଦ ସଂଯୋଜନା ଦ୍ୱାରା ଗଦ୍ୟ ସାହିତ୍ୟରେ ଅନେକ ପୁସ୍ତକ ରଚନା ସହ 'ଜ୍ଞାନ ମଣ୍ଡଳ' ପରି କୋଣାର୍କ ସୃଷ୍ଟିରେ ସେ ଜଣେ ଅନନ୍ୟ ତଥା ଅପୂର୍ବ ବିନ୍ଧାଣି । ନିଜ ଶରୀର, ନିଜର ସ୍ୱାସ୍ଥ୍ୟ, ନିଜ ପରିବାର ପ୍ରତି ଦୃଷ୍ଟି ନଦେଇ ଦିନକୁ ଅଠର ଘଣ୍ଟା ପରିଶ୍ରମ କରି ନିଜର ଦେଶ ପାଇଁ, ନିଜର ଜାତି ପାଇଁ ଓ ନିଜର ଭାଷା ପାଇଁ ଯେଉଁ ମହାନ ତ୍ୟାଗ କରି ଯାଇଛନ୍ତି ତାହାର ପଟାନ୍ତର ନାହିଁ। ସେହି ମହାନ ବ୍ୟକ୍ତିଙ୍କର ୧୯୯୦ ମସିହା ଜୁନ୍ ମାସ ବାଇଶ୍ ତାରିଖରେ ମହାପ୍ରୟାଣ ଘଟିଲା। ହେଲେ ସେ ଯେଉଁ 'ଜ୍ଞାନର କୋଣାର୍କ' ଓଡ଼ିଆ ଜାତିଠାରେ ଥୋଇ ଦେଇ ଯାଇଛନ୍ତି ତାହା ତାଙ୍କୁ ଯୁଗ ଯୁଗକୁ ଅମର କରି ରଖିବ । ସେହି ଜ୍ଞାନ ତପସ୍ୱୀଙ୍କ ୧୧୨ ତମ ଜୟନ୍ତୀ ଅବସରରେ ତାଙ୍କ ପାଦ ପଦ୍ମରେ ସଶ୍ରଦ୍ଧ ଶ୍ରଦ୍ଧାଞ୍ଜଳି ।


ପ୍ରଜ୍ଞାନୀଡ଼

(ବସନ୍ତ ବିହାର) ଶୋଭାରାମପୁର,

ବାଲେଶ୍ୱର-୭୫୬୦୦୧

ମୋ: ୮୮୯୫୯୮୮୮୮୪


## ସାବିତ୍ରୀ-ସତ୍ୟବାନ ଉପାଖ୍ୟାନ

### ବେହୁଲା ପଟ୍ଟନାୟକ



ମହାଭାରତର ବନ ପର୍ବରେ ସାବିତ୍ରୀ ସତ୍ୟବାନ ଉପାଖ୍ୟାନ ବର୍ଣ୍ଣନା କରାଯାଇଛି । ସ୍କନ୍ଦ ପୁରାଣ, ଭବିଷ୍ୟ ପୁରାଣରେ ଏହି ବ୍ରତର ମହିମା ବର୍ଣ୍ଣିତ । ଏକାଦଶ ଶତାବ୍ଦୀରେ ସ୍ମୃତିକାର ଗଦାଧର ରାଜଗୁରୁଙ୍କ ଗ୍ରନ୍ଥରେ ଏହାର ବର୍ଣ୍ଣନା ଦେଖିବାକୁ ମିଳେ । ଜ୍ୟେଷ୍ଠମାସ ଅମାବାସ୍ୟା ଦିନ ଏହି ବ୍ରତ ପାଳିତ ହୋଇଥାଏ । କୁହାଯାଏ ଯେ ସୃଷ୍ଟିକର୍ତ୍ତା ବ୍ରହ୍ମାଙ୍କ ପତ୍ନୀ ସାବିତ୍ରୀ ପ୍ରଥମେ ଏହି ବ୍ରତ ପାଳନ କରିଥିଲେ । ସେ ଏହି ବ୍ରତରେ ଲକ୍ଷ୍ମୀନାରାୟଣଙ୍କ ପୂଜାର୍ଚ୍ଚନା କରିଥିଲେ । ମହାଭାରତରେ ବର୍ଣ୍ଣିତ ସାବିତ୍ରୀ ଉପାଖ୍ୟାନ ଅନୁସାରେ ଏକଦା ଧର୍ମରାଜ ଯୁଧିଷ୍ଠିର ଭଗବାନ ଶ୍ରୀକୃଷ୍ଣଙ୍କୁ ପଚାରିଲେ - 'ହେ ମାଧବ, ସଂସାରରେ କେଉଁ ବ୍ରତ ନାରୀମାନଙ୍କ ପାଇଁ ଶ୍ରେଷ୍ଠ ? ଭଗବାନ ଶ୍ରୀକୃଷ୍ଣ ଉତ୍ତର ଦେଇଥିଲେ - ହେ ଧର୍ମରାଜ, ପତିବ୍ରତା ନାରୀ ପାଇଁ ସାବିତ୍ରୀ ବ୍ରତ ସମ୍ପର୍କରେ ପଚାରିବାରୁ ସେ ତାହାର ମହିମା ସମ୍ପର୍କରେ ବର୍ଣ୍ଣନା କରିଥିଲେ ।

ସତ୍ୟ ଯୁଗରେ ଅଶପତି ନାମରେ ଜଣେ ରାଜା ଥିଲେ । ତାଙ୍କ ପରି ଧନୀ, ପ୍ରଜାବତ୍ସଳ, ଧାର୍ମିକ ଓ ଯଶସ୍ୱୀ ରାଜା କେହି ନଥିଲେ । ରାଜକୀୟ ବିଳାସବ୍ୟସନରେ ଥାଇ ସୁଦ୍ଧା ତାଙ୍କର ଗୋଟିଏ ଅଭାବ ଥିଲା । ତାଙ୍କର କୌଣସି ପୁତ୍ର କନ୍ୟା ନଥିଲେ । ସେଥିପାଇଁ ରାଜା ଅଶ୍ୱପତି ଗଭୀର ଦୁଃଖ ମଧ୍ୟରେ ଜୀବନଯାପନ କରୁଥିଲେ । ଏକଦା ଜଣେ ଋଷି ତାଙ୍କରି ଆତିଥ୍ୟ ଗ୍ରହଣ କରି ପରମତୃପ୍ତି ଲାଭ କଲେ । ସେ ଧ୍ୟାନ ବଳରେ ରାଜାଙ୍କର ଦୁଃଖ ଜାଣିପାରିଲେ । ତାଙ୍କ ଭାଗ୍ୟରେ ପୁତ୍ର ସନ୍ତାନ ଯୋଗ ନଥିବାରୁ ଋଷିଜଣଙ୍କ କନ୍ୟାପ୍ରାପ୍ତି ନିମନ୍ତେ ଆଶୀର୍ବାଦ ପ୍ରଦାନ କରିବା ସହ ସାବିତ୍ରୀ ମନ୍ତ୍ର ଜପ କରିବାର ଉପାୟ ବତାଇଦେଲେ । ଏହି ମନ୍ତ୍ରର ପ୍ରଭାବରେ ରାଜା ଅଶ୍ୱପତିଙ୍କ ଔରସରୁ ପରମ ରୂପସୀ, ଗୁଣବତୀ, ସର୍ବଗୁଣସମ୍ପନ୍ନା କନ୍ୟା ଜନ୍ମ ହେଲା । ସାବିତ୍ରୀ ମନ୍ତ୍ରର ପ୍ରଭାବରେ କନ୍ୟା ରତ୍ନଟି ଜନ୍ମଲାଭ କରିଥିବାରୁ ତାର ନାମ ସାବିତ୍ରୀ ରଖାଯାଇଥିଲା । କ୍ରମେ ସାବିତ୍ରୀ ଯୌବନାବସ୍ଥାରେ ପାଦ ଦେଲେ । ତାଙ୍କ ବିବାହ ଲାଗି ସ୍ୱୟଂବରର ଆୟୋଜନ କରାଗଲା । ହେଲେ କୌଣସି ରାଜକୁମାର ସାବିତ୍ରୀଙ୍କ ପସନ୍ଦ ଯୋଗ୍ୟ ହେଲେନାହିଁ । ଏକଦା ସେ ବନ ଭ୍ରମଣରେ ଯାଇଥିବା ବେଳେ ଜଣେ ଋଷି କୁମାରଙ୍କୁ ଦେଖି ସାବିତ୍ରୀ ବିମୋହିତ ହୋଇପଡ଼ିଲେ । ମନେ ମନେ ତାଙ୍କୁ ପତି ରୂପରେ ବରଣ କରିନେଲେ । ଥରେ ଦେବର୍ଷି ନାରଦ ଅଶ୍ୱପତିଙ୍କ ରାଜ ଦରବାରକୁ ଯାଇଥାଆନ୍ତି । ସାବିତ୍ରୀ ତାଙ୍କୁ ବନ ମଧ୍ୟରେ ଦେଖିଥିବା ଋଷି କୁମାରଙ୍କ ସମ୍ପର୍କରେ ପଚାରିଲେ । ନାରଦ କହିଲେ ଋଷି କୁମାର ଜଣଙ୍କ ହେଉଛନ୍ତି ଅନ୍ଧନ୍ତୀର ଅନ୍ଧରାଜା ଦ୍ୟୁମତସେନଙ୍କ ପୁତ୍ର ସତ୍ୟବାନ । ରାଜା ଦ୍ୟୁମତସେନ ନିଜ ରାଜ୍ୟରୁ ବିତାଡ଼ିତ ହୋଇ ସପରିବାର ଅରଣ୍ୟରେ ବାସ କରୁଛନ୍ତି । କିନ୍ତୁ ସତ୍ୟବାନଙ୍କ ଆୟୁଷ ଆଉ ମାତ୍ର ଏକ ବର୍ଷ ବାକି ଅଛି । ହେଲେ ସାବିତ୍ରୀ ତାଙ୍କୁ ବିବାହ କରିବେ ବୋଲି ଜିଦ୍ ଧରିଲେ । ସେ ନାରଦଙ୍କୁ କହିଲେ ଯେ ଥରେ ମନ ଅନ୍ୟ ଜଣଙ୍କ ପ୍ରତି ଆକୃଷ୍ଟ ହୋଇଗଲା ପରେ ପୁଣି ମନ ବଦଳାଇବା ସତୀତ୍ୱ ବିରୁଦ୍ଧ ।

ପରେ ନାରଦଙ୍କ ମଧ୍ୟସ୍ଥତାରେ ଏକ ଶୁଭଲଗ୍ନରେ ସାବିତ୍ରୀ ଓ ସତ୍ୟବାନଙ୍କ ବିବାହ ସମ୍ପନ୍ନ ହେଲା । ସାବିତ୍ରୀ ଅରଣ୍ୟରେ ଶାଶୂଶ୍ୱଶୁରଙ୍କ ସେବା କରି ରହିଲେ । ତାଙ୍କ ସ୍ୱାମୀ ସତ୍ୟବାନ ଜଙ୍ଗଲରୁ କାଠ ସଂଗ୍ରହ କରି ପରିବାର ପ୍ରତିପୋଷଣ କରୁଥିଲେ । ଏମିତି ସାବିତ୍ରୀଙ୍କ ବୈବାହିକ ଜୀବନ ହସଖୁସିରେ ବିତିଗଲା । କ୍ରମେ ସତ୍ୟବାନଙ୍କ ମୃତ୍ୟୁ ଦିନ ଉପଗତ ହେଲା । ସତ୍ୟବାନଙ୍କ ମୃତ୍ୟୁ ଦିନର ତିନି ଦିନ ପୂର୍ବରୁ ସାବିତ୍ରୀ ଶାଶୂ, ଶ୍ୱଶୁରଙ୍କ ପରାମର୍ଶକ୍ରମେ ଲକ୍ଷ୍ମୀନାରାୟଣ ବ୍ରତ ପାଳନ କଲେ । ଯେଉଁ ଦିନ ସତ୍ୟବାନ କାଳ ପୂରିବ ସେଦିନ ସାବିତ୍ରୀ ସତ୍ୟବାନଙ୍କ ସହ ବନକୁ ଗଲେ । ସତ୍ୟବାନ କାଠ ହାଣୁଥିବା ବେଳେ ହଠାତ୍ ତାଙ୍କର ମୁଣ୍ଡ ବୁଲାଇ ହେଲା । ସେ ସାବିତ୍ରୀଙ୍କ କୋଳରେ ଶୋଇ ସଂଜ୍ଞାହୀନ ହୋଇପଡ଼ିଲେ । ଅନ୍ୟପଟେ ଯମାଳୟରୁ ରାଜା ଯମ ନିଜ ଦୂତମାନଙ୍କୁ ସତ୍ୟବାନଙ୍କ ପ୍ରାଣଶକ୍ତିକୁ ଆଣିବା ଲାଗି ପଠାଇଲେ । କିନ୍ତୁ ଯମଦୂତମାନେ ସାବିତ୍ରୀଙ୍କ ସତୀତ୍ୱ ଶକ୍ତି ନିକଟରେ ପରାଜୟ ବରଣ କରି ଫେରିଗଲେ । ବାଧ୍ୟ ହୋଇ ଯମରାଜା ନିଜେ ମଇଁଷ ପୃଷ୍ଠରେ ବସି ସତ୍ୟବାନଙ୍କ ପ୍ରାଣଶକ୍ତିକୁ ନେବା ଲାଗି ସାବିତ୍ରୀଙ୍କ ନିକଟରେ ପହଞ୍ଚିଲେ ଏବଂ ସାବିତ୍ରୀଙ୍କ ସ୍ୱାମିଭକ୍ତିକୁ ପ୍ରଶଂସା କଲେ । ଯମରାଜା ସତ୍ୟବାନଙ୍କ ପ୍ରାଣଶକ୍ତିକୁ ନେଇ ଯାଉଥିବା ବେଳେ ସାବିତ୍ରୀ ତାଙ୍କ ପଛରୁ ଅନୁସରଣ କଲେ । ସାବିତ୍ରୀଙ୍କ ପତିଭକ୍ତିରେ ସନ୍ତୁଷ୍ଟ ହୋଇ ଯମରାଜ ଦୁଇଟି ବର ପ୍ରଦାନ କଲେ । ସାବିତ୍ରୀ ପ୍ରଥମ ବରରେ ଶ୍ୱଶୁରଙ୍କ ଚକ୍ଷୁଲାଭ ଓ ରାଜ୍ୟ ପ୍ରାପ୍ତି ଆଦାୟ କରିନେଲେ । ଦ୍ୱିତୀୟ ବରରେ ପିତାଙ୍କର ପୁତ୍ର ଲାଭ ପାଇଁ ଆଶୀର୍ବାଦ ଭିକ୍ଷା କଲେ । ଏହା ସତ୍ତ୍ୱେ ସାବିତ୍ରୀ ନିଜ ମନକୁ ସ୍ଥିର କରି ରଖିପାରିଲେ ନାହିଁ । ସେ ମନେ ମନେ ଚିନ୍ତା କଲେ ପତି ବିନା ଜଣେ ନାରୀର ଜୀବନ ନିରର୍ଥକ । ତେଣୁ ସେ ପୁଣି ଥରେ ଯମଦେବତାଙ୍କୁ ଅନୁସରଣ କଲେ । ଯମଦେବତା ତାଙ୍କୁ ରୋକିବା ଲାଗି ବିଭିନ୍ନ ଶକ୍ତି ପ୍ରୟୋଗ କଲେ ମଧ୍ୟ ସାବିତ୍ରୀଙ୍କ ସତୀତ୍ୱ ଶକ୍ତି ନିକଟରେ ପରାଜିତ ହେଲେ । ଶେଷରେ ଯମରାଜ କହିଲେ ଜନ୍ମମୃତ୍ୟୁ ହେଉଛି ବିଧି ନିର୍ଦ୍ଦିଷ୍ଟ । ଏହାକୁ ବଦଳାଇବା ମୋ ପକ୍ଷରେ ଅସମ୍ଭବ । ତେଣୁ ସତ୍ୟବାନଙ୍କ ଜୀବନ ପରିବର୍ତ୍ତେ ଯାହା କିଛି ଆବଶ୍ୟକ ତୁମେ ଶେଷ ବର ସ୍ୱରୂପ ମାଗିନିଅ । ସାବିତ୍ରୀ ଅତି ଚତୁରତାର ସହ କହିଲେ ମୋତେ ଶତପୁତ୍ରର ଜନନୀ ହେବାର ଆଶୀର୍ବାଦ କରନ୍ତୁ । ବ୍ୟସ୍ତ ବିବ୍ରତ ଥିବା ଯମରାଜ ତଥାସ୍ତୁ ବୋଲି କହିଲେ । ସେ ତାଙ୍କ ବାହନ ମଇଁଷ ପୃଷ୍ଠରେ ବସି ଯମାଳୟକୁ ଯିବା ଲାଗି ଉଦ୍ୟତ ହୁଅନ୍ତେ ସାବିତ୍ରୀ କହିଲେ ହେ ଯମରାଜ, ପତି ବିନା ପୁତ୍ରଲାଭ ଅସମ୍ଭବ । ମୁଁ ଜନନୀ ହେବି କେମିତି ? ସାବିତ୍ରୀଙ୍କ ଠାରୁ ଏହା ଶୁଣି ଯମରାଜା ନିରୁପାୟ ହୋଇପଡ଼ିଲେ । ବାଧ୍ୟ ହୋଇ ସେ ସତ୍ୟବାନଙ୍କ ଜୀବନ ଫେରାଇଦେଲେ । ସାବିତ୍ରୀ ନିଜ ବୁଦ୍ଧିମତା ଓ ନିଷ୍ଠା ବଳରେ ନିଜ ସ୍ୱାମୀଙ୍କ ଜୀବନ ଫେରିପାଇଲେ । ପୁରାଣରେ ବର୍ଣ୍ଣନା ରହିଛି ଯେ, ସାବିତ୍ରୀଙ୍କ ଭଳି କନ୍ୟା କୌଣସି ଗୃହରେ ଜନ୍ମ ନେଇଥିଲେ ପିତୃକୁଳ, ଶ୍ୱଶୁର, ଶାଶୂ ଓ ସ୍ୱାମୀଙ୍କର କଲ୍ୟାଣ ହୋଇଥାଏ ।

ମୋଟାମୋଟି ଭାବେ ସାବିତ୍ରୀ ଉପାଖ୍ୟାନରେ ସତୀତ୍ୱର ଜୟ ଜୟକାର କରାଯାଇଛି । କେବଳ ସାବିତ୍ରୀ ନୁହଁନ୍ତି, ମହାସତୀ ସୀତା, ଅନୁସୂୟା, ଶ୍ରୀରାଧା ପ୍ରମୁଖ ନାରୀମାନେ ନିଜର ସତୀତ୍ୱ ପାଇଁ କାଳର କରାଳ ବକ୍ଷରେ ଅମର ହୋଇ ରହିଛନ୍ତି । ସାବିତ୍ରୀ ବ୍ରତ କେବଳ ସୁସ୍ୱାଦୁ ଫଳ ଭକ୍ଷଣ, ନୂଆ ଶାଢ଼ି ପିନ୍ଧିବା, ମନ୍ଦିର ଯିବା, ନିଜକୁ ସଜେଇ ହେବା ମଧ୍ୟରେ ସୀମିତ ନରଖି ଏହାର ମୂଲ୍ୟବୋଧକୁ କାର୍ଯ୍ୟକାରୀ କଲେ ଏହି ବ୍ରତର ପୂଣ୍ୟଫଳ ମିଳିଥାଏ ।


ତେନ୍ତୋଇ, ନାଉଗାଁ,

ଜଗତସିଂପୁର





## ଆସିଛି ସାବିତ୍ରୀ

### ରମେଶ ଚନ୍ଦ୍ର ନାୟକ



ବର୍ଷକ ଅନ୍ତରେ ଆସିଛି ସାବିତ୍ରୀ
ନୂଆ ରୂପେ ନୂଆ ରଙ୍ଗେ
ସଜାଇ ହୋଇବ ସଧବା ଶରୀର
ନୂଆ ବସ୍ତ୍ରେ ନୂଆ ଢଙ୍ଗେ ।

ବରାଦ ହୋଇଛି ତାଲିକା ଦେଇଛି
ସ୍ୱାମୀ ସତ୍ୟବାନ ହାତେ
ପୂଜାର ସାମଗ୍ରୀ ଶାଢ଼ୀ ଅଳଙ୍କାର
କିଣିବାକୁ ଯିବେ ସାଥେ ।

ଉପବାସ ପରା କରିଛି ସାବିତ୍ରୀ
ମାନସିକ କେତେ ନେଇ
ମନ୍ଦିରକୁ ଯିବ ଦେବତା ପୂଜିବ
ସ୍ୱାମୀ ଆୟୁ ବୃଦ୍ଧି ପାଇଁ ।

ନୂଆ ବୋହୂଟିଏ ନୂଆ ଓଷା କରେ
ହିନ୍ଦୁ ପରମ୍ପରା ମାନି
ତରୁଣୀ ଝିଅଟି ମନେ ମନେ ଭାବେ
କେବେ ସେ ହେବ ଘରଣୀ ।

ଏ କଳି ଯୁଗରେ ସଭିଏଁ ସାବିତ୍ରୀ
ଅସତୀ ଖୋଜିଲେ ନାହିଁ
ବିଧବା ନାରୀ ବି ସାବିତ୍ରୀ ପାଳୁଛି
ସ୍ୱାମୀ ଆତ୍ମା ଶାନ୍ତି ପାଇଁ ।

ହିନ୍ଦୁ ଜାତି ପର୍ବ ଓଡ଼ିଆଙ୍କ ଗର୍ବ
ସାବିତ୍ରୀ ବ୍ରତର ପର୍ବ
ଧର୍ମ ରକ୍ଷା ହେଉ ପରମ୍ପରା ରହୁ
ନାରୀ ଦେଶ ପାଇଁ ଗର୍ବ ।


ଦରଭା, ମଙ୍ଗଳପୁର, ଯାଜପୁର

ମୋ : ୭୯୭୮୧୫୧୭୧୦


## ମହାସତୀ ସାବିତ୍ରୀ

### ଧନୁର୍ଯ୍ୟ ମାଝୀ



ଜଣେ ସ୍ତ୍ରୀ ହେଉଛି ସ୍ୱାମୀ ପାଇଁ
ଶଙ୍ଖା ସିନ୍ଦୁରର ଗାରିମା
ଜୀବନ ସାରା ବାଟ ଚାଲିବାକୁ
ପ୍ରତିଶୃତି ନିଏ ପ୍ରେମର ପ୍ରତିମା ।

ଜ୍ୟୋଷ୍ଠ ମାସର କୃଷ୍ଣ ପକ୍ଷ ତିଥି
ଅମାବାସ୍ୟା ଦିନର ସ୍ମୃତି
ସଧବା ନାରୀର ବ୍ରତ ପାଳନ
ସ୍ୱାମୀଙ୍କ ଦୀର୍ଘାୟୁ ପ୍ରତି ।

ସତୀ ସାବିତ୍ରୀଙ୍କ କର୍ମ ନିଷ୍ଠା ବଳେ
ସ୍ୱାମୀଙ୍କ ଜୀବନ ଫେରାଇ
ଆଣିଥିଲେ
ଅଶ୍ୱପତିଙ୍କର କନ୍ୟା ସେ ଥିଲେ
ଯଶ କୀର୍ତ୍ତି ରଖିଗଲେ ।

ନାରୀ ବିନା ଅନ୍ଧାର ଏ ଦୁନିଆ
ସ୍ୱାମୀ ପାଇଁ ବିକଳ
ଭକ୍ତିଭାବ ରଖି କର ହେ ପ୍ରଣାମ
ଯୁଗେ ଯୁଗେ ହେବ ଦମ୍ପତିଙ୍କ
ମଙ୍ଗଳ।

ସ୍ୱାମୀକୁ ଦିଅନ୍ତି ପ୍ରତିଦିନ ସମ୍ମାନ
ଗୋଟିଏ ଦିନ କେବଳ ନାହିଁ,
ସ୍ନେହ, ପ୍ରେମ ବନ୍ଧା ସମ୍ପର୍କ ଥିଲେ
ପ୍ରେମ କେବେ ଭାଙ୍ଗିବ ନାହିଁ ।


ବଣ୍ଡୋଗୁଡା, ଜୁନାଗଡ଼(କଳାହାଣ୍ଡି )

ମୋ: ୭୭୩୫୧୫୯୨୩୫


## ସାବିତ୍ରୀ...

### ଗୋପୀନାଥ ଦାଶ

ଜ୍ୟେଷ୍ଠ ମାସ କୃଷ୍ଣ ପକ୍ଷ ଅମାବାସ୍ୟା
ନାରୀ ଙ୍କ ପବିତ୍ର ଦିନ
ସାବିତ୍ରୀ ବ୍ରତ ଯେ ପାଳନ କରନ୍ତି
ସାଧବା ମହିଳା ଗଣ।

ତାଲିକା କରି ମୁ ସଉଦା ଆଣିଛି
ହେବି ପରା ସତ୍ୟବାନ
ଘରଣୀ ମୋହର ବ୍ରତ ରଖିଅଛି
ସାବିତ୍ରୀ ହୋଇଛି ଜାଣ।

ସାବିତ୍ରୀ ଉଆଁସ ବ୍ରତ ରଖି କାଳେ
ଅର୍ଜନ କରଇ ପୁଣ୍ୟ
ଭକ୍ତି ଭାବେ ପୁଜି ଚରଣ କୁ ଧୋଇ
ଜିଣି ନେଇ ଥାଏ ମନ।

ଦୀର୍ଘାୟୁ କାମନା କରି ସ୍ୱାମୀ ପାଇଁ
ଉପବାସ କରେ ପୁଣ
ଧୂପ ଦୀପ ଦେଇ ବନ୍ଦନ କରଇ
ପୁଜେ ଭାବି ସତ୍ୟବାନ।
ନାରୀ ରୂପ ସତେ ଅଗୋଚର ହୁଏ
ସ୍ୱୟଂ ପ୍ରଭୁ ନାରାୟଣ
କେବେ ଦୁର୍ଗା କେବେ ଲକ୍ଷ୍ମୀ ସରସ୍ୱତୀ
ସାବିତ୍ରୀ ରୂପ ଧାରଣ।

ଘରଣୀ ପାଇଁ କି ପୁରୁଷ ସମାଜ
କରେ କେଉଁ ବ୍ରତ ମାନ
ସ୍ତ୍ରୀ ପାଇଁ ଉପାସେ ବ୍ରତ ରଖି କାଳେ
କାମନଇ ଦୀର୍ଘ ଦିନ

କାଳେ କାଳେ ଅଛି ଏ ବ୍ରତ ମାହାତ୍ମ୍ୟ
ନାରୀ ପାଇଁ ବରଦାନ
ଧନ୍ୟ ସେହି ନାରୀ ଧନ୍ୟ ସମର୍ପଣ
ନସରେ କହିଲେ ଗୁଣ।


ବରପାଲି ପଡା, ବଲାଙ୍ଗୀର

ମୋ: ୬୩୭୧୮୦୫୦୭୦



ଧାରାବାହିକ ଉପନ୍ୟାସ

# ଦୂରନ୍ତ ଶିଖା

ଭାଗ-୨୦



## ଡ.ସିନ୍ଧୁ ସେନ୍

ବାରମ୍ବାର ମୁଁ ମୋ ପାପୁଲିକୁ ଆଘ୍ରାଣ କରୁଥିଲି । ଯେତେଥର ମୋ ନାସା ପାପୁଲିକୁ ସ୍ପର୍ଶ କରୁଥିଲା । ସେତେ ସେତେ ମୁଁ ବିମୋହିତ ହୋଇ ପଡୁଥିଲି । ନିଜକୁ ଧନ୍ୟ ମଣୁଥିଲି । ଭାବୁଥିଲି, ମନ୍ତ୍ରଦ୍ରଷ୍ଟା ଋଷିଙ୍କ ଭବିଷ୍ୟତ ବାଣୀ କେବେବି ଅନ୍ୟଥା ହେବନି । ମୁଁ ହେବି, ନିଷ୍ଚୟ ରାଜା ହେବି। ମୋ ମନରୁ ସମସ୍ତ ସଂଶୟ ଧୀରେଧୀରେ ଅପସରି ଯାଉଥିଲା । ମନରେ ଭରିଯାଉଥିଲା ଅସୀମ ଶକ୍ତି, ମୋ ମନପକ୍ଷୀ ଉଡ଼ି ଯାଉଥିଲା କାହିଁ କେତେ ଦୂର ରାଇଜକୁ, ମନେ ପଡ଼ି ଯାଉଥିଲା ବାପାଙ୍କ ଆଶ୍ରମରେ ପଢ଼ିଥିବା ପାଠ, ସୃଷ୍ଟିର ଆରମ୍ଭରେ ସବୁ ଶୂନ୍ୟ ଥିଲା । ମହାଶୂନ୍ୟ ସେହି ମହାଶୂନ୍ୟରୁ ସୃଷ୍ଟିକର୍ତ୍ତା ସୃଷ୍ଟି ସର୍ଜନା କରିଥିଲେ, ମୁଁ ମଧ୍ୟ ସେହି ବିଶ୍ୱନିୟନ୍ତା ସ୍ରଷ୍ଟାଙ୍କର ଗୋଟିଏ ସୃଷ୍ଟି । ନିଜକୁ ନିଜେ ହିଁ ଗଢ଼ିବାକୁ ପଡ଼ିବ । ଆଗକୁ ବଢ଼ିବାକୁ ପଡ଼ିବ । ମୁଁ ରାବଣ, ତପସ୍ୟାର ସିଦ୍ଧି ମୋ ହାତମୁଠାରେ । ତେଣୁ ମୁଁ କାହିଁକି ନ ପାରିବି । ନିଷ୍ଚୟ ପାରିବି । ଏ ଜଗତକୁ ଦେଖାଇଦେବି । ରାବଣ ଦୁର୍ବଳ ନୁହେଁ ସେ ଚହିଁଲେ ସବୁକିଛି କରିପାରେ । ତେଣୁ ଭୀରୁ ହୋଇ ପଳାୟନପନ୍ଥୀ ସାଜିବା ମୋ ଜାତକରେ ନାହିଁ ।

ମୋ ଠାରୁ ଅଳ୍ପଦୂରରେ ମାତାମହ ବସିଥିଲେ । ତାଙ୍କୁ ମଧ୍ୟ ସେମିତି କିଛି ଚିନ୍ତାଗ୍ରାସ କରିଥିଲା । ଯାହା ତାଙ୍କ ମୁଖମଣ୍ଡଳରୁ ସ୍ପଷ୍ଟ ବାରି ହୋଇ ପଡୁଥିଲା। ଆମେ ଉଭୟ ଉଭୟଙ୍କୁ ମୁଗ୍ଧ ଦୃଷ୍ଟିରେ କେବଳ ଅନାଇ ରହିଥିଲୁ । ଆମ ଦୁହିଁଙ୍କ ଏମିତି ନିରବତା ମଧ୍ୟରେ ଲକ୍ଷ୍ୟକରି ବିଶାଳ ବପୁ ସମ୍ପନ୍ନ ବଳିଷ୍ଠବାହୁ ଓସାରିଆ ଛାତି ବିଶିଷ୍ଟ ରାକ୍ଷସ କୁମାର ପ୍ରବୀର ମାତାମହଙ୍କ ସାମ୍ନାରେ ଆସି ଛିଡ଼ା ହୋଇଗଲେ । ସେ ଯେ ମୋ ମାମୁଁ ସେକଥା ଜାଣିବାରେ ମୋତେ ବେଶି ସମୟ ଲାଗିଲା ନାହିଁ । ଏକଥା ମଧ୍ୟ ଜାଣିଥିଲି ମାମୁଁ ପ୍ରବୀର ଯେତେ ବଳଶାଳୀ ହୁଅନ୍ତୁ ନା କାହିଁକି ମାତାମହଙ୍କ ତାଙ୍କ ଉପରେ କୌଣସି ଭରସା ନଥିଲା । କାରଣ ଯଦିଓ ସେ ହିଁ ଥିଲେ ମାତାମହଙ୍କ ପ୍ରକୃତ ଉତ୍ତରାଧିକାରୀ ତଥାପି ତାଙ୍କର ଦାୟିତ୍ୱବୋଧ କିଛି ନଥିଲା । ତାଛଡ଼ା ପ୍ରବୀରମାମୁଁ ସଦାସର୍ବଦା ଥିଲେ ମଦିରାସକ୍ତ । ମଦିରା ନିଶାରେ ସେ ଦିନ କ'ଣ ରାତି କ'ଣ ଜାଣିପାରୁ ନଥିଲେ । ମାତାମହଙ୍କର ତେଣୁ ତାଙ୍କ ନିଜପୁତ୍ର ଉପରେ ଅଶା, ଭରସା ନଥିଲା । ରାକ୍ଷସମାନେ ତାଙ୍କୁ କୁମାର ବୋଲି ଡାକୁଥିଲେ ମଧ୍ୟ ମାତାମହଙ୍କ ପାଖରେ ମୁଁ ହିଁ ଥିଲି ପ୍ରକୃତରେ ରାଜକୁମାର । ତାଙ୍କର ବିଶ୍ୱାସ ମୁଁ ହିଁ ତାଙ୍କ କୁଳର ଗୌରବ । ମୁଁ ହେବି ଲଙ୍କାର ରାଜା । ମାତାମହଙ୍କ ଦୀର୍ଘଦିନର ସ୍ୱପ୍ନକୁ ସାକାର କରିବି। ତଥାପି ସେ ପ୍ରବୀର ମାମୁଁଙ୍କୁ ସ୍ନେହ କରନ୍ତି । ଯେତେ ଯାହା ହେଲେ ବି ମାମୁଁ ତ ତାଙ୍କର ରକ୍ତର ସନ୍ତାନ । କେଉଁ ବାପା ନିଜ ପୁତ୍ରକୁ ଭଲ ନପାଏ । ତାଛଡ଼ା ବାତ୍ସଲ୍ୟ ମମତା ଠାରୁ କେଉଁ ପିତା କେବେ କ'ଣ ଦୂରେଇ ରହିପାରେ ? ମାତାମହ କିପରି ପାରନ୍ତେ । ସେ ବି ସେହି ମମତାରେ ଅନ୍ଧ ହୋଇ ପୁତ୍ରର ସମସ୍ତ କୁକର୍ମକୁ ସହିଯାନ୍ତି । ପାଖେପାଖେ ରଖିଥାନ୍ତି ମାମୁଁଙ୍କୁ । ମାମୁଁ ମଧ୍ୟ କେବେ ନିଜ ଚରିତ୍ର ପରିବର୍ତ୍ତନ କରିବାକୁ ଇଚ୍ଛାପ୍ରକାଶ କରିନାହାନ୍ତି । ଏପଟେ ଲଙ୍କାର ରାଜଗାଦି ପ୍ରତି ମଧ୍ୟ ତାଙ୍କ ମନରେ ଲୋଭ କିମ୍ବା ଆକର୍ଷଣ ନାହିଁ । ସେ ଯାହା ପାରିବେନି ତା ପ୍ରତି ତାଙ୍କର ଆସକ୍ତି ଆସିବ କାହିଁକି ? ବରଂ ମାମୁଁ ମାତାମହଙ୍କ ପରି ମୋରି ଉପରେ ଆସ୍ଥାପ୍ରକଟ କରନ୍ତି । ମୁଁ କିଛି ଭାବିପାରେନା ବଡ଼ ବିଚିତ୍ର ଲାଗେ ମାମୁଁଙ୍କ ଚରିତ୍ର । ମାତାମହଙ୍କ ପୁତ୍ର ହିସାବରେ ତାଙ୍କର ଏସବୁ ପାଇବାର ହକ୍ । ଇଚ୍ଛା କରିଥିଲେ ସେ ତାଙ୍କ ଚରିତ୍ରକୁ ସଂଶୋଧନ କରି ଲଙ୍କା ବିଜୟୀ ପାଇଁ ସଜବାଜ ହୋଇପାରନ୍ତେ । ମାତ୍ର ତାହା ନକରି ଖୁବ୍ ସହଜରେ ମୋତେ ସେ ସବୁ ଅଧିକାର ଛାଡ଼ି ନିଶ୍ଚିତ ରହିଯାନ୍ତି । ମୋ ଉପରେ ତେଣୁ ଉଭୟ ମାତାମହ ଆଉ ମାମୁଁଙ୍କର ଆଶୀର୍ବାଦ ରହିଥାଏ। ମାମୁଁଙ୍କ ପାଇଁ ସ୍ୱତଃ ମୋ ମନରେ ସମ୍ବେଦନା ଜାଗି ଉଠୁଥିଲା । ତାଙ୍କ ପାଦସ୍ପର୍ଶ କରି ପ୍ରଣାମ କଲି । ମାମୁଁ ମୋ ପିଠି ଥାପୁଡ଼ାଇ ବସିବା ପାଇଁ ନିର୍ଦ୍ଦେଶ ଦେଲେ । ସେ ମଧ୍ୟ ମାତାମହଙ୍କ କଥାରେ ଏକମତ ହୋଇ ଲଙ୍କା ଅଭିଯାନ ନିମନ୍ତେ ପ୍ରସ୍ତୁତ କରିବା ପାଇଁ ମୋତେ ପରାମର୍ଶ ଦେଲେ । ଲକ୍ଷ୍ୟ କଲି ଆମ ଦୁଇଭଣଜାଙ୍କ ପ୍ରତି ମାମୁଁଙ୍କର ସମାନ ସ୍ନେହ । ସେ ଚହିଁଲେ କେବଳ ମୋ ସହ କାହିଁକି ସାନ ବିଭୀଷଣ ସହ ମଧ୍ୟ ଏ ବିଷୟରେ ପରାମର୍ଶ କରି ଯାହା କିଛି ନିଷ୍ପତ୍ତି ନିଆଯିବ ।

ମୁଁ ରାବଣ, ପ୍ରବୀର ମାମୁଁଙ୍କ ଭଣଜା । ପୁଣି ଲଙ୍କା ରାଜା କୁବେରଙ୍କ ସାନଭାଇ । ତେଣୁ ଲଙ୍କା ବିରୁଦ୍ଧରେ ଯୁଦ୍ଧଘୋଷଣା କରିବା ପୂର୍ବରୁ ମୋତେ ମଧ୍ୟ ଭାବିଚିନ୍ତି କିଛି ନିଷ୍ପତ୍ତି ନେବାକୁ ପଡ଼ିବ । ହଁ ଶତ୍ରୁ ସହ ଶତ୍ରୁତା କରାଯାଏ । ଏପରି କ୍ଷେତ୍ରରେ ଭାଇ କୁବେର ତ ମୋର ଶତ୍ରୁ ନୁହଁନ୍ତି । ହୋଇପାରନ୍ତି ସେ ବିମାତା ପୁତ୍ର । ହେଲେ ଆମ ଦୁଇଭାଇଙ୍କ ଧମନୀରେ ସମାନ ପିତୃରକ୍ତ ପ୍ରବାହିତ। ସହଜେ ତ କୁବେର ଭାଇ ବେଶ୍ ଶାନ୍ତିପ୍ରିୟ ଲୋକ । ଲଙ୍କାର ପ୍ରଜାମାନଙ୍କୁ ସୁଶାସନ ଦେଇ ସେମାନଙ୍କୁ ସୁଖରେ ରଖିଛନ୍ତି । ଜ୍ୟେଷ୍ଠ ହିସାବରେ ଲଙ୍କା ରାଜସିଂହାସନ ଉପରେ ତାଙ୍କର ତ ପ୍ରଥମ ଅଧିକାର । ଏ ସବୁ ଭାବିଲା ବେଳକୁ ମୋତେ ହଠାତ୍ କୁବେର ଭାଇଙ୍କ ବିରୋଧରେ ସ୍ୱର ଉତ୍ତୋଳନ କରିବାକୁ ବିବେକ ବାଧା ଦେଉଥିଲା ଭାବୁଥିଲି ଅନ୍ତତଃ ପକ୍ଷେ ଥରୁଟିଏ ତାଙ୍କୁ ଭଲରେ ଭଲରେ ଲଙ୍କା ଛାଡ଼ିଦେବାକୁ ଅନୁରୋଧ କରାଯାଉ । ଆଉ ଯଦି ଭାଇ ଆମ ପ୍ରସ୍ତାବରେ ରାଜି ନ ହୁଅନ୍ତି ତାପରେ ବରଂ ଲଙ୍କା ଆକ୍ରମଣର ପଦକ୍ଷେପ ନେବା, ଏସବୁ ବିଷୟ ଚିନ୍ତାକରି କୁବେର ଭାଇଙ୍କ ପାଖକୁ ଆମ ପ୍ରସ୍ତାବ କେମିତି ପହଞ୍ଚିବ ସେଥିନିମନ୍ତେ ସାନ ବିଭୀଷଣକୁ ଡକାଇ ତାର ପରାମର୍ଶ ଲୋଡ଼ିଲି । ସମସ୍ତେ ମୋ କଥାରେ ଏକମତ ହେଲେ । ଶେଷରେ ନିଷ୍ପତ୍ତି ହେଲା ନିଜେ ମାମୁଁ ଆମ ତରଫରୁ ପ୍ରସ୍ତାବ ନେଇ କୁବେର ଭାଇଙ୍କ ନିକଟକୁ ଯିବେ । ଲଙ୍କାରେ ପହଞ୍ଚି ତାଙ୍କୁ ଶାନ୍ତିପୂର୍ଣ୍ଣ ଭାବରେ ଆମ ଉଦ୍ଦେଶ୍ୟ କହିବେ । କୁବେର ଭାଇ ଯଦି ଆମ ପ୍ରସ୍ତାବରେ ରାଜି ହୋଇ ଲଙ୍କାଗଡ଼କୁ ଆମ ହାତକୁ ଟେକି ଦିଅନ୍ତି ତେବେ ତ ସମାଧାନର ରାସ୍ତା ଫିଟିଗଲା। ଆମକୁ ଆଉ କଷ୍ଟକରି ଯୁଦ୍ଧ କରିବାକୁ ପଡ଼ିବନି । ପରକ୍ଷଣରେ ଭାବିଲି, କୁବେର ଭାଇ ଲଙ୍କାର ରାଜା । ସାଧାରଣ ପ୍ରଜା ନୁହଁନ୍ତି, ତାଙ୍କର ମଧ୍ୟ ବିଚକ୍ଷଣ ବୁଦ୍ଧି ରହିଛି। ସେ କ'ଣ କେବେ ଭୀରୁ ପରି ଆମ ହାତରେ ସବୁକିଛି ଟେକି ଦେବେ ? ତାଛଡ଼ା ସେ ମଧ୍ୟ ରାଜ୍ୟ ଛାଡ଼ି ଯିବେ କୁଆଡ଼େ ? ପ୍ରଥମତଃ ସେ ପିତାଙ୍କର ଜ୍ୟେଷ୍ଠପୁତ୍ର, ଦ୍ୱିତୀୟରେ ସମଗ୍ର ଲଙ୍କାବାସୀଙ୍କର ଲୋକପ୍ରିୟ ରାଜା । ପ୍ରଜାମାନଙ୍କୁ ସୁରକ୍ଷା ଯୋଗାଇଦେବା ତାଙ୍କର କର୍ତ୍ତବ୍ୟ ଆଉ ଧର୍ମ । ଜଣେ ରାଜା ହିସାବରେ ପ୍ରଜାମାନଙ୍କ ମଂଗଳ କାମନା ନକରି ଏଭଳି ତ୍ୟାଗ କରିବେ କାହିଁକି ? ପ୍ରଜାମାନଙ୍କର ତାଙ୍କ ଉପରେ ଆସ୍ଥା ରହିବ ତ ? ମୁଁ ନିଜେ ଯଦି ତାଙ୍କ ଜାଗାରେ ଥାନ୍ତି। ମୁଁ କ'ଣ ଏମିତି ନିଜ ମୁକୁଟ ମୁଣ୍ଡରୁ ଓହ୍ଲାଇ ଆଉ କାହାକୁ ସିଂହାସନ ଛାଡ଼ି ଦେଇଥାନ୍ତି ? ତ୍ୟାଗ କରିବାର ଗୋଟିଏ ସୀମା ଥାଏ । ସବୁଠି, ସବୁ ଜାଗାରେ ତ୍ୟାଗ ଶୋଭା ପାଏନି । ନିଜ ପାଇଁ ତ୍ୟାଗ କରି ତୁମେ ନିଜକୁ ମହାନ୍ ବୋଲାଇପାର । ତା ବୋଲି ପ୍ରଜାମାନଙ୍କର ସ୍ୱାଧୀନତା କ୍ଷୁଣ୍ଣ କରିବାର ଅଧିକାର ତ ଜଣେ ରାଜାର ନାହିଁ । ତେଣୁ କୁବେର ଭାଇ କେବେବି ସହଜରେ ଲଙ୍କାଗଡ଼ର ସିଂହାସନ ମୋ ହାତକୁ ଟେକି ଦେବେନି । ମାମୁଙ୍କୁ କେବଳ ଯୁଦ୍ଧ ପୂର୍ବରୁ ଏକ ସ୍ୱତନ୍ତ୍ର ବାର୍ତ୍ତା ପ୍ରେରଣ କରିବାକୁ ପଡ଼ିବ । ମୁଁ ତେଣୁ ମାମୁଙ୍କୁ ଆମ ପ୍ରସ୍ତାବ ନେଇ ଲଙ୍କା ପଠାଇବା ସଂଗେସଂଗେ ଆଗାମୀ ଦିନରେ ଯୁଦ୍ଧର ପ୍ରସ୍ତୁତି ପାଇଁ ଲାଗି ପଡ଼ିଲି । ଆମର ସବୁ ରାକ୍ଷସ ମାନଙ୍କୁ ଏକତ୍ର ବୈଠକ ଡାକିଲି । ଯୁଦ୍ଧର ପୂର୍ବ ପ୍ରସ୍ତୁତି ନିର୍ଦ୍ଧାରଣ କରିବାରେ ଧ୍ୟାନ ଦେଲି ।

(କ୍ରମଶଃ)


+ବାରବାଟୀ, ବାଲେଶ୍ୱର
(ମୋ)୯୩୩୭୫୮୦୦୪୫




ଧାରାବାହିକ ଉପନ୍ୟାସ

(ପୂର୍ବ ପ୍ରକାଶିତ ଉତ୍ତାର)

# ତ୍ରିପାଦଭେଦିନୀ

## ଜ୍ୟୋସ୍ନାମୟୀ ପଣ୍ଡା



॥ ଭାଗ-୪୮ ॥

ପିତା, ମାତା, ଗୁରୁ ଏହିମାନେ ବେଳେ, ବେଳେ ସନ୍ତାନ ମାନଙ୍କ ଉପରେ କ୍ରୋଧ କରିଥାନ୍ତି, ଗାଳି ଦେଇଥାନ୍ତି। କିନ୍ତୁଏହା ଅଭିଶାପ ହୋଇ ନଥାଏ ବା ଫଳ ବତୀ ହୋଇ ନଥାଏ । ବିଶେଷତଃ,ପିତା, ମାତା ବା ଏହିପରି ସମ୍ପର୍କ ମାନଙ୍କ ଗାଳି ଦାଣ୍ଡ ଧୂଳି ସହିତ ସମାନ। କିନ୍ତୁ ସେହି ଚାରି ବ୍ରହ୍ମ ପୁତ୍ରଙ୍କ ସହିତ ସେମାନେ କରିଥିବାବ୍ୟବହାରର ଦଣ୍ଡ ସ୍ୱରୂପ ସେମା ନେ ପୃଥିବୀରେ ପ୍ରଥମେ ଦାନବ ରୂପେ କଶ୍ୟପ ପ୍ରଜାପତିଙ୍କଠାରୁ ଜନ୍ମ ଗ୍ରହଣ କରିଥିଲେ।

ହଁ, ସେ କଶ୍ୟପ ପ୍ରଜାପତି ଥିଲେ। ପ୍ରଜାପତି, ଅର୍ଥାତ ବୈଜ୍ଞାନିକ ବା ସୃଷ୍ଟିକର୍ତ୍ତା। ଅନ୍ୟ ଅର୍ଥରେ ପ୍ରଜା ପାଳକ। ଯେଉଁମାନେ ବୈଜ୍ଞାନିକ ପଦ୍ଧତିରେ ନୂତନ ନୂତନ ସୃଜନ ମାନ କରିଥାନ୍ତି। ଶ୍ରୀମଦ୍ ଭାଗବତ ରେ ପୁଣ୍ୟା ମ୍ା ବେଦବ୍ୟାସ ଏହିପରି ବର୍ଣ୍ଣନା କରିଥିବା ବୈଜ୍ଞାନିକ ମାନଙ୍କର ନାମ ହେଲା; ପ୍ରଜାପତି ବ୍ରହ୍ମା, କଶ୍ୟପ ପ୍ରଜାପତି, ଦକ୍ଷ ପ୍ରଜାପତି, ତାର୍କ୍ଷ୍ୟ ପ୍ରଜାପତି, ତ୍ୱଷ୍ଟାପ୍ରଜାପତି, କୃଶ୍ୱାଶ୍ୱ ପ୍ରଜାପତି କର୍ଦ୍ଦମ ପ୍ରଜାପତି ଇତ୍ୟାଦି।ଏମାନଙ୍କ ବ୍ୟତୀତ ଦିଗ,ବାତାଳ, ଜଳପତି, ଅଶ୍ୱିନୀ, ବହ୍ନି, ସୁର ପତି, ଉପେନ୍ଦ୍ର, ମିତ୍ର, ପ୍ରଜାପତି ଆଦିଙ୍କୁ ନବ ପ୍ରଜାପତି କୁହାଯାଏ। ବିଶ୍ୱ କର୍ମାଙ୍କୁ ମଧ୍ୟ ନିର୍ମାଣ ବୈଜ୍ଞାନିକ ରୂପେ ଧରାଯାଏ। ଅନୁଶୀଳନରୁ ଜଣା ଯାଏ ଯେ,ଏମାନେ ପ୍ରତ୍ୟେକ ଜଣେ, ଜଣେ ବୈଜ୍ଞାନିକ ଥିଲେ ଓ ସର୍ବଦା ନୂତନ ସୃଷ୍ଟି କରିବାର କାର୍ଯ୍ୟରେ ମଗ୍ନ ରହୁଥିଲେ। ଏପରିକି ଦକ୍ଷ ପ୍ରଜାପତି ଦ୍ୱିତୀୟ ବାର ଜନ୍ମ ଗ୍ରହଣ କରିବା ପରେ କେବଳ ସୃଷ୍ଟି କାର୍ଯ୍ୟରେ ମଗ୍ନରହିବା ପାଇଁସେ ନିଜ ରାଜସିଂହାସନ ଓ ଶାସନ କାର୍ଯ୍ୟ ମଧପରିତ୍ୟାଗକରିଥିଲେ। ଭାଗବତ ଅନୁସାରେ ଯେଉଁମାନେ ସୃଷ୍ଟିର ସମ୍ପ୍ରସାରଣ କରୁଥିଲେ ବା ପୁନଃ ନିର୍ମାଣ କରୁଥିଲେ ସେହିମାନେ ହିଁ ପ୍ରଜାପତି ଥିଲେ। ଏମାନେ ପ୍ରଜାପାଳକ ମଧ ଥିଲେ। ଏହିମାନଙ୍କ ପାଇଁ ସୃଷ୍ଟି ସମ୍ପୂର୍ଣ୍ଣ ହୋଇପାରିଥିଲା।

ଏହାଛଡା ଆର୍ଯ୍ୟ ମାନେ ସର୍ବଦା ଯଜ୍ଞାନୁଷ୍ଠାନ କରୁଥିବାର ଜଣାଯାଏ। ଏଠାରେ ଯଜ୍ଞ ଶବ୍ଦର ଅର୍ଥକେବଳ ବେଦୀରେ ଅଗ୍ନି ଜାଳି ଘୃତାହୁତି ଦେବା ନଥିଲା। ବିଭିନ୍ନ ଅଭିଷ୍ଟ ପୂରଣ ପାଇଁ ଯଥା ସନ୍ତାନ ପ୍ରାପ୍ତି, ଯୁଦ୍ଧରେ ଜୟ କରି ଚକ୍ରବର୍ତ୍ତୀ ସମ୍ରାଟ ହେବା, ଦୁର୍ବିପାକରୁ ରକ୍ଷା, ଶତ୍ରୁ ଉପରେ ପ୍ରତିଶୋଧ ନେବା ପାଇଁମଧ ଯଜ୍ଞ କରାଯାଉଥିଲା। ଏହି ଯଜ୍ଞରୁ ଆଶ୍ଚର୍ଯ୍ୟ ଶକ୍ତିମାନଙ୍କୁ ମଧ ମନ୍ତ୍ର, ତନ୍ତ୍ର ବା ବିଜ୍ଞାନ ପଦ୍ଧତିରେ ସୃଷ୍ଟି କରାଯାଉଥିଲା। ତେଣୁ ଏହା ଏକ ବିଶେଷ ବୈଜ୍ଞାନିକ ପ୍ରକ୍ରିୟା ମଧ ଥିଲା। ଏହି ଯଜ୍ଞ ଦ୍ୱାରା କୀଟ ପତଙ୍ଗ ମାନଙ୍କର ବିନାଶ, ଘୃତ ବାୟୁରେ ଶ୍ଳେଷ୍ମା ଆଦି ରୋଗ ଆରୋଗ୍ୟ ଏବଂ ଅଗ୍ନି ମଧ ସଂରକ୍ଷଣ କରାଯାଇ ପାରୁଥିଲା।

ସୃଷ୍ଟିର ଆରମ୍ଭରେ ମହାକାଶ କେବଳ ନିରନ୍ଧ୍ର ଶୂନ୍ୟ ଅନ୍ଧକାରରେ ପୂର୍ଣ୍ଣଥିଲା। ସେଥିରୁ ମହତ୍ ବିକାରର ତରଙ୍ଗମାନ ସୃଷ୍ଟି ହେଲା। ସେଥିରୁ ନିର୍ଗୁଣ, ଗନ୍ଧହୀନ, ସ୍ୱାଦ ହୀନ, ରଙ୍ଗ ହୀନ ଏକ ନିରାକାର ବା ଅଦୃଶ୍ୟ ସୂକ୍ଷ୍ମ ସୁବର୍ଣ୍ଣ ଅଣ୍ଡର ସୃଷ୍ଟି ହେଲା। ଏହା ଥିଲା ଏକ ପରମାଣୁ ସଦୃଶ। ଏହିବାଷ୍ପୀୟ ଅଣୁମାନେ ଉତ୍ତପ୍ତ ହେଲେ ଓ ଜ୍ୟୋତି ମାନଙ୍କର ସୃଷ୍ଟି ହେଲା।ଏହି ପରମାଣୁ ମଧ୍ୟରେ ହିଁ ସୃଷ୍ଟି ର ସମସ୍ତ ଶକ୍ତି କେନ୍ଦ୍ରୀଭୂତ ଓ ଘନୀଭୂତ ହୋଇ ରହିଥିଲା। ଏହା ମଧ୍ୟରେ ଥିଲେ ମରିଚି ଜ୍ୟୋତି, କଳା ବା କର୍ବନ୍ ଡାଇଅକ୍ସାଇଡ୍, ଅଦିତି ବା ହାଇଡ୍ରୋଜନରୁ ହିଲିୟମ, କଶ୍ୟପ ଜ୍ୟୋତି ବା ରସାତ୍ମକ ଜଳ ସୃଷ୍ଟିକାରୀ ଅକ୍ସିଜେନ ଆଦି ଜ୍ୟୋତି ଏବଂ ଏହା ଗୋଟିଏରୁ ଅନ୍ୟ ଏକ ଜ୍ୟୋତିର ମିଶ୍ରଣ ଓ ରୂପାନ୍ତର ହୋଇ ପ୍ରକାଶ ହେଉଥିଲା। ଅତ୍ୟଧିକ ଉତ୍ତପ୍ତ ହୋଇ ଦିନେ ଏହି ସୁବର୍ଣ୍ଣ ଅଣ୍ଡଟି ଫାଟିଗଲା ଓ ଏହାର ନାଭି କେନ୍ଦ୍ର ରୁ ପ୍ରଜାପତି ନାମରେ ଏକ ନିହାରିକାର ସୃଷ୍ଟି ହୋଇଥିଲା। ଏଥିରୁ ସୃଷ୍ଟି ହୋଇଥିଲା ନକ୍ଷତ୍ର ପୁଞ୍ଜ। ଏହି ପ୍ରଜାପତି ଛାୟା ପଥର ଦୁଇ ଦିଗରେ ସୃଷ୍ଟି ପ୍ରସାରିତ ହେବାରେ ଲାଗିଲା। ଏହି ପଦ୍ମ କଳ୍ପ ସମୟ ଉପରେ ସୃଷ୍ଟି ତିଆରି କରୁଥିଲେ ପ୍ରଜାପତି ବ୍ରହ୍ମା। ଏହି ବ୍ରହ୍ମାଙ୍କ ବ୍ରହ୍ମରୁ ହିଁ ସୃଷ୍ଟି ହୋଇଥିଲା ସମଗ୍ର ବିଶ୍ୱ।

କଣ ଥିଲା ବାସ୍ତବରେ ଏହି ଶକ୍ତିଶାଳୀ ବ୍ରହ୍ମ ? ? ଏହି ବ୍ରହ୍ମ ହିଁ ଥିଲା ଜୀବନ, ଯେଉଁ ଜୀବନ ଜୀବ ଓ ଜଡ, ସକଳ ପଦାର୍ଥରେ ସୂକ୍ଷ୍ମତ୍ତମ ରୂପେ ବ୍ୟାପୀ ରହିଥିଲା। ଯେଉଁ ଜୀବନ ଅସ୍ତ୍ର ଶସ୍ତ୍ରରେ ଛିଣ୍ଡେ ନାହିଁ, ଅଗ୍ନିରେ ଦହନ ହୁଏନାହିଁ, ଜଳରେ ବୁଡେ ନାହିଁ ବା ପବନରେ ଉଡେ ନାହିଁ। ମହାଶୂନ୍ୟ ମଧ୍ୟରେ ଏକ ନୀହାରିକା ରୂପେ 'ପ୍ରଜାପତି' ଧ୍ରୁବ ତାରା ଓ ସପ୍ତର୍ଷି ମଣ୍ଡଳଠାରୁ କିଛି ଦୂରରେ ଅବସ୍ଥିତ ଥିଲା। ସେ ହେଉଛି ସୂର୍ଯ୍ୟଙ୍କ ସୃଷ୍ଟି ପୂର୍ବର ଅନେକ ଲକ୍ଷ ବର୍ଷତଳର ଘଟଣା। ଏହି ନୀହାରିକାର ନକ୍ଷତ୍ର ପୁଞ୍ଜି ସୃଜନ ଉପାଦାନ ମାନଙ୍କରେ ପରିପୂର୍ଣ୍ଣ ଥିଲା। ଏହିପରି ନକ୍ଷତ୍ରମାନ ସାଧାରଣ ଦୃଷ୍ଟି ରେ ଜଡ, ନିର୍ବାକ, ସ୍ପନ୍ଦନହୀନ ମନେ ହେଲେ ମଧ ବାସ୍ତବ ସେଠାରେ ଅତିମାନବ (ଏଲୀୟନ)ବା ମାନ ବୋତ୍ତର ଉଚ୍ଚତ୍ତର ଜୀବନ ମାନଙ୍କର ସୃଷ୍ଟି ହୋଇଥିଲା। ସେମାନଙ୍କର ଆକୃତି ମଧ ମନୁଷ୍ୟ ମାନଙ୍କଠାରୁ ଭିନ୍ନଭିନ୍ନ ଥିଲା ! ସେମାନଙ୍କର ଶରୀରର ଆକୃତି ପ୍ରତିସମ ନହୋଇ ବିଷମ ଆକୃତିର ଥିଲା ।ସେମାନଙ୍କ ମସ୍ତିଷ୍କ ଓ କାର୍ଯ୍ୟ ଶକ୍ତି କଳ୍ପନାତୀ ତ ଥିଲା ।ସେମାନେ ଉଭୟ ଅନ୍ତର୍ବିଜ୍ଞାନ ଓ ବହିର୍ବିହିଜ୍ଞାନରେ ପାରଦର୍ଶୀ ଥିଲେ। ସେମାନଙ୍କର ଗର୍ଭମଧରେ ଥିବା ମଣି ଏତେଶକ୍ତିଶାଳୀ ଥିଲା ଯେ ସେଠାରେ ଯେ କୌଣସି ବସ୍ତୁବା ଜୀବନ ଶହଶହ ବର୍ଷଧରି ଜୀବନ୍ତ ହୋଇ ରହି ପାରୁଥିଲା। (ବୈଜ୍ଞାନିକ ମାନଙ୍କ ମତରେ ମୃତ ପ୍ରାଣୀ ମାନଙ୍କଠାରୁ ମଧ ନୂତନ ପ୍ରାଣୀ ସୃଷ୍ଟି କରାଯାଇପାରିବ।) ସେମାନଙ୍କ ଶରୀର ଓ ଅଙ୍ଗ ପ୍ରତ୍ୟଙ୍ଗ ମାନଙ୍କରେ ଶହ ଶହ ପ୍ରକାର ଜୀବ ଜନ୍ତୁମାନଙ୍କର ଜୀନ ବା ଜୀବକୋଷ ଗୁଡିକ ରହିଥିଲା ଏବଂ ସେମାନେ ନିଜନିଜ ଇଚ୍ଛା ମୁତାବକ ଗୋଟିଏ ପ୍ରାଣୀକୁ ବିକଶିତ କରାଇ ଅନ୍ୟ ପ୍ରାଣୀମାନଙ୍କୁ ସୁକ୍ଷ୍ମକରି ଦେଉଥିଲେ। ଏହି ବିକଶିତ ପ୍ରାଣୀଟିକୁ ସେମାନେ ସର୍ବୋତ୍ତ ଭାବେ ନିଜ ମଧରେ ଅନୁଭବ କରି ପାରୁଥିଲେ ପ୍ରାଣୀମାନଙ୍କ ବ୍ୟତୀତ ଉଦ୍ଭିଦ ମାନଙ୍କର ବୀଜ ଗୁଡିକ ମଧ ସେମାନଙ୍କ ଅବୟବରେ ସୁରକ୍ଷିତ ଥିଲା। ସେମାନଙ୍କର ଖାଦ୍ୟ ପେୟ ମଧ ଭିନ୍ନଭିନ୍ନ ପ୍ରକାରର ଥିଲା। ତାହା ଏଭଳି ଏକ ଉଦ୍ଭିଦଥିଲା ଯାହାକୁ ମାଂସାଶୀ ଓ ନିରା ମିଷାଶୀ ସମସ୍ତଙ୍କର ଖାଦ୍ୟ ରୂପେଗ୍ରହଣ କରାଯାଉଥିଲା। ସେମାନଙ୍କ ଶରୀରର କେନ୍ଦ୍ରସ୍ଥଳରେ ମସ୍ତିଷ୍କଷ୍ଟିଟି ଅତି ଶକ୍ତିଶାଳୀ ଥିଲା। ଯାହା ନିଜ ମଧରେ ଏକାକାର ହୋଇ ରହିଥିବା ସହସ୍ର ସହସ୍ର ପ୍ରାଣୀ ମାନଙ୍କୁ ନିଜର ନିୟନ୍ତ୍ରଣରେ ରଖିପାରିଥିଲା ଏବଂ ଅସାଧ କାର୍ଯ୍ୟମାନ ସାଧନ କରାଇପାରୁଥିଲା। ସେମାନଙ୍କ ଦେହରେ ଡିମ୍ବାଣୁ ଓ ଶୁକ୍ରାଣୁ ( ଉଭୟନାରୀ ଓ ପୁରୁଷ ଜୀବକୋଷର ଅଣୁ) ରହିଥିଲା ଓ ସେଗୁଡିକୁ ମିଳିତକରା ଯାଇ ପାରୁଥିଲା। ଅସଂଖ୍ୟ ଜୀବଜନ୍ତୁ ମାନଙ୍କର ଗୁଣସୂତ୍ର ଗୁଡିକ ଏକାଠି କରି ଓ ସଜାଇ ସେମାନେ ଅଭିନବ ପ୍ରାଣୀମାନଙ୍କୁ ସୃଷ୍ଟି କରି ପାରୁଥିଲେ। ସ୍ୱୟଂ ବ୍ରହ୍ମାଙ୍କଠାରୁ ମରିଚୀ ଓ ମରିଚୀଙ୍କଠାରୁ କଶ୍ୟପ ମଣ୍ଡଳ ଉତ୍ପନ୍ନ ହୋଇଥିଲା। ତେଣୁ କୁହାଯାଇଛି ଯେ ସୃଷ୍ଟିର ପ୍ରାରମ୍ଭରେ ବ୍ରହ୍ମାଙ୍କର ସହସ୍ର ସହସ୍ର ମସ୍ତକ, ସହସ୍ର ସହସ୍ର ଅବୟବ, ସହସ୍ର ସହସ୍ର ଚକ୍ଷୁ ଓ ସହସ୍ର ସହସ୍ର ହସ୍ତ, ପାଦ ଥିଲା। ତାଙ୍କଠାରୁ ମରିଚୀ ମଣ୍ଡଳ ପ୍ରାଣୀ ତଥା ଅନ୍ୟ ପ୍ରଜାପତି ଜଗତର ଅତି ମାନବ ପ୍ରାଣୀ ମାନେ ସୃଷ୍ଟି ହୋଇଥିଲେ । ଏହି ପ୍ରଜାପତି ନିହାରୀକା ହିଁ କଶ୍ୟପଙ୍କର ଜନ୍ମଭୂମି ଥିଲା। ଥରେ ପ୍ରଜାପତି ଲୋକର ବୈଜ୍ଞାନିକ ମାନେ ନିଷ୍ପତ୍ତି କଲେ ଯେ , ସେମାନେ ନିଜ ନିଜର ଅଙ୍ଗରୁ ଶତଶତ ଜୀବନ ମାନଙ୍କୁ ପୃଥକ ପୃଥକ କରି ସୃଷ୍ଟି କରିବେ ଏବଂ ନିଜେ ଏକ ସ୍ୱତନ୍ତ୍ର ଅବୟବ ଗ୍ରହଣ କରିବେ। ଏଥିପାଇଁ ସେମାନେ ଏକ ସ୍ୱତନ୍ତ୍ର ଗ୍ରହର ଆଶ୍ରୟ ନେବେ।

ସେତେବେଳେ ଦକ୍ଷ ନାମକ ନକ୍ଷତ୍ରରୁ ଅଦିତି ନାମ୍ନୀ ଆକାଶର ଜ୍ୟୋତି ସୃଷ୍ଟି ହୋଇ ଧୀରେ, ଧୀରେ ଆକାଶକୁ ନିଜ ଜ୍ୟୋତିରେ ଉଜ୍ଜ୍ୱଳ କରୁଥିଲେ। ପ୍ରଜାପତି ଲୋକର ବୈଜ୍ଞାନିକନିମାନଙ୍କ ମଧ୍ୟରୁ କେତେକ ଅନ୍ୟ ଛାୟାପଥରେ ଥିବା ଗ୍ରହମାନଙ୍କୁ ନିଜ ନିଜର ସୃଷ୍ଟି ପାଇଁ ଚୟନ କରି ସେଠାକୁ ଚାଲିଗଲେ। କିନ୍ତୁ କଶ୍ୟପ,ଦକ୍ଷ,ତାକ୍ଷ, କୁଶାଶବ, ତ୍ୱଷ୍ଟା ଆଦି ପ୍ରଜାପତି ମାନେ ଗ୍ରହାନ୍ତରକୁ ନଯାଇ ନିଜର ଇଚ୍ଛା ମୁତାବକ ଏକ ନୂତନ ଗ୍ରହର ସୃଷ୍ଟି କଲେ। ଏବେ ମୋର ଏହି ପ୍ରଜାପତି ଲୋକ ଏବଂ ଆଶ୍ଚର୍ଯ୍ୟ ମାନବ ମାନଙ୍କ ବର୍ଣ୍ଣନା ପଢ଼ି ଏହାକୁ କଳ୍ପନା ଜଗତ ବା ସ୍ୱପ୍ନ ଲୋକ ଅବା ମସ୍ତିସ୍କ ବିଭ୍ରମ ଜଗତର ଉନ୍ମାଦ କାହାଣୀ ବୋଲି ଧରି ନିଆଯାଇପାରେ। କାରଣ ଏହି ସୂକ୍ଷ୍ମାତିସୂକ୍ଷ୍ମ ଜଗତ ଓ ମାନବ

ମାନେ ଏହି ପର୍ଯ୍ୟନ୍ତ ବୈଜ୍ଞାନିକ ମାନଙ୍କୁ ମଧ ଦୃଶ୍ୟ ହୋଇ ନାହାନ୍ତି। କିନ୍ତୁ ଆମର ପୂର୍ବଜ ସାଧକ ମାନେ ଏହି ପ୍ରଜାପତି ଲୋକର ଏଲିୟନ୍ ବୈଜ୍ଞାନିକ ମାନଙ୍କ ସଂକେତ ମଧ ପାଇପାରୁଥିଲେ ବୋଲି ମୋର ଧାରଣା। ଧାରଣା କାହିଁକି, ବର୍ତ୍ତମାନ ମୋର ଆନୁଭୂତିରୁ ଗୋଟିଏ ଲେଖିଲେ,ଏହାକୁ ଏଲିୟନ ବ୍ୟତୀତ ଅନ୍ୟ କିଛି କୁହା ଯାଇ ପାରିବ କି ?

(କ୍ରମଶଃ)


+ବାଲିଝରି, କାନପୁର, ବଡ଼ମ୍ବା, କଟକ


## ମନାଥିଲା...

### ଲକ୍ଷ୍ମୀପ୍ରିୟା ପୃଷ୍ଟି



ମନା ଥିଲା ବନ୍ଧୁ ଭାବି ବାନ୍ଧିବିନି ଡୋରି
ମନା ଥିଲା ସାଜିବାକୁ
ତୋ ପାଇଁ ଚକୋରୀ
କୃଷ୍ଣଚୂଡ଼ା ଲାଜ ଦେଖି ଯିବିନି ଝାଉଁଳି
ମନା ଥିଲା ତାରା ଫୁଲେ
କରିବିନି ଅଳି ।

ମନା ଥିଲା ଚାଲିବାକୁ କଣ୍ଟକିତ ପଥେ
ମନା ଥିଲା ମନଖୋଲି
କହିବାକୁ ତୋତେ
ମନା ଥିଲା ମାଗିବାକୁ ଜହ୍ନରାତି କେବେ
ମନା ଥିଲା ସେ କାହାଣୀ
ଗାଇବିନି ପଦେ।

ମନା ଥିଲା ଯିବା ପାଇଁ
ଆମ୍ବ ତୋଟା ମାଳେ
ମନା ଥିଲା ଗପିବାକୁ ବିଜନ ବେଳାରେ
ମନା ଥିଲା ଶ୍ରାବଣରେ ଯିବିନାହିଁ ଝରି
ମନା ଥିଲା ସାଜିବିନି ଫୁଲ ସୁକୁମାରୀ ।

ସେଇ ମନା କରେ
ଆଜି କାରେ ଆନମନା
ବିରହ ବୀଣାରେ ସାଜି
ନୀରବ ମୂର୍ଚ୍ଛନା ।


+ଦଶରଥପୁର, ଯାଜପୁର- ୭୫୦୦୬
ମୋ: ୭୩୭୭୩୧୮୭୮୯


## ସାବିତ୍ରୀ

### ପୁଷ୍ପାଞ୍ଜଳି ପଣ୍ଡା



ସକାଳ ଅନ୍ଧାର ହେବାର
ଆଭାସ ଥିଲେବି
ରାଜସୁଖ ଛାଡି
ଅଶ୍ୱପତୀ ରାଜନନ୍ଦିନୀ ଗୋ
ବରିନେଲ ବନବାସ
ଧରିଥିଲ ସ୍ୱାମୀ ହାତ
ଜୀବନ ଜୀଇଥିଲ
ସମୟ ଗଣି ଗଣି
ଭଲ ପତ୍ନୀ ସାଜି
ଭଲ ବୋହୂ ସାଜି
ଧର୍ମେ କର୍ମେ ପତି ସେବାକୁ ଆଦରି।
ତ୍ୟାଗକରି ସର୍ବ ରାଜସୁଖ
ପତି ସାଥେ ବନେଗଲ
ଖୋଲିଦେଲ
ବିଳମ୍ବିତ ଭାଗ୍ୟ ଲେଖା
ଦୁଃସାହସୀ ବିଦୁଷୀ ଗୁଣରେ।
ହରାଇଲ ଜନ୍ତୁପତି
ଫେରାଇଆଣିଲ ପତି
ଫେରାଇଲ ପ୍ରେମଭରା
ଜୀବନ ଫୁଆରା
ସତ୍ୟବାନଙ୍କର।
ଜନ୍ମ ମୃତ୍ୟୁ ଜରା ବ୍ୟାଧି
ଜୀବନ ଅବଧିରେ
ସ୍ଥିରିକୃତ ଥାଇବି
ବଦଳାଇ ଦେଲ ଯମଦଣ୍ଡ
ଫେରାଇଆଣିଲ ପତି ପ୍ରାଣ
ସାଜିଲ ଯେ ସିମନ୍ତିନୀ
ପତି ସୋହାଗିନୀ
ସତୀ ମହାସତୀ ମା ସାବିତ୍ରୀ।
ଆର୍ଯ୍ୟ ସଂସ୍କୃତିର କଥା
ତୁମ ଯୋଗୁ
କାଳେ କାଳେ ମହିମା ମଣ୍ଡିତ
ସାବିତ୍ରୀ ଓ ସତ୍ୟବାନ କଥା
ଏଯାଏ ପୂଜି।


+କେନ୍ଦ୍ରାପଡ଼ା


## ସାବିତ୍ରୀ କରିବେ ଓଷା

### ବନିତା ମହାରଣା



ମର୍ତ୍ତ୍ୟ ନାରୀଙ୍କ ନୂଆ ଅବତାର
କରିବେ ସାବିତ୍ରୀ ଓଷା,
ମୁକୁଳା କେଶକୁ ସଜେଇ ଦେଇଣ
ଫୁଲମାରି ଦେବେ ଖୋସା ।

ସ୍କିନ୍ ତାଙ୍କ ଆଜି କଳା ପଡ଼ିବନି
ଫାଟିବନି ମୋଟେ ଲେଡି,
ଦେହେ ହଳଦୀକୁ ପାଦେ ଅଳତା ସେ
ପିନ୍ଧିବେ ନାଲିଆ ଚୁଡ଼ି ।

କାଢ଼ି ଦେଇଥିବା ମଙ୍ଗଳସୂତ୍ରକୁ
ବେକରେ ପକେଇ ଆଜି,
ନାଲିଶାଢ଼ୀ ପିନ୍ଧି ରିଲ୍ସ କରିବେ
ସତୀ ସାବିତ୍ରୀଟେ ସାଜି ।

ଦିଶୁନଥିବା ସେ ସିନ୍ଦୂର ଗାରକୁ
ଭରିଦେଇ ଗୋଟେ ଦିନ,
ସେଲ୍ଫି ନେବାପାଇଁ ବ୍ୟାକୁଳ ବିବ୍ରତ
ଓଷାରେ ନଥାଏ ମନ ।

ପ୍ରତିଦିନ ଲାତ ମାରୁଥିବା ପତ୍ନୀ
ସ୍ୱାମୀଙ୍କ ଆୟୁଷ ପାଇଁ,
ପାଦପୂଜା କରି ମୁଣ୍ଡିଆ ମାରିବେ
ପେଟେ ଫଳମୂଳ ଖାଇ ।

ଓଡ଼ିଆ ଘରର ବୋହୂଟିଏ ପରି
ସଜ ସେ ହୁଅନ୍ତି ଦିନେ,
ସବୁଦିନ ଏଇ ବ୍ରତ ହୁଅନ୍ତା କି
ଭାବୁଅଛି ମୁହିଁମନେ ।

ଓଷା ବାହାନାରେ ବେକରେ ରୁହନ୍ତା
ଶୁଭ ମଙ୍ଗଳର ସୂତ୍ର,
ମୁଣ୍ଡରେ ଓଢ଼ଣୀ ରହିଥିଲେ ବୋଧେ
ହୁଅନ୍ତେନି କେହି ଉଗ୍ର ।

ପାଦରେ ଅଳତା ହାତେ ନାଲିଚୁଡ଼ି
ସାଜି ଓଡ଼ିଆଣୀ ବେଶ,
ସ୍ୱାମୀଙ୍କୁ ହୃଦୟେ ପୂଜିଥାନ୍ତେ ସବୁ
ଘରେ ଫୁଟିଥାନ୍ତା ହସ ।


+କଳିଙ୍ଗା, କନ୍ଧମାଳ

# ଓଡ଼ିଶା ଉପରେ ଶିଳ୍ପପତିଙ୍କ ଆଖି: ମିତ୍ତଲ, ସଜ୍ଜନ, ଆଦାନିଙ୍କ କାରଖାନାକୁ ଅପେକ୍ଷା: ଚକାଚକ୍ ରାସ୍ତା, ବିମାନବନ୍ଦର ହେବ



ଭୁବନେଶ୍ୱର, ୪/୬ (ନି.ପ୍ର): ନୂଆ ସରକାର ଗଠନ ହେବାକୁ ଯାଉଥିବା ବେଳେ ରାଜ୍ୟ ପାଇଁ ବିକାଶର ନୂଆ ସମ୍ଭାବନା ସୃଷ୍ଟି ହୋଇଛି। ଶିଳ୍ପାୟନ ଆହୁରି ଦ୍ରୁତ ଗତିରେ ଆଗକୁ ବଢ଼ିବାର ମଞ୍ଚ ପ୍ରସ୍ତୁତ ହୋଇରହିଛି। ବଡ଼ ବଡ଼ କାରଖାନା ସ୍ଥାପନ ଲାଗି ବିଶିଷ୍ଟ ଶିଳ୍ପପତିମାନେ ରାଜ୍ୟ ଉପରେ ଆଖି ପକାଇଛନ୍ତି। ସେମାନଙ୍କ ପାଇଁ ଅନୁକୂଳ ପରିବେଶ ସୃଷ୍ଟି କରିବାକୁ ପଡ଼ିବ। ରାଜ୍ୟ ଆଣିବାକୁ ଥିବା ପୂର୍ଣ୍ଣାଙ୍ଗ ବଜେଟ୍‌ରେ ନିର୍ବାଚନୀ ଇସ୍ତାହାରର ପ୍ରତିଫଳନ ଦେଖିବାକୁ ମିଳିବ। ଚାଷୀ ଓ ମହିଳାମାନଙ୍କୁ ପ୍ରାଧାନ୍ୟ ଦିଆଯିବ। ଉପକୂଳ ଅର୍ଥନୀତିକୁ ସମୃଦ୍ଧ କରିବା ଉପରେ କାମ ହେବ। ସଡ଼କ ଭିତ୍ତିଭୂମି ବି ସୁଦୃଢ଼ ହେବ। ତେବେ ରାଜ୍ୟର ଖୁଚୁରା ମୁଦ୍ରାସ୍ଫୀତି ନିୟନ୍ତ୍ରଣ ସବୁଠୁ ବଡ଼ ଆହ୍ୱାନ ହୋଇରହିବ। ଖଣିଜ ସମ୍ପଦରେ ଭରପୂର ଓଡ଼ିଶା ଇସ୍ପାତ କାରଖାନା ସ୍ଥାପନ ଲାଗି ସର୍ବଦା ଏକ ଆକର୍ଷଣୀୟ ସ୍ଥାନ ହୋଇରହିଛି। ଟାଟା ଷ୍ଟିଲ୍, ଜିନ୍ଦଲ ଷ୍ଟିଲ୍ ଆଣ୍ଡ୍ ପାୱାର, ଜିନ୍ଦଲ ଷ୍ଟେନ୍‌ଲେସ୍ ଲିମିଟେଡ୍, ସେଲ୍ ଭଳି କମ୍ପାନି ରାଜ୍ୟରେ ବଡ଼ ବଡ଼ ଇସ୍ପାତ କାରଖାନା ସ୍ଥାପନ କରିଛନ୍ତି। ଏହା ବ୍ୟତୀତ ଅନେକ ଛୋଟ ଓ ମଧ୍ୟମ ଧରଣର ଇସ୍ପାତ କାରଖାନା ମଧ୍ୟ ରାଜ୍ୟରେ ରହିଛି। ଲକ୍ଷ୍ମୀ ଏନ୍ ମିତ୍ତଲଙ୍କ କମ୍ପାନି ଆର୍ସେଲର ମିତ୍ତଲ ନିପନ୍ ଷ୍ଟିଲ୍ (ଏଏମ୍‌ଏନ୍‌ଏସ୍) ଓ ସଜ୍ଜନ ଜିନ୍ଦଲଙ୍କ କମ୍ପାନି ଜେଏସ୍‌ଡବ୍ଲୁ ଷ୍ଟିଲ୍ ରାଜ୍ୟରେ ଦୁଇଟି ବିଶାଳ ଇସ୍ପାତ କାରଖାନା ସ୍ଥାପନ କରିବାର ସ୍ୱପ୍ନ ଦେଖାଇଛନ୍ତି। ସେହିପରି ଦେଶର ଦ୍ୱିତୀୟ ବଡ଼ ଧନୀ ଗୌତମ ଆଦାନି ମଧ୍ୟ ରାଜ୍ୟରେ ଏକ ଆଲୁମିନିୟମ୍ କାରଖାନା ସ୍ଥାପନ କରିବାକୁ ଘୋଷଣା କରିଛନ୍ତି। ଏହି ତିନି ଶିଳ୍ପପତିଙ୍କ ପ୍ରକଳ୍ପର ଭାଗ୍ୟ କ'ଣ ହେବ ତାହା ଆଗକୁ ଜଣାପଡ଼ିବ। ଏଏମ୍‌ଏନ୍‌ଏସ୍ ୩୮ ହଜାର କୋଟି ଟଙ୍କା ନିବେଶରେ ବାର୍ଷିକ ୭ ନିୟୁତ ଟନ୍ କ୍ଷମତା ବିଶିଷ୍ଟ ଏକ ସମନ୍ୱିତ ଇସ୍ପାତ କାରଖାନା ସ୍ଥାପନ କରିବାକୁ ଯାଉଛି। ସେହିପରି, 'ଜେଏସ୍‌ଡବ୍ଲୁ ଷ୍ଟିଲ୍' ମଧ୍ୟ ରାଜ୍ୟରେ ୬୫,୦୦୦ କୋଟି ଟଙ୍କା ନିବେଶରେ ଏକ ଇସ୍ପାତ କାରଖାନା ସ୍ଥାପନ କରିବ। ଦକ୍ଷିଣ କୋରିଆର ଇସ୍ପାତ କମ୍ପାନି 'ପୋସ୍କୋ' ଲାଗି ଅଧିଗ୍ରହଣ କରାଯାଇଥିବା ଜମିରେ ଏହି କାରଖାନା ସ୍ଥାପନ ହେବ। ଯେହେତୁ ଇତି ମଧ୍ୟରେ ରାଜ୍ୟରେ କୌଣସି ବଡ଼ ଇସ୍ପାତ କାରଖାନା ନିର୍ମାଣ ହୋଇନାହିଁ, ତେଣୁ ଏହି ଦୁଇ ପ୍ରକଳ୍ପ ରାଜ୍ୟର ନିବେଶ-ଅନୁକୂଳ ପରିବେଶ ପାଇଁ ଏକ ପରୀକ୍ଷା ସଦୃଶ ହେବ। 'ପୋସ୍କୋ' ଚାଲିଯିବା ପରେ ରାଜ୍ୟର ଭାବମୂର୍ତ୍ତିରେ ଯେଉଁ ଦାଗ ଲାଗିଛି ତାହାକୁ ଲିଭାଇବାରେ ଏହି ଦୁଇ ପ୍ରକଳ୍ପ ପ୍ରମୁଖ ଭୂମିକା ନିର୍ବାହ କରିବେ ବୋଲି ଆଶା କରାଯାଉଛି। ଆଦାନି ଗ୍ରୁପ୍ ପକ୍ଷରୁ ରାୟଗଡ଼ାର କାଶିପୁରରେ ୪୧,୬୫୩ କୋଟି ଟଙ୍କା ନିବେଶରେ ଏକ ୪ ନିୟୁତ ଟନ୍ ଉତ୍ପାଦନ କ୍ଷମତା ବିଶିଷ୍ଟ ଆଲୁମିନା ରିଫାଇନାରି ଓ ୧୭୫ ମେଗାୱାଟ୍‌ର ଏକ କ୍ୟାପ୍‌ଟିଭ୍ ପାୱାର ପ୍ଲାଣ୍ଟ ସ୍ଥାପନ କରିବାକୁ ଯୋଜନା ରଖିଛି। ଏହି ପ୍ରକଳ୍ପରେ କମ୍ପାନି ୪୧,୬୫୩ କୋଟି ଟଙ୍କା ନିବେଶ କରିବ।

ଓଡ଼ିଶା ଏକ ମାନୁଫାକ୍ଚରିଂ ହବ୍ ଭାବେ ଉଭା ହେବା ଲାଗି ଲକ୍ଷ୍ୟ ରଖିଥିବା ବେଳେ ପାରମ୍ପରିକ ଖଣି ଓ ଧାତବ ଶିଳ୍ପରୁ ଆଗକୁ ବଢ଼ି ପ୍ରତିରକ୍ଷା ଓ ଏରୋସ୍ପେସ୍ ଉପକରଣ ନିର୍ମାତା, ଇଲେକ୍ଟ୍ରିକ୍ ଯାନ କମ୍ପାନିଗୁଡ଼ିକୁ ଆକୃଷ୍ଟ କରିପାରିଛି। କଲ୍ୟାଣୀ ଷ୍ଟିଲ୍ ଲିମିଟେଡ୍ ଢେଙ୍କାନାଳର ଗଜମରାରେ ୨୬ ହଜାର କୋଟି ଟଙ୍କା ନିବେଶରେ ଏକ ଏରୋସ୍ପେସ୍ ଉପକରଣ କାରଖାନା ସ୍ଥାପନ କରିବାକୁ ଘୋଷଣା କରିଛି। ସେହିପରି, ଜେଏସ୍‌ଡବ୍ଲୁ ଗ୍ରୁପ୍ ପକ୍ଷରୁ ରାଜ୍ୟରେ ୪୦ ହଜାର କୋଟି ଟଙ୍କା ନିବେଶରେଏକ ଇଲେକ୍ଟ୍ରିକ୍ ଯାନ ଓ ବ୍ୟାଟେରି ଉତ୍ପାଦନ କାରଖାନା ସ୍ଥାପନ କରିବାକୁ ଘୋଷଣା କରାଯାଇଛି। ଏସବୁ ପ୍ରକଳ୍ପ ଉପରେ ମଧ୍ୟ ସମସ୍ତଙ୍କ ନଜର ରହିବ। ଓଡ଼ିଶା ହେଉଛି ଏଭଳି ଏକ ରାଜ୍ୟ ଯାହା ବିଭିନ୍ନ ଜିନିଷ ଲାଗି ଅନ୍ୟ ରାଜ୍ୟ ଉପରେ ନିର୍ଭରଶୀଳ। ସେଥିପାଇଁ ଏହାର ଖୁଚୁରା ମୁଦ୍ରାସ୍ଫୀତି ହାର ୭ ପ୍ରତିଶତରୁ ଅଧିକ ରହିଛି। ଅର୍ଥନୀତିଜ୍ଞମାନଙ୍କ ମତରେ ଅନେକ ସାମଗ୍ରୀରେ ଓଡ଼ିଶା ଆତ୍ମନିର୍ଭରଶୀଳ ନଥିବାରୁ ଏଭଳି ସ୍ଥିତି ସୃଷ୍ଟି ହୋଇଛି। ଲୋକମାନଙ୍କୁ ଅନେକ ଜିନିଷ କିଣି ଖାଇବାକୁ ପଡୁଛି। ଯେହେତୁ ଲୋକମାନଙ୍କୁ ବହୁ ଜିନିଷ କିଣିବାକୁ ପଡୁଛି, ସେଥିପାଇଁ ଜାତୀୟ ହାର ତୁଳନାରେ ଓଡ଼ିଶାର ଖୁଚୁରା ମୁଦ୍ରାସ୍ଫୀତି ହାର ଅଢ଼େଇ ପ୍ରତିଶତ ଅଧିକ ରହୁଛି। ସେହି ସ୍ଥିତିରେ ଉନ୍ନତି ଆଣିବା ନୂଆ ସରକାରଙ୍କ ପାଇଁ ଏକ ବଡ଼ ଆହ୍ୱାନ ହେବ। ରାଜ୍ୟରେ କେବଳ ସହରାଞ୍ଚଳ ନୁହେଁ, ଗ୍ରାମାଞ୍ଚଳରେ ମଧ୍ୟ ଲୋକମାନଙ୍କୁ ବହୁ ଜିନିଷ କିଣିବାକୁ ପଡୁଛି। ତେଣୁ ଗ୍ରାମୀଣ ଅର୍ଥନୀତିରେ ଉନ୍ନତି ଆଣିବା ଉପରେ ଜୋର ଦେବାକୁ ହେବ। ଚାଷୀକୂଳ ପାଖରେ ଯେଭଳି ଅଧିକ ଟଙ୍କା ପହଞ୍ଚିବ ଏବଂ ସେମାନଙ୍କ ଆୟ ବଢ଼ିବ, ସେଦିଗରେ ନୂଆ ସରକାରଙ୍କୁ କାମ କରିବାକୁ ପଡ଼ିବ। ଓଡ଼ିଶାରେ ଭୋଟରମାନେ ଡବଲ୍ ଇଞ୍ଜିନ ସରକାର ଲଗାଇ ଦେଇଛନ୍ତି। ବିଜେପିକୁ ଉଭୟ ଲୋକସଭା ଓ ବିଧାନସଭାରେ ବିଜୟୀ କରାଇଥିବାରୁ କେନ୍ଦ୍ରର ବିଶେଷ ଦୃଷ୍ଟି ଓଡ଼ିଶା ଉପରେ ରହିବ ବୋଲି ଆଶା କରାଯାଉଛି। ନିର୍ବାଚନ ପ୍ରଚାର ବେଳେ ପୁରୀ ଜିଲ୍ଲାରେ କେନ୍ଦ୍ର ସଡ଼କ ପରିବହନ ଏବଂ ରାଜପଥ ବିଭାଗ ମନ୍ତ୍ରୀ ନୀତିନ ଗଡ଼କରୀ ରାଜ୍ୟରେ ଅନେକ ପ୍ରକଳ୍ପ ସଂପର୍କରେ ଘୋଷଣା କରିଥିଲେ। ସେଗୁଡ଼ିକ ମଧ୍ୟରେ ଗୋପାଳପୁରରୁ ସାତପଡ଼ାକୁ ଦୁଇଲେନ୍ ରାସ୍ତା କାମ ଅନ୍ତର୍ଭୁକ୍ତ ରହିଛି। ଏଥିସହିତ ପାରାଦୀପରେ ୨ଶହ କୋଟି ଟଙ୍କା ଖର୍ଚ୍ଚରେ ଏକ ବିମାନବନ୍ଦର ନିର୍ମାଣ କରାଯିବ। ଏଥିସହ ରତନପୁର-ଦୀଘା ୧୭୧ କିଲୋମିଟର ଲମ୍ବ ୬ ଲେନ୍ ରାସ୍ତାର କାମ ଆରମ୍ଭ ହେବ। ୮ହଜାର ୫ଶହ କୋଟି ଟଙ୍କାରେ ରାମେଶ୍ୱରରୁ ପୁରୀ, କୋଣାର୍କ, ପାରାଦୀପ ଓ ରତନପୁର ପର୍ଯ୍ୟନ୍ତ ୧୭୭ କିଲୋମିଟର ଲମ୍ବ ଚାରିଲେନ୍ ରାସ୍ତା ତିଆରି ହେବ। ଜାମୁଝାଡ଼ିଠାରୁ ଧାମରା ବନ୍ଦର ପର୍ଯ୍ୟନ୍ତ ୨ହଜାର କୋଟିରେ ୬୫ କିଲୋମିଟର ଲମ୍ବ ଚାରିଲେନ୍ ରାସ୍ତା ନିର୍ମାଣ ହେବ। ୨୩୭୦ କୋଟି ଟଙ୍କା ବିନିମୟରେ କଟକରୁ ପାରାଦୀପ ବନ୍ଦରକୁ ୮୭ କିଲୋମିଟର ଲମ୍ବ ଚାରିଲେନ୍ ରାସ୍ତା ନିର୍ମାଣ ହେବ। ସେହିଭଳି ୬ହଜାର ୨୫୩ କୋଟି ଟଙ୍କାରେ ଭୁବନେଶ୍ୱରରେ ୧୧୧ କିମିର ୬ ଲେନ୍ ବିଶିଷ୍ଟ ରିଂରୋଡ୍ କାମ ଆରମ୍ଭ ହେବ।

# ରାଜ୍ୟରେ କେନ୍ଦ୍ରର ଆୟୁଷ୍ମାନ ଯୋଜନା ଲାଗୁ ହେବ: ମନମୋହନ ସାମଲ




ଭୁବନେଶ୍ୱର: ଓଡିଶାରେ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା (ବିଏସକେୱାଇ) ଓ ନୂଆ ମୁଖ୍ୟମନ୍ତ୍ରୀଙ୍କ ଚୟନକୁ ନେଇ ରାଜ୍ୟ ବିଜେପି ସଭାପତି ମନମୋହନ ସାମଲ ବଡ଼ ସୂଚନା ଦେଇଛନ୍ତି। ସେ କହିଛନ୍ତି, ନରେନ୍ଦ୍ର ମୋଦୀଙ୍କ ଘୋଷଣା ଅନୁସାରେ ଆସନ୍ତା ୧୦ରେ ହିଁ ଓଡ଼ିଶାରେ ଜଣେ ଓଡ଼ିଆ ମୁଖ୍ୟମନ୍ତ୍ରୀ ଭାବେ ଶପଥ ନେବେ। ହେଲେ କିଏ ରାଜ୍ୟ ମୁଖ୍ୟମନ୍ତ୍ରୀ ହେବେ ତାହା ଦଳର ପାର୍ଲିଆମେଣ୍ଟାରି ବୋର୍ଡ ନିଷ୍ପତ୍ତି ନେବେ। ଦିନେ ଦୁଇ ଦିନ ଭିତରେ ଏ ନେଇ ଚୂଡ଼ାନ୍ତ ନିଷ୍ପତ୍ତି ହେବ। ବିଜେପିର ବିପୁଳ ବିଜୟ ପରେ ମନମୋହନ ସାମଲ ଗଣମାଧ୍ୟମର ପ୍ରତିନିଧିଙ୍କୁ ପ୍ରତିକ୍ରିୟା ଦେଇ କହିଛନ୍ତି, ଓଡ଼ିଶାରେ ପରିବର୍ତ୍ତନ ଆଣିବା ଲୋକଙ୍କ ମନରେ ଥିଲା। ଏ ନିର୍ବାଚନ ସାଧାରଣ ଲୋକଙ୍କ ଥିଲା, ସେମାନେ ଲଢୁଥିଲେ। ଭ୍ରଷ୍ଟ ଶାସନ ବିରୋଧରେ, ଓଡ଼ିଶାର ଅସ୍ମିତା ପାଇଁ ଲଢ଼ିଥିଲୁ। ଏହାସହ ଶ୍ରୀ ସାମ ବିଜେଡି ସରକାର ସମୟରେ ଲାଗୁ ହୋଇଥିବା ଲୋକକଲ୍ୟାଣକାରୀ ଯୋଜନା 'ବିଏସକେୱାଇ ଯୋଜନା' ନେଇ ମଧ୍ୟ କହିଛନ୍ତି। ସେ କହିଛନ୍ତି ଯେ ରାଜ୍ୟରେ କେନ୍ଦ୍ରର ଆୟୁଷ୍ମାନ ଯୋଜନା ଲାଗୁ ହେବ। ବିଜେପି ସରକାର ଶପଥ ଗ୍ରହଣ କରିବା ପରେ ରାଜ୍ୟରେ ଆୟୁଷ୍ମାନ ଯୋଜନା ଲାଗୁ ହେବ। ବିଏସକେୱାଇ ଯୋଜନାରେ ଲୋକଙ୍କ ପାଇଁ ଅଳ୍ପ ସୁବିଧା ସୁଯୋଗ ଥିଲା ହେଲେ ଆୟୁଷ୍ମାନ ଯୋଜନାରେ ସ୍ୱାସ୍ଥ୍ୟ ସେବାକୁ ବ୍ୟାପକ କରାଯିବ। ଏହାସହ ରତ୍ନ ଭଣ୍ଡାର ଖୋଲାଯିବ। ଏହାର ଅନୁଧ୍ୟାନ କରାଯାଇ ରିପୋର୍ଟ ସାର୍ବଜନୀନ କରାଯିବ।

# ବଦଳିଛି ଓଡ଼ିଶା ଅର୍ଥନୀତି



ଭୁବନେଶ୍ୱର, ୪/୬ (ନି.ପ୍ର): ଦେଶର ପ୍ରାୟ ଅଧା ଖଣିଜ ପଦାର୍ଥ ଓଡ଼ିଶାରେ ଉତ୍ପାଦନ ହେଉଛି। ୨୦୧୯-୨୦ରେ ୪୩ ପ୍ରତିଶତ ଖଣିଜ ପଦାର୍ଥ ରାଜ୍ୟରୁ ଉତ୍ପାଦନ ହୋଇଥିଲା। ଇଣ୍ଡିଆ ରେଟିଂସ୍‌ର ଏକ ରିପୋର୍ଟ ଅନୁସାରେ ୨୦୨୨ ସୁଦ୍ଧା ଶେଷ ହୋଇଥିବା ଛଅଟି ଆର୍ଥିକ ବର୍ଷ ମଧ୍ୟରେ ରାଜ୍ୟର ଅର୍ଥନୀତି ଦ୍ୱିଗୁଣିତ ହୋଇଛି। କେବଳ ମଧ୍ୟପ୍ରଦେଶ ଓ ଓଡ଼ିଶା ଏହି ସଫଳତା ହାସଲ କରିଥିଲେ। ୨୦୧୨-୧୩ରେ ରାଜ୍ୟର ?ମୁଣ୍ଡପିଛା ଆୟ ୪୯,୨୨୭ ଟଙ୍କା ଥିଲା। ୨୦୨୨-୨୩ ସୁଦ୍ଧା ତାହା ତିନି ଗୁଣା ବୃଦ୍ଧି ପାଇ ୧.୫୧ ଲକ୍ଷ ଟଙ୍କା ହୋଇଛି। ବାର୍ଷିକ ୧୧.୮୪ ପ୍ରତିଶତ ହାରରେ ମୁଣ୍ଡପିଛା ଆୟରେ ବୃଦ୍ଧି ହୋଇଛି ବୋଲି ସେଣ୍ଟର ଫର ମନିଟରିଂ ଇଣ୍ଡିଆନ୍ ଇକୋନମି (ସିଏମ୍‌ଆଇଇ) ତଥ୍ୟରୁ ଜଣାପଡ଼ିଛି। ନିତି ଆୟୋଗର ଏକ ରିପୋର୍ଟ ଅନୁସାରେ ୨୦୨୧ ମାର୍ଚ୍ଚ ସୁଦ୍ଧା ଶେଷ ହୋଇଥିବା ପାଞ୍ଚ ବର୍ଷ ଭିତରେ ରାଜ୍ୟରେ ୬୨ ଲକ୍ଷରୁ ଅଧିକ ଲୋକ ବହୁମୁଖୀ ଦାରିଦ୍ର୍ୟ କବଳରୁ ମୁକ୍ତ ହୋଇଛନ୍ତି। ଓଡ଼ିଶା ଏକ ରାଜସ୍ୱ ବଳକା ରାଜ୍ୟ ହୋଇରହିଛି। ଏଭଳି ସ୍ଥିତିରେ ଥିବା ଏହି ରାଜ୍ୟକୁ ଆହୁରି ଉପରକୁ ନେଇ ପୂର୍ବ ଭାରତର ଏକ ଅଗ୍ରଣୀ ରାଜ୍ୟରେ ପରିଣତ କରିବାର ସୁଯୋଗ ନୂଆ ସରକାରଙ୍କ ପାଖରେ ରହିଛି। ୨୦୪୭ ସୁଦ୍ଧା ଭାରତକୁ ବିକଶିତ ରାଷ୍ଟ୍ରରେ ପରିଣତ କରିବାକୁ ଚାହୁଁଥିବା ବିଜେପି ସରକାର ଓଡ଼ିଶାକୁ ଏକ ଟ୍ରିଲିଅନ୍ ଡଲାର ଅର୍ଥନୀତିରେ ପରିଣତ କରିବା ପାଇଁ ଉଦ୍ୟମ କରିପାରିବେ। ଖଣିଜ କ୍ଷେତ୍ରରୁ କିଭଳି ଅଧିକ ରାଜସ୍ୱ ଆସିପାରିବ ଏବଂ ଖଣି ନିଲାମରେ ଆହୁରି ସଫଳତା ମିଳିପାରିବ ତାହା ଉପରେ ନୂଆ ସରକାର ଧ୍ୟାନ ଦେଇପାରିବେ। ଗତ କିଛି ବର୍ଷ ହେଲାଣି ଓଡ଼ିଶାର ବାର୍ଷିକ ଅଭିବୃଦ୍ଧି ଜାତୀୟ ହାରଠାରୁ ଅଧିକ ରହୁଛି। ସେହି ଧାରାକୁ ବଜାୟ ରଖିବା ଏବଂ ସେଥିରେ ଉନ୍ନତି ଆଣିବାକୁ ହେବ।

# ମହାନଦୀ ବ୍ରିଜ ଉପରେ ଫାଟିଗଲା ଟ୍ରକର ଚକା: ଚାଳକ ଉଦ୍ଧାର



ସୁବର୍ଣ୍ଣପୁର, ୫/୬ (ନି.ପ୍ର): ମହାନଦୀ ବ୍ରିଜ ଉପରେ ଫାଟିଗଲା ଟ୍ରକର ଚକା। ଭାରସାମ୍ୟ ହରାଇ ସେତୁର ଫୁଟପାତ ପିଟିହେଲା ଗାଡ଼ି। ଏକ ବଡ଼ ଦୁର୍ଘଟଣାରେ ଅଳ୍ପକେ ବର୍ତ୍ତିଗଲେ ଚାଳକ। ସୁବର୍ଣ୍ଣପୁର ଜିଲ୍ଲା ମହାନଦୀ ସେତୁ ଉପରେ ଏହି ଦୁର୍ଘଟଣା ଘଟିଛି। ଗତକାଲି ବିଳମ୍ବିତ ରାତିରେ ଡିଜେଲ ବୋଝେଇ ଟ୍ରକଟି ଟିଟିଲାଗଡରୁ ସମ୍ବଲପୁର ଅଭିମୁଖେ ଯାଉଥିଲା। ମହାନଦୀ ସେତୁ ଉପରେ ହଠାତ୍ ଟ୍ରକର ସମ୍ମୁଖ ଭାଗର ଦୁଇ ଗୋଟି ଚକା ଫାଟି ଯାଇଥିଲା। ଫଳରେ ଟ୍ରକଟି ସେତୁର ଫୁଟପାତରେ ବାଡେଇ ହୋଇଯାଇଥିଲା। ଟ୍ରକ ଚାଳକ ମହାନଦୀ ସେତୁ ଭିତରକୁ ଛିଟିକି ପଡିଥିଲେ। ଦମକଳବାହିନୀ ଘଟଣାସ୍ଥଳରେ ପହଞ୍ଚି ଟ୍ରକ ଚାଳକୁ ଉଦ୍ଧାର କରିଥିଲା। । ଦୁର୍ଘଟଣଗ୍ରସ୍ତ ହୋଇଥିଲା । ଦୁର୍ଘଟଣାରେ ଟ୍ରକ ଚାଳକ ମହାନଦୀ ସେତୁ ଭିତରକୁ ଛିଟିକି ପଡିଥିଲେ । ଖବର ପାଇ ଦମକଳବାହିନୀ ଘଟଣାସ୍ଥଳରେ ପହଂଚି ଟ୍ରକ ଚାଳକୁ ଉଦ୍ଧାର କରିଥିଲେ। ଦୁର୍ଘଟଣାରେ ଚାଳକ ଜଣକ ସାମାନ୍ୟ ଆହତ ହୋଇଛନ୍ତି ।ଟ୍ରକ ଡାଇଭର ଜଣକ ସମ୍ବଲପୁର ର ଧର୍ମୁ ମହାନନ୍ଦ ବୋଲି ଜଣାପଡିଛି। ସୋନପୁର ପୁଲିସ ପହଞ୍ଚି ତଦନ୍ତ ଆରମ୍ଭ କରିଛି।

# ୮ ତାରିଖ ପରେ ବଦଳିବ ଦିଲ୍ଲୀର ଅବସ୍ଥା: କମିବ ତାପମାତ୍ରା

ନୂଆଦିଲ୍ଲୀ, ୪/୬ (ନି.ପ୍ର): ଚଳିତବର୍ଷର ଗରମ ଲୋକଙ୍କଙ୍କୁ ନାହିଁନଥିବା ହନ୍ତସନ୍ତ କରିଛି। ଲୋକଙ୍କ ପାଇଁ ଘରୁ ବାହାରକୁ ବାହାରିବା ବି କଷ୍ଟ ହୋଇପଡୁଛି। ଦିଲ୍ଲୀରେ ତାପମାତ୍ରା ୪୫ ଡିଗ୍ରି ତଳକୁ ଖସିବା ନାଁ ଧରୁନାହିଁ। ଭାରତୀୟ ପାଣିପାଗ ବିଭାଗର ସୂଚନା ଅନୁସାରେ, ଆଜି ଦିଲ୍ଲୀରେ ତାପମାତ୍ରା ସାମାନ୍ୟ ହ୍ରାସ ପାଇଛି। ଆଜି ରାଜଧାନୀ ଦିଲ୍ଲୀର ତାପମାତ୍ରା ସର୍ବାଧିକ ୪୩ ଡିଗ୍ରି ରହିବା ସହ ସର୍ବନିମ୍ନ ତାପମାତ୍ରା ୧୩ ଡିଗ୍ରି ରହିବ ବୋଲି ଆକଳନ କରାଯାଇଥିଲା। ଜୁନ୍ ୮ ତାରିଖ ପରେ ଦିଲ୍ଲୀର ଅବସ୍ଥା ବଦଳିବ ବୋଲି ପୂର୍ବାନୁମାନ ହୋଇଛି। ୮, ୯ ଓ ୧୦ ତାରିଖରେ ଦିଲ୍ଲୀରେ ବର୍ଷା ହେବ ବୋଲି ପୂର୍ବାନୁମାନ କରାଯାଇଛି। ବର୍ଦ୍ଧିତ ତାମପାତ୍ରା ପୁଣି ଥରେ ଦିଲ୍ଲୀର ଜଳବାୟୁକୁ ବିଗାଡ଼ି ଦେଇଛି। ପ୍ରଦୂଷଣ ବି ଖୁବ୍ ଅଧିକ ବଢ଼ିଯାଇଛି। ରାଜ୍ୟରେ ଚଳିତ ବର୍ଷର ତାପମାତ୍ରା ରେକର୍ଡ କରିଛି। ଜାନୁଆରି ୩୦ ତାରିଖରେ ପୂରା ପଶ୍ଚିମ ଓଡ଼ିଶା ପ୍ରବଳ ଖରାରେ ଜଳିଛି। ଝାରସୁଗୁଡ଼ାରେ ପାରଦ ୪୭ଡିଗ୍ରିକୁ ଉଠିଛି। ଏଥି ସହିତ ଝାରସୁଗୁଡ଼ାରେ ମେ' ମାସର ସର୍ବକାଳୀନ ରେକର୍ଡ କରିଥିଲା ବୋଲି ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ଏହି ସୂଚନା ଦିଆଯାଇଥିଲା।

# ଲୋପ ପାଉଛି ତାଳଗଛ : ବଜ୍ରପାତ ନେଉଛି ଜୀବନ



ଅସ୍ତରଙ୍ଗ, ୫/୬ (ନି.ପ୍ର): ସଂରକ୍ଷିତ ଜଙ୍ଗଲ ଓ ବଜ୍ରପାତ ପ୍ରବଣ ଅଞ୍ଚଳରେ ଓଡ଼ିଶା ସରକାରଙ୍କ ପକ୍ଷରୁ ଲଗାଯିବ ବ୍ୟାପକ ତାଳ ଗଛ। ଏନେଇ ଓଡ଼ିଶା ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ଏବଂ କୃଷି ବିଭାଗ ମାଧ୍ୟମରେ ତାଳଗଛ ରୋପଣ କରାଯାଇ ବଜ୍ରପାତ ରୋକିବାକୁ ଓଡ଼ିଶା ସରକାର ନିଷ୍ପତି ନେଇଛନ୍ତି। କ୍ରମାଗତ ଭାବେ ଜଙ୍ଗଲ ଧ୍ୱଂସ ଯୋଗୁ ପାଣିପାଗରେ ଅହେତୁକ ପରିବର୍ତ୍ତନ ଦେଖିବାକୁ ମିଳୁଛି। ସହର ଓ ଜନବସତି ବୃଦ୍ଧି ପାଇଁ ଗଛଲତା ଅକାଳରେ ବଳି ପଡୁଛନ୍ତି। କଂକ୍ରିଟ ଜଙ୍ଗଲ ବୃଦ୍ଧି ପାଉଥିବାବେଳେ ସବୁଜ ବଳୟ ଲୋପ ପାଇବାରେ ଲାଗିଛି। ଫଳରେ ତାପମାତ୍ରା ବୃଦ୍ଧି ସାଙ୍ଗକୁ ଅନିୟମିତ ବର୍ଷା ଜନିତ ପରିବେଶ ସନ୍ତୁଳନ ବିଗିଡ଼ିବା ଫଳରେ ପ୍ରାକୃତିକ ବିପର୍ଯ୍ୟୟକୁ ନିମନ୍ତ୍ରଣ କରୁଛି। ପ୍ରାକୃତିକ ବିପର୍ଯ୍ୟୟ ମଧ୍ୟରେ ଏବେ ସବୁଠାରୁ ସମ୍ବେଦନଶୀଳ ଘଟଣା ହେଲା ଅସମୟରେ ବଜ୍ରପାତ ଘଟିବା। ରାଜ୍ୟରେ ବଜ୍ରପାତ ଯୋଗୁ ଅନେକ ଧନଜୀବନହାନୀ ଘଟୁଛି। ଓଡ଼ିଶା ଏକ ବାତ୍ୟା ବିପର୍ଯ୍ୟୟ ରାଜ୍ୟ ହୋଇଥିବା ବେଳେ ବଜ୍ରପାତରେ ମାତ୍ରାଧିକ ଶିକାର ହେଉଛନ୍ତି। ୨୦୨୧-୨୨ ମସିହାରେ ରାଜ୍ୟରେ ବଜ୍ରପାତ ମୃତ୍ୟୁ ସଂଖ୍ୟା ୨୮୧ ଥିବା ବେଳେ ବିଗତ ୧୧ ବର୍ଷରେ ମୃତ୍ୟୁ ସଂଖ୍ୟା ୩, ୭୯୦ ରାଜ୍ୟ ବିପର୍ଯ୍ୟୟ ପରିଚାଳନା ବ୍ୟବସ୍ଥା ପାଇଁ ଚିନ୍ତାର ବିଷୟ ପାଲଟିଛି। ୧୯୯୯ ମହାବାତ୍ୟାରେ ଉପକୂଳ ଅଞ୍ଚଳରେ ଲକ୍ଷ ଲକ୍ଷ ଗଛ ଭାଙ୍ଗି ଯାଇଥିଲା। ବର୍ତ୍ତମାନ ରାସ୍ତାଘାଟ ନିର୍ମାଣ ଓ ସମ୍ପ୍ରସାରଣ, କଳକାରଖାନା ନିର୍ମାଣ ଲାଗି ଗଛକଟା ଜାରି ରହିଛି। ଏଥିରୁ ତାଳଗଛ ବି ବାଦ୍ ପଡୁନାହିଁ। ଚାଷଜମି ଆଖପାଖ ଅଞ୍ଚଳ ଓ ଖୋଲା ପଡ଼ିଆରେ ପୂର୍ବରୁ ତାଳ ଗଛ ରୋପଣ କରାଯାଉଥିଲା।ଏହାର କାରଣ ଥିଲା ବଜ୍ରପାତରୁ ରକ୍ଷା ପାଇବା। ସେ ସବୁ ଲୋପ ପାଇଲାଣି। ପ୍ରାକୃତିକ ବିପର୍ଯ୍ୟୟରେ ଯେତିକି ତାଳଗଛ ନଷ୍ଟ ହୋଇ ନ ଥିଲା ତା'ଠାରୁ ଅଧିକ ଅନ୍ୟରାଜ୍ୟକୁ ଚୋରା ଚାଲାଣ ହେଉଛି। ବଜ୍ରପାତ ସାଧାରଣତଃ ତାଳଗଛ ଭଳି ଅଧିକ ଉଚ୍ଚତା ବିଶିଷ୍ଟ ଗଛରେ ପଡ଼ିଥାଏ। ଖୋଲା ସ୍ଥାନରେ ଥିବା ଏବଂ ଉଚ୍ଚତା ଅଧିକ ଥିବାରୁ ଏହା ବଜ୍ରପାତକୁ ଗ୍ରହଣ କରି ନେଇଥାଏ। ଏବେ ଚାଷଜମି କିମ୍ବା ଖୋଲା ସ୍ଥାନରେ ଆଉ ତାଳ ଗଛ ଦେଖିବାକୁ ମିଳୁନାହିଁ। ଫଳରେ ବଜ୍ରାଘାତଜନିତ ମୃତ୍ୟୁ ସଂଖ୍ୟା ବଢ଼ିବାରେ ଲାଗିଛି। କେବଳ ବଜ୍ରପାତ ଦୁର୍ଘଟଣା ନୁହେଁ, ତାଳଗଛରେ ରହୁଥିବା ବାଇ ଚଢ଼େଇ ଆଉ ଦେଖିବାକୁ ମିଳୁନାହିଁ କିମ୍ବା ସେମାନଙ୍କ ବସା ଆଉ ଦେଖିବାକୁ ମିଳୁନାହିଁ। ଗୋଟିଏ ତାଳଗଛ ବଢ଼ିବାକୁ ୩୦ବର୍ଷ ଲାଗୁଥିବାରୁ ଏହି ଯୋଜନା ଶୀତଳ ଭଣ୍ଡାରରେ ରହିଗଲା। ତାଳଗଛର ଅବକ୍ଷୟ କେବଳ ବଜ୍ରପାତ ଜନିତ ମୃତ୍ୟୁ ବୃଦ୍ଧିରେ ସହାୟକ ହେଉନାହିଁ ବରଂ ଏହା ଏବେ ପକ୍ଷୀଙ୍କ ପାଇଁ ସମସ୍ୟା ସୃଷ୍ଟି କରିଛି। ଅସ୍ତରଙ୍ଗ ଅଞ୍ଚଳର ଅବସରପ୍ରାପ୍ତ ସେନା କର୍ମଚାରୀ କୃଷ୍ଣଚନ୍ଦ୍ର ବିଶ୍ୱାଳ ଓ ଶିକ୍ଷକ ବିଜୟ ଭଟ୍ଟ ଦୁଇ ଦଶନ୍ଧି ଧରି ନିରବଚ୍ଛିନ୍ନ ଭାବେ ଅସ୍ତରଙ୍ଗ ଉପକୂଳରେ ତାଳଗଛ ରୋପଣ ମାଧ୍ୟମରେ ତାଳ ଗଛ ଉପସ୍ଥିତିର ଗୁରୁତ୍ୱକୁ ସ୍ଥାନୀୟ ଲୋକେ ସଚେତନ ହୋଇଥିବା ବେଳେ ଉପକୂଳବର୍ତ୍ତୀ ଅଞ୍ଚଳର ଛାତ୍ର, ଯୁବକ ଓ ଶିକ୍ଷାବିତ୍ ମାନେ ମଧ୍ୟ ସକ୍ରିୟ ଭାବରେ ତାଳଗଛ ରୋପଣ ଅଭିଯାନରେ ଯୋଡ଼ି ହୋଇଛନ୍ତି। ଅନୁରୂପ ଭାବେ ଉଭୟ ପରିବେଶ କର୍ମୀ ନିଜ ଆୟରୁ ସଞ୍ଚୟ କରି ୨୪ ବର୍ଷ ପୂର୍ବେ ଆରମ୍ଭ କରିଥିବା ଏହି ଉଦ୍ୟମ ଆଜି ଉପକୂଳବର୍ତ୍ତୀ ଅଞ୍ଚଳରେ ସବୁଜ ବନ୍ଧ ଭାବେ ଠିଆ ହେବାରେ ଲାଗିଥିବା ବେଳେ ଲୋପ ଯାଇଥିବା ବାଇ ଚଢେଇଙ୍କ ପାଇଁ ବାସସ୍ଥାନ ଫେରିବାର ଆଶା ସଂଚାର ହୋଇଛି। ଆଗାମୀ ଦିନରେ ଏହି ଅବଦାନ ବାଲୁକା କ୍ଷୟ, ବାତ୍ୟା, ସୁନାମି ବିପର୍ଯ୍ୟୟକୁ ପ୍ରତିହତ କରିବାରେ ବିଶେଷ ଭୂମିକା ଗ୍ରହଣ କରିବ ବୋଲି ମିଳିତ ଜାତିସଂଘ ଭାରତର ଯୁବ ଅଧିବକ୍ତା ସୌମ୍ୟ ରଞ୍ଜନ ବିଶ୍ୱାଳ ମତବ୍ୟକ୍ତ କରିଛନ୍ତି।

# ବିଜୟ ଶୋଭାଯାତ୍ରାରେ ନାଚିଲେ କଂଗ୍ରେସ ନେତା ଓ କର୍ମୀ

ଜୟପୁର , ୫/୬ (ନି.ପ୍ର): ବିପୁଳ ଭୋଟ ପାଇ ଜୟପୁର ନିବାଚନ ମଣ୍ଡଳିର କଂଗ୍ରେସ ପ୍ରାର୍ଥି କାପା ପ୍ରସାଦ ବାହିନିପତି ବିଜୟ ହୋଇଛନ୍ତି । ଏନେଇ ଆଜି ରଜା ନହର ଠାରୁ ଏକ ବିଜୟ ଶୋଭାଯାତ୍ରା ବାହାରି ମୁଖ୍ୟ ରାସ୍ତା ଦେଇ ସରକାରୀ ବସଷ୍ଟାଣ୍ଡ ଯାଏ ଯାଇଥିଲା । ଏହି ଶୋଭାଯାତ୍ରା ରେ କଂଗ୍ରେସର ବିଜୟ ବିଧାୟକ ପ୍ରାର୍ଥି ତାରା ପ୍ରସାଦ ବାହିନିପତି ଯୋଗ ଦେଇତ୍ରିୟ ଥର ପାଇ ଜୟଯୁକ୍ତ କରିଥିବାରୁ ଜୟପୁର ନିବାଚନ ମଣ୍ଡଳିର ସମସ୍ତ ଜନ ସାଧାରଣ ଙ୍କୁ ଧନ୍ୟବାଦ ଦେଇଥିଲେ । ଆଗାମୀ ଦିନରେ ଜିଲା ଭିତ୍ତିକ ନିଯୁକ୍ତି, ଶିକ୍ଷାର ହବ ହେବ ଲୋକ ଙ୍କ ସ୍ୱର ବିଧାନସଭାରେ ଉଠିବ ବୋଲି ସୁଚନା ଦେଇଛନ୍ତି । ଏ ଅଞ୍ଚଳର ବିକାଶ, ଉନ୍ନତି ଶାନ୍ତି ଓ ସୁରକ୍ଷା ପାଇ ଆମ ସମସ୍ତଙ୍କ ଦାୟିତ୍ୱ ରହିଛି । ସମସ୍ତେ ରାଜନିତିରୁ ଉଦ୍ଧରେ ରହି ଏକାଠି ହୋଇ ବିକାଶ କରିବା ପାଇ ଆହ୍ୱାନ ଦେଇଥିଲେ । ଆଗାମି ଦିନର ଶାନ୍ତି,ମୈତ୍ରୀ, ପ୍ରଗିତି ଓ ସମୃଦ୍ଧିର ବାତ୍ତା ପ୍ରତିଶ୍ରୁତି ଦେଇଥିଲେ ବିଧାୟକ ତାରା ପ୍ରସାଦ ବାହିନିପତି । ଏହି ଶୋଭାଯାତ୍ରା ରେ ପୌର ଅଧକ୍ଷ ନରେନ୍ଦ୍ର କୁମାର ମହାନ୍ତି, ନିହାର ବିଶୋୟୀ, ଦୁର୍ଗା ଶର୍ମା ସହ ଶତାଧିକ କଂଗ୍ରେସ କର୍ମି ଓ ନେତା ଉପସ୍ଥିତ ଥିଲେ ।

# ଦୋକାନ ଉପରକୁ ମାଡିଗଲା ଡମ୍ଫର: ଦମ୍ପତି ମୃତ

ବାଲେଶ୍ୱର, ୫/୬ (ନି.ପ୍ର): ଭାରସାମ୍ୟ ହରାଇ ଦୋକାନ ଉପରକୁ ମାଡିଗଲା ଡମ୍ଫର। ଦୁର୍ଘଟଣାରେ ଦମ୍ପତିଙ୍କର ମୃତ୍ୟୁ ଘଟିଛି। ବାଲେଶ୍ୱର ଜିଲ୍ଲା ଜଳେଶ୍ୱର ଥାନା ଅନ୍ତର୍ଗତ ଅନ୍ତର୍ଗତ ଆମ୍ବଲିଅଠା ଛକ ନିକଟରେ ଦୁର୍ଘଟଣା ଘଟିଛି। ମୃତ ଦମ୍ପତି ହେଲେ କାସିଡିହା ଗ୍ରାମର ସୁଧୀର ଜେନା ଓ ଗୀତାରାଣୀ ଜେନା। ଗତକାଲି ବିଳମ୍ବିତ ରାତିରେ ପଶ୍ଚିମବଙ୍ଗରୁ ଡମ୍ଫରଟି ଚିପ୍ସ ନେଇ ନେଇ ଆସୁଥିଲା। ଆମ୍ବଲିଅଠା ଛକ ନିକଟରେ ଭାରସାମ୍ୟ ହରାଇ ଡମ୍ଫରଟି ଦୋକାନ ଉପରେ ମାଡ଼ି ଯାଇଥିଲା। ଏହି ସମୟରେ ଦୋକାନ ଭିତରେ ସୁଧୀର ଓ ତାଙ୍କ ସ୍ତ୍ରୀ ଶୋଇଥିଲେ। ଡମ୍ଫରଟି ତାଙ୍କ ଉପରେ ମାଡ଼ିଯାଇଥିଲା। ଘଟଣାସ୍ଥଳରେ ସେମାନଙ୍କର ମୃତ୍ୟୁ ଘଟିଥିଲା। ପରେ ଡମ୍ଫରଟି ଭାରସାମ୍ୟ ହରାଇ ଓଲଟି ପଡ଼ିଥିଲା। ଦୁର୍ଘଟଣା ପରେ ଟ୍ରକ୍ ଡ୍ରାଇଭର ଘଟଣାସ୍ଥଳରୁ ଫେରାର ହୋଇଯାଇଛି। ଦୋକାନଟି ଦୁର୍ଘଟଣାରେ ଭାଙ୍ଗି ନଷ୍ଟ ହୋଇଯାଇଛି। ପୁଲିସ ଘଟଣାର ତଦନ୍ତ କରୁଛି।

# ଆହ୍ୱାନ ସଂଗଠନ ତରଫରୁ ବିଶ୍ୱ ପରିବେଶ ଦିବସ ପାଳିତ




ନୀଳଗିରି , ୫/୬ (ନି.ପ୍ର): ସଭାପତି ସଂଯୁକ୍ତା ଦଳପତି ସମ୍ପାଦିକା ଅରୁଣା ବାରିକଙ୍କ ନେତୃତ୍ୱରେ ଲକ୍ଷ୍ମୀପ୍ରିୟା ସେନାପତି, ଉର୍ମିଳା ଦେ, ବେଦମତି ଦାସ, କଳ୍ପନା ବେହେରା, ଦମୟନ୍ତୀ ବ୍ରହ୍ମ,ତକ୍ଷରମଣୀ ଜେନା, ନିରୁପମା ସାହୁ, ମିନତୀ ପ୍ରଧାନ, ଲହରୀ ଦାସ, ଗୀତାଞ୍ଜଳି ଦେଉରି, ହୃଷିକେଶ ବ୍ରହ୍ମ, ପର୍ଶୁରାମ ରାଉତ, ଲିଟୁ ସାହୁ ପ୍ରମୁଖ ମହିଳା ପୁରୁଷ ସଦସ୍ୟ ସଦସ୍ୟାଙ୍କ ସହଯୋଗରେ ବିଶ୍ୱ ପରିବେଶ ଦିବସ ଅବସରରେ ସକାଳ ୧୦ ଘଟିକା ଠାରୁ ସନ୍ତରାଗଡିଆ, ଯୋକଗଡିଆ, ଶ୍ରୀଦେଇପୁର ଏବଂ ପାଟଣାପଦା ଗ୍ରାମରେ ବୃକ୍ଷ ରୋପଣ କରିବା ସହିତ ଗ୍ରାମବାସୀ ମାନଙ୍କୁ ପରିବେଶ ସୁରକ୍ଷା, ଗ୍ଲୋବାଲ ୱାର୍ମିଙ୍ଗ, ଏବଂ ବୃକ୍ଷରୋପଣର ଉପାଦେୟତା ବିଷୟରେ ସଚେତନତା କରିବା ସହିତ ଉପରଓଳି ଯୋକଗଡିଆ ସପ୍ତାଙ୍ଗ ଅଗଣାରେ ଏକ ସଚେତନତା ସଭାର ଆୟୋଜନ କରିଥିଲେ । ଆଗାମୀ ଦିନ ରେ ନିଜସ୍ୱ ପ୍ରଚେଷ୍ଟାରେ ଅଞ୍ଚଳବାସି ଙ୍କ ସହଯୋଗରେ ଅନେକ ବୃକ୍ଷ ରୋପଣ କରିବା ନେଇ ଆଗ୍ରହୀ ଥିବା ସଂଗଠନ ତରଫରୁ ସୂଚନା ମିଳିଛି ।

# ବରିଷ୍ଠ ସିପିଆଇ (ଏମ) ନେତା ଯୋଗାନନ୍ଦ ଦାସଙ୍କ ଦଳରୁ ଇସ୍ତଫା



ନୀଳଗିରି , ୫/୬ (ନି.ପ୍ର): ଚଳିତ ସାଧାରଣ ନିର୍ବାଚନରେ ନୀଳଗିରି ବିଧାନସଭାରୁ ପ୍ରତିଦ୍ୱନ୍ଦିତା କରିଥିବା ବରିଷ୍ଠ ସିପିଆଇଏମ ନେତା ଯୋଗାନନ୍ଦ ଦାଶ ବୁଧବାର ଦଳର ପ୍ରାଥମିକ ସଦସ୍ୟ ପଦରୁ ଇସ୍ତଫା ଦେଇଛନ୍ତି । ନିଜ ସ୍ୱାସ୍ଥ୍ୟଗତ କାରଣ ଦର୍ଶାଇ ଦଳରୁ ଇସ୍ତଫା ଦେଇଥିବା ସେ କହିଛନ୍ତି । ଏନେଇ ସେ ଆଜି ଦଳର ବାଲେଶ୍ୱର ଜିଲ୍ଲା ସମ୍ପାଦକଙ୍କୁ ପତ୍ର ଯୋଗେ ଅବଗତ କରିଛନ୍ତି । ତେବେ ଗତକାଲି ହୋଇଥିବା ଭୋଟ ଗଣତିରେ ଯୋଗାନନ୍ଦ ମାତ୍ର ୧୪୨୦ ଖଣ୍ଡ ଭୋଟ ପାଇ ପରାଜିତ ହୋଇଥିବା ଯୋଗୁ ସେ ଆଜି ଏଭଳି ନିଷ୍ପତି ନେଇଥିବା ଚର୍ଚ୍ଚା ହେଉଛି । ପୂର୍ବରୁ ସେ ଔପଦା ବ୍ଲକ କାଣ୍ଡଗରଡ଼ି ପଞ୍ଚାୟତର ୨ଥର ସରପଞ୍ଚ ଓ ନୀଳଗିରି ନିର୍ବାଚନ ମଣ୍ଡଳୀର ୨ନମ୍ବର ଜୋନରୁ ଜିଲାପରିଷଦ ସଭ୍ୟ ଭାବେ ବିଜୟୀ ହୋଇଥିଲେ । ସେହିପରି ଉକ୍ତ ପଞ୍ଚାୟତରେ ବର୍ଗ ପରିବର୍ତ୍ତନ ହେବାରୁ ସେ ୩ଜଣଙ୍କୁ ସରପଞ୍ଚ ପ୍ରାର୍ଥୀ କରି ବିଜୟ କରାଇଥିବ ବେଳେ ନିଜେ ୨୦୧୯ଓ ୨୦୨୪ରେ ଦଳ ପକ୍ଷରୁ ବିଧାୟକ ପ୍ରାର୍ଥୀ ହୋଇ ପ୍ରତିଦ୍ୱନ୍ଦ୍ୱିତା କରୁଥିଲେ ।

# ପ୍ରଥମ ଥର ବାସୁଦେବପୁରରେ ବିଧାୟକ ହେଲେ ଅଶୋକ ଦାସ



ବାସୁଦେବପୁର , ୫/୬ (ନି.ପ୍ର): ବାସୁଦେବପୁର ନିର୍ବାଚନ ମଣ୍ଡଳୀରେ ଭାରତୀୟ ଜାତୀୟ କଂଗ୍ରେସ ପକ୍ଷରୁ ପ୍ରଥମ ଥର ପାଇଁ ବିଧାନ ସଭା ନିର୍ବାଚନ ରେ ବିଧାୟକ ଭାବେ ଅଶୋକ କୁମାର ଦାସ ନିର୍ବାଚିତ ହୋଇଛନ୍ତି । ଅଶୋକ ଦାସ ନିଜର ନିକଟ ତମ ପ୍ରତିଦ୍ୱନ୍ଦୀ ପ୍ରାର୍ଥୀ ବିଷ୍ଣୁ ବ୍ରତ ରାଉତରାୟ ଙ୍କୁ ହରାଇ ୬୩୧ ଖଣ୍ଡ ଭୋଟରେ ବିଜୟ ଲାଭ କରିଛନ୍ତି । ଏହି ଅବସରରେ ଶ୍ରୀ ଅଶୋକ ଦାସ ଙ୍କୁ ବିଭିନ୍ନ ବର୍ଗର ଜନ ସାଧାରଣ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇଛନ୍ତି । ବିଜେପି ପ୍ରାର୍ଥୀ ବାଣୀ କଲ୍ୟାଣ ମହାନ୍ତି ଏହି ନିର୍ବାଚନ ରେ ତୃତୀୟ ସ୍ଥାନରେ ରହିଛନ୍ତି । ଏହି ଅବସରରେ ଏକ ବିଶାଳ ଶୋଭାଯାତ୍ରା ବାସୁଦେବପୁର ସହରରେ ଅନୁଷ୍ଠିତ ହୋଇ ଯାଇଛି । ମନ୍ଦିରରେ ପୂଜା ପାଠ କରି ସମସ୍ତ ହଜାର ହଜାର ଜନ ସାଧାରଣ ଶ୍ରୀ ଅଶୋକ ଦାସ ଙ୍କୁ ଅଭିନନ୍ଦନ ଜଣାଇଛନ୍ତି । ଦୀର୍ଘ ୩୫ ବର୍ଷ ପରେ ସ୍ୱାଧୀନତା ସଂଗ୍ରାମର ମାଟି ବାସୁଦେବପୁର ରେ କଂଗେସ କ୍ଷମତା କୁ ଆସିଥିବାରୁ ହଜାର ହଜାର ଜନ ସାଧାରଣ ଅଶୋକ ଦାସ ଙ୍କୁ ଅଭିନନ୍ଦନ ଜଣାଇଛନ୍ତି ଓ ବାସୁଦେବପୁର ରେ ହସ ଖୁସି ଓ ଆନନ୍ଦର ଲହରୀ ଖେଳି ଯାଇଛି । ଏହି ଅବସରରେ ବିଧାୟକ ଶ୍ରୀ ଦାସ ଗଣ ମାଧମ କୁ ସୂଚନା ପ୍ରଦାନ କରି କହିଛନ୍ତି ଏହି ବିଜୟ ଲୋକ ମାନଙ୍କର ବିଜୟ । ମୁଁ ନିମିତ୍ତ ମାତ୍ର । ଜୀବନ ଥିବା ପର୍ଯ୍ୟନ୍ତ ମୁଁ ବାସୁଦେବପୁର ନିର୍ବାଚନ ମଣ୍ଡଳୀର ଜନ ସାଧାରଣ ଙ୍କ ସେବା କରି ଆଗେଇ ଚାଲିବି । ସମସ୍ତ ଭୋଟର ଭାଇ ଭଉଣୀ ମୋତେ ଭୋଟ ଦେଇ ଜୟଯୁକ୍ତ କରି ଥିବାରୁ ମୁଁ ସମସ୍ତ ଭାଇ ଭଉଣୀ ମାନଙ୍କ ପାଖରେ ଚିର କୃତଜ୍ଞ । ଏହି ଶୋଭା ଯାତ୍ରାରେ ବରିଷ୍ଠ କଂଗେସ ନେତା ଭକ୍ତ ରଞ୍ଜନ ପଟ୍ଟନାୟକ, ପ୍ରଭାତ ବାରିକ, ରମେଶ ବଳ, ରତ୍ନାକର ମଲ୍ଲିକ, ତୁହିଦ୍ ଖାଁ, ଟୁନା ସାମଲ, ବାପି ଦାସ, ସୁଶାନ୍ତ ମହାକୁଡ, ସିଦ୍ଧାନ୍ତ ଦାସ, ଅକ୍ଷୟ ବାରିକ, ସୁବାସ ସନ୍ଧି ବିଗ୍ରହ, ହରି ଶଙ୍କର ପଟ୍ଟନାୟକ, ପ୍ରଶାନ୍ତ ଦଳେଇ, ରିନା ସ୍ୱାଇଁ, ମଞ୍ଜୁଲତା ପଣ୍ଡା, ରେବତୀ ନାୟକ ପ୍ରମୁଖ ଯୋଗ ଦେଇଥିଲେ । ବିଭିନ୍ନ ପଞ୍ଚାୟତର ସରପଞ୍ଚ, କର୍ମୀ ଓ ବାସୁଦେବପୁର ପୌର ପାଳିକା ର ବିଭିନ୍ନ କର୍ମୀ ଓ ଜନ ସାଧାରଣ ଯୋଗ ଦେଇଥିଲେ ।

# ବିଗିଡିଲା ପାଗ: ୪ ପର୍ବତାରୋହୀ ମୃତ, ୧୮ ନିଖୋଜ

ନୂଆଦିଲ୍ଲୀ, ୫/୬ : ବିଗିଡିଲା ପାଗ । ବଢ଼ିଗଲା ଅସହ୍ୟ ଥଣ୍ଡା, ଆଉ ସମ୍ଭାଳି ହେଲାନି । ଫଳରେ ଛଟପଟ ହୋଇ ଜୀବନ ହାରିଲେ ପର୍ବତାରୋହୀ । ଉତ୍ତରାଖଣ୍ଡର ଉତ୍ତରକାଶୀ-ଟିହରି ଜନପଦ ସୀମା ନିକଟସ୍ଥ ୧୪୫୦୦ ଫୁଟ ଉଚ୍ଚତାରେ ଥିବା ସହସ୍ରାତାଲ ଟ୍ରାକ୍‌ରେ ଘଟିଛି ଏଭଳି କିଛି ଘଟଣା । ଏଠାରେ ୪ ଜଣ ପର୍ବତାରୋହୀଙ୍କ ମୃତ୍ୟୁ ହୋଇଛି । ସେହିପରି ଏବେବି ଆହୁରି ୧୮ ଜଣ ସେଠାରେ ଫଶି ରହିଛନ୍ତି । ସେମାନଙ୍କ ମଧ୍ୟରୁ ୭ ଜଣଙ୍କ ଅବସ୍ଥା ଖରାପ ହୋଇପଡିଥିବା ସୂଚନା ମିଳିଛି । ଏମାନେ ସମସ୍ତ ପାଗ ଖରାପ ହେବା ଯୋଗୁ ରାସ୍ତା ଭୁଲି ଯାଇଥିଲା । ଜିଲ୍ଲା ବିପର୍ଯ୍ୟୟ ପରିଚାଳନା ଜିଲ୍ଲାର ଟ୍ରାକିଂ ଏଜେନ୍ସି ମାଧ୍ୟମରେ ଏହି ସୂଚନା ମିଳିଛି । ଏହାପରେ ବିଭାଗ ପକ୍ଷରୁ ଉଦ୍ଧାର କାର୍ଯ୍ୟ ଆରମ୍ଭ ହୋଇଛି । ମେ ୨୯ ତାରିଖରେ ଏକ ୨୨ ଜଣିଆ ଟିମ୍ ମଲ୍ଲା-ସିଲ୍ଲାରୁ କୁଶ କଲ୍ୟାଣ ବୁଗିଆଲ୍ ଦେଇ ସହସ୍ରାତାଲ ଟ୍ରାକିଂ କରିବା ପାଇଁ ବାହାରି ଥିଲେ । ଜୁନ୍ ୨ରେ ଏହି ଦଳ ସହସ୍ରାତାଲର କୋଖଲି ଟପ୍ ବେସ୍ କ୍ୟାମ୍ପରେ ପହଞ୍ଚିଥିଲେ । ଜୁନ୍ ୩ରେ ଏହି ଟିମ୍ ସହସ୍ରାତାଲ ଅଭିମୁଖେ ଯାତ୍ରା କରିଥିଲେ । ହେଲେ ସେଠାରେ ହଠାତ୍ ଖରାପ ପାଗ, ଘନ କୁହୁଡି ଏବଂ ତୁଷାରପାତ ମଧ୍ୟରେ ଟ୍ରାକରମାନେ ଫସି ଯାଇଥିଲେ । ତାଙ୍କୁ ପୂରା ରାତି ଶୀତରେ ବିତାଇବାକୁ ପଡିଥିଲା । ଜଣେ ଟ୍ରାକର୍ ଏନେଇ ଟିମ୍‌କୁ ନେଇ ଯାଇଥିବା ଗଢ଼ୱାଲ୍ ପର୍ବତାରୋହଣ ଏବଂ ଟ୍ରେକିଂ ଏଜେନ୍ସିର ମାଲିକଙ୍କୁ ଜଣାଇଥିଲେ । ଥଣ୍ଡା ହେତୁ ଚାରିଜଣ ଟ୍ରାକରଙ୍କ ମୃତ୍ୟୁ ହୋଇଥିବା ବେଳେ ୭ ଜଣ ଅସୁସ୍ଥ ଅଛନ୍ତି । ଏଥିସହ ୧୧ ଜଣ ଏବେବି ସେଠାରେ ଫଶି ରହିଥିବା ସେ କହିଥିଲେ । ଏହାପରେ ଟ୍ରାକିଂ ଏଜେନ୍ସିର ମାଲିକ ତାଙ୍କ ଟ୍ରାକିଂ ଆସୋସିଏସନର ଅଧିକାରୀମାନଙ୍କୁ ସୂଚନା ଦେଇଥିଲେ । ଆସୋସିଏସନ ଏହି ବିଷୟରେ ଜିଲ୍ଲା ବିପର୍ଯ୍ୟୟ ପରିଚାଳନା ବିଭାଗକୁ ସୂଚନା ଦେଇଥିଲା ଏବଂ ଟ୍ରାକରମାନଙ୍କୁ ନିରାପଦ ସ୍ଥାନାନ୍ତର କରିବାକୁ କୁହାଯାଇଥିଲା । ଜିଲ୍ଲା ବିପର୍ଯ୍ୟୟ ପରିଚାଳନା ଅଧିକାରୀ ଦେବେନ୍ଦ୍ର ପାଟୱାଲ କହିଛନ୍ତି ଯେ ଟ୍ରାକିଂ ଦଳରେ କର୍ଣ୍ଣାଟକର ୧୮ ଜଣ, ମହାରାଷ୍ଟ୍ରର ଜଣେ ଏବଂ ତିନି ଜଣ ସ୍ଥାନୀୟ ଲୋକ ସାମିଲ ହୋଇଥିଲେ । ଉଦ୍ଧାର ପାଇଁ ଟିମ୍ ଘଟଣାସ୍ଥଳରେ ପହଞ୍ଚି ଉଦ୍ଧାର କାର୍ଯ୍ୟ ଜାରି ରଖିଛି ।

# ନୀଳଗିରିର ପ୍ରକୃତିର କୋଳେ ସିଆଡିମାଳରେ ବିଶ୍ୱପରିବେଶ ଦିବସ ପାଳିତ




ବାଲେଶ୍ୱର , ୫/୬ (ନି.ପ୍ର): ନୀଳଗିରିର ପ୍ରାକୃତିକ କୋଳ ସିଆଡିମାଳ ସିନ୍ଦୁରିଆ ଗ୍ରାମରେ ପୂର୍ବାହ୍ନ ଆଠ ଘଟିକାରେ ପ୍ରକୃତି ପ୍ରେମି, ମାନବାଧିକାର କର୍ମୀ ସୁଧାକର ସେଠୀଙ୍କ ସଂଯୋଜନାରେ ବିଶ୍ୱପରିବେଶ ଦିବସ ପାଳିତ ହୋଇଯାଇଛି ।ଏହି ଅବସରରେ ବାଲେଶ୍ୱରର ତିନୋଟି ଅଗ୍ରଣୀ ସ୍ୱେଚ୍ଛାସେବୀ ସଂଗଠନ ରାଜେନ୍ଦ୍ର ରାଉତ ଫାଉଣ୍ଡେସନ, ...ଜେନ୍ଦ୍ର କୁମାର ପରିଡା ଫାଉଣ୍ଡେସନ, ଅରଣ୍ୟକ ସଂଗଠନର କର୍ମକର୍ତ୍ତା ସ୍ଥାନୀୟ ଗ୍ରାମବାସୀ ମାନଙ୍କୁ ନେଇ ସଚେତନତା ଓ ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ବରେଣ୍ୟ ଅତିଥିଭାବେ ଗାନ୍ଧିକାକା ଓ କବୀ ଦ୍ୱେଜାନୀ ଦାସ, ଆନ୍ତର୍ଜାତିକ ଖ୍ୟାତିସମ୍ପନ୍ନ ଚିତ୍ରଶିଳ୍ପୀ ପରିବେଶ ପ୍ରେମି କେଶୁଦାସ, ଯୁବ ପରିବେଶ୍ୱିତ ତଥା ଅଧକ୍ଷ ରାଜେନ୍ଦ୍ର ରାଉତ ଫାଉଣ୍ଡେସନ ର ବିରୋଜ କୁମାର ରାଉତ,ନୀଳପ୍ରଭା ସାମାଜିକ ଅନୁଷ୍ଠାନର ସମ୍ପାଦକ ଭକ୍ତଶ୍ରୀ ଦାସ,ପ୍ରକୃତିପ୍ରେମୀ ସୁନାରାମ ସିଂ, ଅଭିଷେକ ପରିଡା, ଅଜୟ ସିଂ,ଦ୍ୱେନ୍ଦ୍ର ରାଉତ ବ୍ୟଙ୍ଗ କବି ପ୍ରଭାକର ସାହୁ ପ୍ରମୁଖ ଯୋଗଦାନ କରି କଥାରେ କବିତାରେ ସଚେତନ ଉପସ୍ଥିତ ଗ୍ରାମବାସୀ, ଛାତ୍ରଛାତ୍ରୀ ମାନକୁ ସଚେତନ କରାଇଥିଲେ ।ବଢୁଥିବା ତାପମାତ୍ରା ଆଗାମୀ ଦିନରେ ଜୀବଜଗତ ପ୍ରତି ଯେମିତି କାଳ ନ ହେଉ । ଏହି ବର୍ଷାରତୁ ଆରମ୍ଭରୁ ଗଛଲଗାଇବା ପାଇଁ ସାମୂହିକ ଆହ୍ୱାନ କରିଥିଲେ ।ନୀଳଗୀରିର ସୁଜିମା ଅକ୍ଷତ ପାଇଁ ସ୍ଥାନୀୟ ଗ୍ରାମବାସୀମାନେ ଶପଥ କରିଥିଲେ । 'ଗଛଗଛ ଗଛ, ଆଉ ସବୁ କଥା ପଛ' ଶ୍ଲୋଗାନରେ ଅଂଚଳ ଗୁଞ୍ଜରିତ ହୋଇ ଉଠୁଥିଲା ।ସିନ୍ଦୁରିଆ ପ୍ରାଥମିକ ବିଦ୍ୟାଳୟ ପରିସର ଓ ସ୍ଥାନୀୟ ଗ୍ରାମରେ ବୃକ୍ଷ ପ୍ରେମିମାନେ କମ ପାଣିରେ ବଞ୍ଚୁଥିବା ଦେବଦାରୁ, ବଉଳ, ଆକାଶୀ,ପିଆଶାଳ ଆଦି ବୃକ୍ଷରୋପଣ କରିଥିଲେ । ସ୍ଥାନୀୟପିଲା ଓ ଅଭିବାବକ ମାନେ ଉକ୍ତ ବୃକ୍ଷମାନର ରକ୍ଷଣାବେକ୍ଷଣ ପାଇଁ ଶପଥ ଗ୍ରହଣକଲେ ।ଯୁବ ପ୍ରକୃତିପ୍ରେମି ଉପାସନା ପଟ୍ଟନାୟକ କୁ ଯୁ...ବିଭାଗରେ ସବୁଜ ସମ୍ମାନ-୨୪ ଓ ଶିଶୁବିଭାଗରେ ପରିବେଶପ୍ରେମି କେନ୍ଦ୍ରୀୟ ବିଦ୍ୟାଳୟ ଛାତ୍ରୀ ଏସ ଏନ ଲିପସାକୁ ସବୁଜ ସମ୍ମାନ-୨୪ ରାଜେନ୍ଦ୍ର ରାଉତ ଫାଣ୍ଡେସନ ତରଫରୁ ମାନପତ୍ର ନଗଦ ଅର୍ଥରାଶି ,ଉତ୍ତୋରୀୟ ପ୍ରଦାନ କରାଯାଇଥିଲା । ଶେଷରେ ।ଶୁଭ୍ରାଂଶୁ ଶେଖର ତ୍ରୀପାଠି ଧନ୍ୟବାଦ ଦେଇଥିଲେ । ଆଗ୍ନେଶା ପଟ୍ଟନାୟକ,ଦେବିଦତ୍ତ ମହାରଣା,ସ୍ଥାନୀୟ ନିରଞ୍ଜନ ବେହେରା, ଶିବ ସିଂ ସହଯୋଗ କରିଥିଲେ ଥିଲେ ମୌନ ଧ୍ୱନି ମୟୂରଭଞ୍ଜ ସାମାଜିକ ଅନୁଷ୍ଠାନର କୋଡିଏ ଜଣ ଛାତ୍ରଛାତ୍ରୀ କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ ।

# ପଟ୍ଟାମୁଣ୍ଡାଇ ତାଲୁକ ଆଇନ ସେବା ସମିତି ପକ୍ଷରୁ ବିଶ୍ୱ ପରିବେଶ ଦିବସ ପାଳିତ

ପଟ୍ଟାମୁଣ୍ଡାଇ , ୫/୬ (ନି.ପ୍ର): ପଟ୍ଟାମୁଣ୍ଡାଇ ତାଲୁକ ଆଇନ ସେବା ସମିତି ଅଧକ୍ଷା ତଥା ସିନିଅର ସିଭିଲ ଜର୍ଜ ସୁଶ୍ରୀ ସଂଗୀତା ମଲ୍ଲିକ ଙ୍କ ନିର୍ଦେଶ କ୍ରମେ ନିମପୁର ଶାସନ ନୋଡାଲ ଉଚ୍ଚ ବିଦ୍ୟାଳୟ ର ପ୍ରଧାନ ଶିକ୍ଷକ ତପନ କୁମାର ରାୟ ଙ୍କ ଅଧ୍ୟକ୍ଷତାରେ ଓ ବରିଷ୍ଠ ଆଇନଜୀବୀ ପଟ୍ଟାମୁଣ୍ଡାଇ ବାର ଆସୋସିଏସନ ର କୋଷାଧକ୍ଷ ଧୀରେନ୍ଦ୍ର ନାଥ ସାହୁ ଙ୍କ ସଂଯୋଜନା ରେ ନିମପୁର ଶାସନ ନୋଡାଲ ଉଚ୍ଚ ବିଦ୍ୟାଳୟ ରେ ଆଜି ବିଶ୍ୱ ପରିବେଶ ସଚେତନତା ଶିବିର ପାଳିତ ହୋଇଯାଇ ଅଛି । ଏହି କାର୍ଯ୍ୟକ୍ରମ ରେ ବରିଷ୍ଠ ସାମ୍ବାଦିକ ଜଗନ୍ନାଥ ଆଚାର୍ଯ୍ୟ, ସରପଞ୍ଚ ସଂଗ୍ରାମ କେଶରୀ ବାରିକ, ସମାଜ ସେବୀ ପ୍ରଶାନ୍ତ ମହାନ୍ତି, ଏସ ଏମ ସି ସଭାପତି ବାସୁଦେବ ସେଠୀ, ଭବାନୀ ଶଙ୍କର ଦାଶ ସମସ୍ତ ବର୍ଗ ର ଲୋକ ଙ୍କ ପାଇଁ କେଉଁ କେଉଁ ଆଇନ ଅଛି, ଓ ସେମାନଙ୍କୁ କିପରି ସହଜରେ ତାଲୁକ ଆଇନ ସେବା ସମିତି ସାହାଯ୍ୟ କରିପାରୁଛି ଏବଂ ଅନ୍ୟ ତଥ୍ୟ ଗୁଡିକ ବିଷୟରେ ଆଲୋଚନା କରି,ଶିଶୁମାନଙ୍କ ଠାରୁ ସମାଜର ସମସ୍ତ ବର୍ଗ ର ଲୋକଙ୍କର ପାରିବାରିକ, ଜମିଜମା, ଆଇନୀଗତ ବିଭିନ୍ନ ସମସ୍ୟା ବିଷୟରେ ଆଲୋକପାତ କରିଥିଲେ । ତାର ସମାଧାନ କିପରି ତାଲୁକ ଆଇନ ସେବା ସମିତି ସହଜରେ ଶୀଘ୍ର ଏବଂ ମାଗଣାରେ କରିପାରୁଛି ତାହା ବର୍ଣ୍ଣନା କରିଥିଲେ ଓ ସମାଜ ର ପରିବେଶ କିପରି ଦୂଷିତ ହେଉଅଛି ଓ ଗୋଟିଏ ସବୁଜ ଗଛ ଆମ୍ଭ ମାନଙ୍କୁ ଖାଦ୍ୟ, ବସ୍ତ୍ର, ଅମ୍ଳଜାନ,ଜଳୀୟ ବାଷ୍ପ ଓ ପୃଥିବୀ ପୃଷ୍ଠରେ ମିଳୁଥିବା ସମସ୍ତ ଶକ୍ତି କିପରି ଦେଉଛି ତାହା ତନ ତନ କରି ବୁଝାଇଥିଲେ, ।ପ୍ରତ୍ୟେକ ଙ୍କୁ ଅତି କମ ରେ ୧୦ଟି ଲେଖାଏଁ ଗଛ ଲଗାଇବା ପାଇଁ ନିର୍ଦ୍ଦେଶ ଦେଇଥିଲେ ।ଶିକ୍ଷକ ହରିଶଙ୍କର ନାଥ, ଅଜୟ କୁମାର ସାହୁ, ପ୍ରଜ୍ଞା ମାହାଳି,ଛାତ୍ର ସନ୍ତୋଷ (ଉଭୟ) ଛାତ୍ରୀମାନେ ମନୀଷା, ଆଇଶା, ଶୁଭଶ୍ରୀ, ସାଇସ୍ମିତା ଓ ନିମପୁର ଗାଁ ର ପୁରୁଷ ଓ ମହିଳା ମାନେ, ବିଦ୍ୟାଳୟ କମିଟି ର ସଭାପତି ଉପସ୍ଥିତ ରହି ଓ ସହଯୋଗ କରି ବିଦ୍ୟାଳୟ ପ୍ରାଙ୍ଗଣରେ କିଛି ବଡ଼ ବଡ଼ ମୂଲ୍ୟବାନ ଗଛ ଲଗାଇ ଶେଷରେ ସଭାଟିକୁ ସାଫଲ୍ୟ ମଣ୍ଡିତ କରିଥିଲେ,ପ୍ରଧାନ ଶିକ୍ଷକ ତପନ କୁମାର ରାୟ ଧନ୍ୟବାଦ ଅର୍ପଣ କରି ସଭାଟିକୁ ସାଙ୍ଗ କରିଥିଲେ ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ....

### ଜୁନ୍ ୮ରେ...

ହୋଇଛି ବିଜେପି ନେତୃତ୍ୱାଧୀନ ଏନଡିଏ ବୈଠକ । କିଛି ସମୟ ପରେ ନୂଆ ସରକାର ଗଠନ ପାଇଁ ଦାବି ଜଣାଇବେ ନରେନ୍ଦ୍ର ମୋଦି । ସେ ଏନଡିଏ ସଦସ୍ୟଙ୍କ ସହ ଯାଇ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କୁ ଭେଟିବେ ବୋଲି ଜଣାପଡ଼ିଛି । ଚଳିତ ଲୋକସଭାରେ କୌଣସି ନିର୍ଦ୍ଦିଷ୍ଟ ରାଜନୀତିକ ଦଳକୁ ସ୍ପଷ୍ଟ ବହୁତ ମିଳିନାହିଁ । ତେଣୁ ଦେଶକୁ ପୁଣି ମେଣ୍ଟ ସରକାର ରାଜନୀତି ଫେରିଛି । ବିଜେପି ଦେଶର ଏକକ ସର୍ବବୃହତ୍ତ ଦଳ ଭାବେ ୨୪୦ଟି ଆସନ ଜିତିଛି । ସହଯୋଗୀଙ୍କ ଆସନ ମିଶାଲେ ଦଳ ପାଖରେ ୨୯୨ଟି ସିଟ୍ ରହିଛି । ଏହାକୁ ଦୃଷ୍ଟିରେ ରଖି ଆଜି ପ୍ରଧାନମନ୍ତ୍ରୀ ମୋଦିଙ୍କ ବାସଭବସନରେ ଏନଡିଏର ବୈଠକ ବସିଥିଲା । ଏଥିରେ ବିଜେପିର ସମସ୍ତ ସହଯୋଗୀ ଦଳ ସାମିଲ ହୋଇଥିଲେ । ତେବେ ସମସ୍ତଙ୍କ ନଜର ଟିଡିପି ମୁଖ୍ୟ ଏନ ଚନ୍ଦ୍ରବାବୁ ନାଇଡୁ ଓ ଜେଡିୟୁର ନୀତୀଶ କୁମାରଙ୍କ ଉପରେ ରହିଥିଲା । କାରଣ ଏହି ଦୁଇ ଜଣ ଏବେ କିଙ୍ଗ ମେକର । ଉଭୟଙ୍କ ପାଖରେ ୨୮ଟି ଆସନ ରହିଛି । ବୈଠକରେ ଉଭୟଙ୍କ ଠାରୁ ମୋଦି ଲିଖିତ ଭାବେ ସମର୍ଥନ ହାସଲ କରିଥିବା ଜଣାପଡ଼ିଛି । ବୈଠକରେ ଉଭୟଙ୍କ ସହ ମୋଦି ମଧ୍ୟ ବେଶ ଭଲ ଭାବେ ନିର୍ବାଚନୀ ରେଜଲ୍ଟକୁ ନେଇ କଥାବାର୍ତ୍ତା କରିଛନ୍ତି । ମୋଦିଙ୍କ ପାଖରେ ନାଇଡୁ ଓ ତାଙ୍କ ସାଇଡକୁ ନୀତୀଶ କୁମାର ବସିଥିଲେ । ଏମାନଙ୍କ ବ୍ୟତୀତ ଚିରାଗ ପାଶ୍ୱନାଙ୍କ ଠାରୁ ଆରମ୍ଭ କରି ଆପନା ଦଳର ସାଂସଦ ମଧ୍ୟ ବୈଠକରେ ସାମିଲ ହୋଇଥିଲେ । ଯେହେତୁ ଆଜି ମୋଦି ପ୍ରଧାନମନ୍ତ୍ରୀ ପଦରୁ ଇସ୍ତଫା ଦେଇ ସାରିଛନ୍ତି । ତେଣୁ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ୧୭ଶ ଲୋକସଭାକୁ ଭଙ୍ଗ କରିଛନ୍ତି । ଲୋକସଭା ଭଙ୍ଗ ନେଇ ରାଷ୍ଟ୍ରପତି ଭବନରୁ ବିଜ୍ଞପ୍ତି ପ୍ରକାଶ ପାଇଛି । ସେହିପରି ଆଉ କିଛି ସମୟ ପରେ ମୋଦିଙ୍କ ନେତୃତ୍ୱରେ ଏନଡିଏର ଗୋଟିଏ ପ୍ରତିନିଧି ଦଳ ରାଷ୍ଟ୍ରପତିଙ୍କୁ ଭେଟିବ । ସେଠାରେ ମୋଦି ନୂଆ ସରକାର ଗଠନ ପାଇଁ ବିଧିବଦ୍ଧ ଭାବେ ଦାବି ଜଣାଇବେ । ବିଜେପି ଓ ଏନଡିଏ ମିଳିତ ଭାବେ ଜୁନ ୮ରେ ଶପଥଗ୍ରହଣ କାର୍ଯ୍ୟକ୍ରମ ଆୟୋଜନ କରିବା ମୁଡରେ ରହିଛନ୍ତି । ସେହିଦିନ ମୋଦି କ୍ରମାଗତ ତୃତୀୟ ଥର ପାଇଁ ପ୍ରଧାନମନ୍ତ୍ରୀ ଭାବେ ଶପଥ ନେବେ ।

### ଇସ୍ତଫା ଦେଲେ...

ଦେବା ବେଳେ ତାଙ୍କ ପାଖରେ ନ ଥିଲେ । ଏବେ ସେ କେଉଁଠି ତାହାକୁ ନେଇ ଚାଲିଛି ଜୋରଦାର ଆଲୋଚନା । ଚଳିତ ନିର୍ବାଚନରେ ବିଜେପି କ୍ଲିନ୍ ସୁଇପ୍ କରି ୭୮ ସିଟ୍ ହାତେଇ ଥିବା ବେଳେ ମାତ୍ର ୫୧ ସିଟ୍‌ରେ ସୀମିତ ହୋଇ ଯାଇଛି ବିଜେଡି । କଂଗ୍ରେସ ୧୪ଟି ଆସନ ହାସଲ କରିବାରେ ସକ୍ଷମ ହୋଇଛି । ଖୋଦ୍ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ପ୍ରଥମ ଥର ପାଇଁ ପରାଜୟର ସ୍ୱାଦ ଚାଖିଛନ୍ତି । ହିଞ୍ଜିଳି ଓ କଣ୍ଟାବାଞ୍ଜିରୁ ମଇଦାନକୁ ଓହ୍ଲାଇଥିବା ମୁଖ୍ୟମନ୍ତ୍ରୀ କଣ୍ଟାବାଞ୍ଜି ଆସନରେ ଜନମତ ହାସଲ କରିବାରେ ସମର୍ଥ ହୋଇ ପାରି ନାହାନ୍ତି । କଣ୍ଟାବାଞ୍ଜି ଆସନରୁ ନବୀନ ୧୬ହଜାରରୁ ଅଧିକ ଭୋଟରେ ପରାସ୍ତ ହୋଇଥିବା ବେଳେ ହିଞ୍ଜିଳି ଆସନରୁ ମାତ୍ର ୪ହଜାରରୁ ଅଧିକ ଭୋଟରେ ବିଜୟ ହୋଇଛନ୍ତି । ବିଧାନସଭା ନିର୍ବାଚନରେ ୫୧ଟି ସିଟ୍ ଜିତିଥିବା ବିଜେଡି ଲୋକସଭା ନିର୍ବାଚନରେ ବିପର୍ଯ୍ୟୟରେ ସମ୍ମୁଖୀନ ହୋଇଛି । ଦଳକୁ ଗୋଟିଏ ବି ଆସନ ମିଳିନାହିଁ । ଏଥିସହ ପ୍ରଥମ ଥର ରାଜ୍ୟରେ ସ୍ପଷ୍ଟ ବହୁମତ ପାଇଥିବା ବିଜେପି ଶିବିରରେ ଉତ୍ସାହ ଖେଳି ଯାଇଛି । ପ୍ରଧାନମନ୍ତ୍ରୀଙ୍କ ପୂର୍ବ ଦମ୍ଭୋକ୍ତି ସ୍ୱରୂପ ବିଜେପି ଏଥର ସରକାର ଗଠନ କରିବ । ତେବେ ରାଜ୍ୟର ପରବର୍ତ୍ତୀ ମୁଖ୍ୟମନ୍ତ୍ରୀ କିଏ ହେଉଛନ୍ତି ତାହା ଉପରେ ସମସ୍ତଙ୍କ ନଜର । ବିଜେଡିର ଦୀର୍ଘ ୨୪ବର୍ଷ ଶାସନର ଅନ୍ତ ହୋଇଛି । ଆଜି ମୁଖ୍ୟମନ୍ତ୍ରୀ ପଦରୁ ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକ ଇସ୍ତଫା ଦେବାପରେ ସନ୍ଧ୍ୟାରେ ନବୀନ ନିବାସରେ ତାଙ୍କୁ ଦଳର ନବନିର୍ବାଚିତ ବିଧାୟକମାନେ ସାକ୍ଷାତ କରିଛନ୍ତି । ତେବେ ଏହି ସାକ୍ଷାତ ସମୟରେ ବିଜେଡିର ଦ୍ୱିତୀୟ କ୍ଷମତାକେନ୍ଦ୍ର ଭିକେ ପାଣ୍ଡିଆନ ଅନୁପସ୍ଥିତ ରହିଥିବା ଜଣାପଡ଼ିଛି । ବୈଠକ ପରେ ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ ବିଜେଡି ବିଧାୟକ ଅରୁଣ ସାହୁ କହିଛନ୍ତି ଯେ, ଦଳର ସଭାପତି ନବୀନ ପଟ୍ଟନାୟକଙ୍କୁ ସୌଜନ୍ୟମୂଳକ ସାକ୍ଷାତ ପାଇଁ ନବନିର୍ବାଚିତ ଦଳୀୟ ବିଧାୟକମାନେ ଆସିଥିଲେ । ନବୀନ ସମସ୍ତଙ୍କୁ ଭେଟିବା ସହ ନିର୍ବାଚନମଣ୍ଡଳୀରେ ଲୋକେ ଜିତାଇଛନ୍ତି ସେମାନଙ୍କ ପାଇଁ କାର୍ଯ୍ୟ କରିବାକୁ ବିଧାୟକମାନଙ୍କୁ ପରାମର୍ଶ ଦେଇଛନ୍ତି । ଦଳ କାହିଁକି ଏଭଳି ବିପର୍ଯ୍ୟୟର ସମ୍ମୁଖୀନ ହେଲା ତା'ର କାରଣ ଖୋଜିବା ପାଇଁ ବରିଷ୍ଠ ନେତାମାନଙ୍କୁ ନେଇ ଏକ କମିଟି ଗଠନ ହେବା ପାଇଁ ବୈଠକରେ ନିଷ୍ପତ୍ତି ହୋଇଛି । ସେହିପରି ଦଳ ପକ୍ଷରୁ ଜାରି ଏକ ଭିଡିଓରେ ନବୀନ ଦଳର ବିଧାୟକମାନଙ୍କୁ ଉଦବୋଧନ ଦେଇ ତାଙ୍କ ସରକାର ୨୦୦୦ ମସିହାରେ ଓଡ଼ିଶାରେ କ୍ଷମତାକୁ ଆସିବାବେଳେ ରାଜ୍ୟର ୭୦ ପ୍ରତିଶତ ଲୋକ ଦାରିଦ୍ର ?ୟ ସୀମାରେଖା ତଳେ ରହିଥିଲେ ଓ ଏବେ ସେହି ପରିମାଣ ମାତ୍ର ୧୦ ପ୍ରତିଶତ ରହିଥିବା କହିଛନ୍ତି । ତାଙ୍କ ସରକାର ଅନୁସୂଚିତ ଜାତି-ଜନଜାତି, ମହିଳା ଓ ସବୁ ବର୍ଗ ପାଇଁ ଯୋଜନା କରିଛି । ଜଳସେଚନ, ସ୍ୱାସ୍ଥ୍ୟ, କୃଷି ଓ ଶିକ୍ଷା ଆଦି କ୍ଷେତ୍ରରେ ଭଲ କାମ କରିଛି ବୋଲି କହିଛନ୍ତି । ବିଜେଡି ଆଗକୁ ମଧ୍ୟ ରାଜ୍ୟବାସୀଙ୍କ ପାଇଁ ଭଲ କାମ ଜାରି ରଖିବ ବୋଲି ନବୀନ କହିଛନ୍ତି । ଆଜିର ବୈଠକରେ ଦଳର ନବନିର୍ବାଚିତ ବିଧାୟକ ତଥା ବରିଷ୍ଠ ନେତା ନିରଞ୍ଜନ ପୂଜାରୀ, ପ୍ରମିଳା ମଲ୍ଲିକ, ବଦ୍ରିନାରାୟଣ ପାତ୍ର, ଅରୁଣ ସାହୁ, ପ୍ରତାପ ଦେବ, ଗଣେଶ୍ୱର ବେହେରା, ଅନନ୍ତ ନାରାୟଣ ଜେନା, ପ୍ରଶାନ୍ତ ବେହେରା, ସୁଶାନ୍ତ ରାଉତ, ସଞ୍ଜିବ ମଲ୍ଲିକ, ବ୍ୟୋମକେଶ ରାୟ, ସୁବାସିନୀ ଜେନା, ରୋମାଂଚ ରଞ୍ଜନ ବିଶ୍ୱାଳ, ସୌଭିକ ବିଶ୍ୱାଳ, ଚକ୍ରମଣି କହଁର, ଦେବୀରଞ୍ଜନ ତ୍ରିପାଠୀ, ସତ୍ୟେନ୍ଦ୍ର ହରିପାଲ, ବିଶ୍ୱରଞ୍ଜନ ମଲ୍ଲିକ, କଳିକେଶ ସିଂହଦେଓ, ଅଭିମନ୍ୟୁ ସେଠୀ ପ୍ରମୁଖ ଉପସ୍ଥିତ ଥିଲେ । ତେବେ ଦଳର ବରିଷ୍ଠ ଉପସଭାପତି ବିଧାୟକ ପ୍ରସନ୍ନ ଆଚାର୍ଯ୍ୟ ସ୍ୱାସ୍ଥ୍ୟଗତ କାରଣରୁ ନବୀନ ନିବାସରେ ଅନୁପସ୍ଥିତ ରହିଥିବା ଜଣାପଡ଼ିଛି । ଅନ୍ୟପକ୍ଷରେ ଆଜିର ନବନିର୍ବାଚିତ ବିଧାୟକମାନଙ୍କ ବୈଠକବେଳେ ବିଜେଡି ସଂଗଠନ ସମ୍ପାଦକ ପ୍ରଣବ ପ୍ରକାଶ ଦାସ ଉପସ୍ଥିତ ଥିଲେ ମଧ୍ୟ ଦ୍ୱିତୀୟ କ୍ଷମତାକେନ୍ଦ୍ର ଭିକେ ପାଣ୍ଡିଆନ ଅନୁପସ୍ଥିତ ରହିଥିଲେ । ତାଙ୍କର ଅନୁପସ୍ଥିତିକୁ ନେଇ କେହି କିଛି ସୂଚନା ଦେଇପାରିନଥିଲେ । ତେବେ ପାଣ୍ଡିଆନ ନବୀନ ନିବାସରେ ଥାଇ ମଧ୍ୟ ବିଧାୟକମାନଙ୍କ ବୈଠକରେ ସାମିଲ ହୋଇନଥିବା ଅସମର୍ଥିତ ସୂତ୍ରରୁ ଜଣାପଡ଼ିଛି । ବୈଠକ ପରେ ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ ତିର୍ତ୍ତୋଲ ନବନିର୍ବାଚିତ ବିଧାୟକ ରମାକାନ୍ତ ଭୋଇ କହିଛନ୍ତି ଯେ, ନିର୍ବାଚନ ଫଳାଫଳକୁ ସମ୍ମାନ ଦେଉଛୁ । କାହିଁକି ଦଳ ହାରିଲା ତା'ର କାରଣ ଖୋଜାଯିବ । ପ୍ରତ୍ୟେକ ନିର୍ବାଚନ ପରେ ସମୀକ୍ଷା କରାଯାଏ । ତେବେ ଦଳର ପରାଜୟ ପାଇଁ ପାଣ୍ଡିଆନ ସାରଙ୍କୁ ଦୋଷ ଦେବା ଠିକ୍ ନୁହେଁ । ଆମର କର୍ମୀମାନଙ୍କ ଭିତରେ କ'ଣ ଅସୁବିଧା ରହିଲା,କାହିଁକି ହାରିଲୁ ତା'ର ସମୀକ୍ଷା କରାଯିବ । ବିଜୁ ଜନତା ଦଳ ପୁଣିଥରେ ଆଗକୁ ବଢ଼ିବ ବୋଲି ସେ କହିଛନ୍ତି ।

### ବିଏସକେୱାକୁ ନେଇ...

ନାନା ପ୍ରଶ୍ନ ଉଠୁଥିବା ବେଳେ ରାଜ୍ୟ ସରକାରଙ୍କ ପାଖରେ ପଡ଼ିରହିଥିବା ଈଝକଣ ଟଙ୍କାକୁ ନେଇ ଆଶା ଆଶଙ୍କାରେ ଘରୋଇ ନର୍ସିଂ ହୋମ୍ ମାଲିକ । ଅପରପକ୍ଷେ କାର୍ଡ ବନ୍ଦ ନାଁରେ ସ୍ୱାସ୍ଥ୍ୟସେବା ଅବହେଳାକୁ ସାମାଜିକ ଅପରାଧ ବୋଲି ରାଜ୍ୟ ବିଜେପି ସଭାପତି ମନମୋହନ ସାମଲ କହିବା ସହ ସାଧାରଣ ନାଗରିକଙ୍କୁ ସ୍ୱାସ୍ଥ୍ୟସେବା ଯୋଗାଇବା ପ୍ରତି ସରକାରଙ୍କ ପ୍ରାଥମିକତା । ସରକାର ପରିବର୍ତ୍ତନ ଏକ ନିରନ୍ତର ପ୍ରକ୍ରିୟା । ଈଝକଣ କାର୍ଡକୁ ନେଇ ଦ୍ୱନ୍ଦ୍ୱ ସୃଷ୍ଟି କରାନଯାଉ ବୋଲି ବିଜେପି ରାଜ୍ୟ ସଭାପତି ମନମୋହନ ସାମଲ କହିଛନ୍ତି ।

### ଇଣ୍ଡିଆ'ର ମାନସମନ୍ଥନ: ନୂଆ ...

ବୈଠକରେ ରାହୁଲ ଗାନ୍ଧି, ସୋନିଆ ଗାନ୍ଧି, ପ୍ରିୟଙ୍କା ଗାନ୍ଧି ମେଣ୍ଟ ସହଯୋଗୀଙ୍କୁ ସ୍ୱାଗତ କରୁଛି । ଆମେ ଭଲ, ଏକାଠି ଓ ସଂକଳ୍ପବଦ୍ଧ ହୋଇ ଭଦ୍ରାଙ୍କ ସମେତ ତାମିଲନାଡୁ ମୁଖ୍ୟମନ୍ତ୍ରୀ ଏମକେ ଷ୍ଟାଲିନ, ଝାଡ଼ଖଣ୍ଡ ମୁଖ୍ୟମନ୍ତ୍ରୀ ଚମ୍ପାଇ ସୋରେନ, ଡିଏମକେର ଟିଆର ବାଲୁ, ଜେଏମଏମର କଳ୍ପନା ସୋରେନ, ଏନସିପିର ଶରଦ ପାୱାର, ସୁପ୍ରିୟା ସୁଲେ, ସମାଜବାଦୀ ପାର୍ଟିର ଅଖିଲେଶ ଯାଦବ, ରାମ ଗୋପାଲ ବର୍ମା, ଟିଏମସିର ଅଭିଷେକ ବାନାର୍ଜୀ, ଆରଜେଡିର ତେଜସ୍ୱୀ ଯାଦବ, ଶିବସେନାର ସଞ୍ଜୟ ରାଉତ, ଅରବିନ୍ଦ ସାୱନ୍ତ, ଏନ୍‌ସିର ଓମାର ଅବଦୁଲ୍ଲା, ସିପିଆଇଏମର ସୀତାରାମ ୟେଚୁରୀ, ସିପିଆଇର ଡି ରାଜା, ଆପର ସଞ୍ଜୟ ସିଂହ, ରାଘବ ଚଡ୍ଡା ଓ ଆରଏସ୍‌ପିର ଏନକେ ପ୍ରେମଚନ୍ଦ୍ରନ ପ୍ରମୁଖ ଯୋଗ ଦେଇଥିଲେ ।

### ପୁଣି କେଜ୍ରିୱାଲଙ୍କୁ ...

ଅନ୍ତରୀଣ ଜାମିନକୁ ବିରୋଧ କରି ଯାଞ୍ଚ ଏଜେନ୍ସି କହିଥିଲେ, 'କେଜ୍ରିୱାଲ କୋର୍ଟଙ୍କୁ ଭୁଆଁ ବୁଲାଉଛନ୍ତି । କେଜ୍ରିୱାଲ ଯେତେବେଳେ ଲୋକସଭା ନିର୍ବାଚନ ପ୍ରଚାର କରୁଥିଲେ ସେତେବେଳେ ତାଙ୍କର କୌଣସି ବି ସ୍ୱାସ୍ଥ୍ୟ ସମସ୍ୟା ଦେଖାଗଲା ନାହିଁ । କିନ୍ତୁ ଯେତେବେଳେ ଆତ୍ମସମର୍ପଣ କରିବାର ସମୟ ଆସିଲା ତାଙ୍କର ସ୍ୱାସ୍ଥ୍ୟ ସମସ୍ୟା ଦେଖାଦେଲା ।' ଏଜେନ୍ସି ଓ କେଜ୍ରିୱାଲଙ୍କ ପକ୍ଷ ଶୁଣିବା ପରେ କୋର୍ଟ ଶୁଣାଣିକୁ ସ୍ଥଗିତ କରି ଦେଇଥିଲେ । ଆଜି ଅର୍ଥାତ ଜୁନ ୫ ତାରିଖରେ ?କୋର୍ଟ କେଜ୍ରିୱାଲଙ୍କ ଏହି ମାମଲାର ଶୁଣାଣି କରି ତାଙ୍କ ଅନ୍ତରୀଣ ଜାମିନ ଆବେଦନକୁ ଖାରଜ କରି ଦେଇଛନ୍ତି । ବୁଧବାର ଭିଡିଓ କନଫରେନ୍ସ ଜରିଆରେ କେଜ୍ରିୱାଲ କୋର୍ଟରେ ହାଜର ହୋଇଥିଲେ । ରାଉଜ ଏଭିନ୍ୟୁ କୋର୍ଟ ଶୁଣାଣି କରି କହିଛନ୍ତି, ଅରବିନ୍ଦଙ୍କ ନ୍ୟାୟିକ ହେପାଜତକୁ ୧୪ଦିନ ପାଇଁ ବୃଦ୍ଧି କରାଯାଇଛି । କେଜ୍ରିୱାଲଙ୍କୁ ଜୁନ ୧୯ ପର୍ଯ୍ୟନ୍ତ ଜେଲରେ ହିଁ ରହିବାକୁ ପଡ଼ିବ । ଏଥିସହିତ ଅଧିକାରୀମାନଙ୍କୁ କେଜ୍ରିୱାଲଙ୍କ ଯାହାଯାହା ଡାକ୍ତରୀ ପରୀକ୍ଷା ଅଛି ତାହାକୁ କରାଇ ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି ।

### ବିଜୟ ପାଇଁ ସମ୍ବଲପୁରବାସୀଙ୍କୁ ....

ସେଥିପାଇଁ ସମ୍ବଲପୁରବାସୀଙ୍କ ନିରନ୍ତର ସହଯୋଗ କାମନା କରୁଛି । ଆମେ ସମସ୍ତେ ମିଳିମିଶି କରି ପ୍ରଧାନମନ୍ତ୍ରୀ ମୋଦୀଙ୍କ ନେତୃତ୍ୱରେ ସମ୍ବଲପୁରକୁ ବିକଶିତ କରିବା ସହ ଓଡିଶା ଏବଂ ଭାରତକୁ ବିକଶିତ କରିବା । ସମସ୍ତଙ୍କର ଉନ୍ନତି ପାଇଁ ମହାପ୍ରଭୁ ଜଗନ୍ନାଥ, ମା' ସମଲେଇଙ୍କ ପାଖରେ ଶ୍ରୀ ପ୍ରଧାନ ପ୍ରାର୍ଥନା କରିଛନ୍ତି ।

ଧ୍ୱନି ପ୍ରତିଧ୍ୱନି
ପୃଷ୍ଠା

# ଆଶା ଭରସା ପାର୍ଟିର ସ୍ଲୋଗାନ ସୃଷ୍ଟି କରିଥିଲା ଭିନ୍ନ ସ୍ୱାଦର ବାତାବରଣ: ପରିଣାମରେ ବିଜୁ ଜନତା ଦଳ ହୋଇଥିଲା ଧରାଶାୟୀ

ଉଦଳା , ୫/୬ (ନି.ପ୍ର): ଗତ ପଂଚାୟତ ନିର୍ବାଚନରେ ଉଦଳା ନିର୍ବାଚନ ମଣ୍ଡଳି ମଧ୍ୟରେ ବିଜୁ ଜନତା ଦଳ ବେଶ ଭଲ ଦକ୍ଷତା ପ୍ରଦର୍ଶନ କରିଥିଲା । ସେହିପରି ପୌର ନିର୍ବାଚନରେ ଉଦଳା ଏନ୍ଏସିରେ ମଧ ବହୁଗୁଡ଼ିଏ କାଉନସିଲରଙ୍କୁ ଜିତାଇ ଉପନଗରପାଳ ପଦ ଦଖଲ କରିବାରେ ସକ୍ଷମ ହୋଇପାରିଥିଲା ବିଜୁ ଜନତା ଦଳ । ଏହାକୁ ଲକ୍ଷ କରି ଏଥର ଏଠାରୁ ବିଜୁ ଜନତା ଦଳର ବିଧାୟକ ପ୍ରାର୍ଥୀ ନିଶ୍ଚିତ ରୂପେ ଜିତିବେ ବୋଲି ସାଧାରଣରେ ଚର୍ଚ୍ଚା ହେଉଥିଲା । କିନ୍ତୁ ଫଳ ସମ୍ପୂର୍ଣ୍ଣ ଓଲଟି ଯିବ ବୋଲି କେହି ଭାବି ନଥିଲେ । ତେବେ ଏହାର କାରଣ ସମ୍ପର୍କରେ ବହୁ ଲୋକ ଭିନ୍ନ ଭିନ୍ନ ପ୍ରକାର ମତ ଦେଉଥିବାର ଶୁଣିବାକୁ ମିଳୁଛି । ଯାହାକି ବର୍ତ୍ତମାନ ସାଧାରଣରେ ଚର୍ଚ୍ଚାର ମୁଖ୍ୟ ବିଷୟବସ୍ତୁ ପାଲଟି ଯାଇଛି । ସେଥି ମଧ୍ୟରୁ ଆଶା ଭରଷା ପାର୍ଟି ତରଫରୁ ଦିଆଯାଇଥିବା ସ୍ଲୋଗାନ ଏହାର ଏକ କାରଣ ବୋଲି କେତେକ ମତ ଦେଇଛନ୍ତି । ସ୍ଲୋଗାନ ଗୁଡ଼ିକ ହେଲା - 'ଠିଆ ହେବା ପାଇଁ ଥିବ ଯାହାର ବଳ, ତା ହାତେ ସାଜିବ ଶାସନ କଳ', 'ପର ଭରଷାରେ ଶାସନ ଡ଼ୋର, ମୂଳ ବି ବୁଡ଼ିବ ଗୁମାସ୍ତା କଲେ ବେପାର ।' ଏହିଭଳି ଆହୁରି ଅନେକ ଗୁଡ଼ିଏ ସ୍ଲୋଗାନ ରହିଛି । ଉକ୍ତ ସ୍ଲୋଗାନ କାହାକୁ ଲକ୍ଷ କରି କୁହାଯାଇଛି ବୁଝିବାରେ କିଛି ଅସୁବିଧା ହେଉ ନାହିଁ । ତେବେ ଏହାର ପ୍ରଭାବ ଏତେ ଅଧିକ ଥିଲା ଯେ ପରିଣାମ ସ୍ୱରୂପ ଉଦଳାରେ ବିଜୁ ଜନତା ଦଳକୁ ଧରାଶାୟୀ କରିବାରେ ସମର୍ଥ ହୋଇଥିଲା । ଏହି ଘଟଣାରୁ ମୟୂରଭଂଜରୁ ଜନ୍ମଗ୍ରହଣ କରିଥିବା ଉକ୍ତ ନୂତନ ରାଜନୈତିକ ଦଳର ଦବଦବା ସମ୍ପର୍କରେ ଲୋକେ ଅବଗତ ହେଲେଣି ବୋଲି ଚର୍ଚ୍ଚା ଜୋର ଧରିଛି ।

# ଫକୀରମୋହନ ବିଶ୍ୱବିଦ୍ୟାଳୟ ଦ୍ୱାରା ବିଶ୍ୱ ପରିବେଶ ଦିବସ ପାଳନ




ନୀଳଗିରି, ୫/୬ (ନି.ପ୍ର): ଫକୀରମୋହନ ବିଶ୍ୱବିଦ୍ୟାଳୟ ପରିବେଶ ସଂରକ୍ଷଣ ଦିଗରେ ସର୍ବଦା ଯତ୍ନଶୀଳ। ବିଶ୍ୱ ପରିବେଶ ଦିବସ ଅବରରେ କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀ, ଏକ ଅନନ୍ୟ ଉଦାହରଣ ସୃଷ୍ଟି କରିଛନ୍ତି। ସେ ନିଜ ତତ୍ତ୍ୱାବଧାନ ରେ ବିଶ୍ୱବିଦ୍ୟାଳୟ ପରିସରକୁ ସବୁଜ ସୁନ୍ଦର କରି ଗଢିତୋଳିବା ପରେ, ବର୍ତ୍ତମାନ ପରିସର ବାହାରେ ତଥା ବିଶ୍ୱବିଦ୍ୟାଳୟର ନିକଟତମ ଗ୍ରାମ ମିତ୍ରପୁର ସ୍ଥିତ ବୁଲେକ୍ ଅଞ୍ଚଳରେ ଥିବା ପତିତ ଜମିରେ ବୃକ୍ଷରୋପଣ କାର୍ଯ୍ୟକ୍ରମକୁ ସଫଳ ରୂପାୟନ କରିଛନ୍ତି । ବିଶ୍ୱବିଦ୍ୟାଳୟର ପରିବେଶ ବିଜ୍ଞାନ ବିଭାଗର ଉଦ୍ୟମରେ ମଛୁଆ ଗ୍ରାମ ଉପକଣ୍ଠସ୍ଥ ବିଭିନ୍ନ ପତିତ ଜମିରେ ବୃକ୍ଷଚାରା ରୋପଣ କରାଯାଇଛି। ଏହି କାର୍ଯ୍ୟକ୍ରମରେ ବିଶ୍ୱବିଦ୍ୟାଳୟର ଶିକ୍ଷକ, ଅଣଶିକ୍ଷକ କର୍ମଚାରୀ ଓ ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ବର, ଅଶ୍ୱସ୍ଥ, ଜାମୁ, ନିମ୍ବ, ବେଲ, ବଉଳ ଆଦି ବିଭିନ୍ନ ପ୍ରଜାତିର ଚାରା ରୋପଣ କରାଯାଇଥିଲା। ଏଥିସହ କରଞ୍ଜ,ବଉଳ, ତେନ୍ତୁଳି, ଚାରକୋଳି, ମହୁଲ, ବରକୋଳି, କାଠବାଦାମ ଆଦି ଗଛର ମଞ୍ଜି ସହ ମାଟି ଓ ଖତକୁ ନେଇ ପ୍ରସ୍ତୁତ ହୋଇଥିବା ମଞ୍ଜିଗୋଲାକୁ ମଛୁଆ ଗ୍ରାମର ପାହାଡ ତଳି ପତିତ ଜମିରେ ନିକ୍ଷେପ କରାଯାଇଥିଲା। ଆଗାମୀ ମୌସୁମୀର ଆଗମନରେ ଉପଯୁକ୍ତ ପରିବେଶ ପାଇ ଏହି ମଞ୍ଜିଗୋଲାରୁ ଅଙ୍କୁରୋଦଗମ ହୋଇ ଏକ ସବୁଜବଳୟ ସୃଷ୍ଟିର ଆଧାର ହୋଇପାରିବ ବୋଲି ଲକ୍ଷ୍ୟ ନେଇ, ଏହି କାର୍ଯ୍ୟକ୍ରମ କରାଯାଇଛି ବୋଲି କୁଳପତି ପ୍ରଫେସର ତ୍ରିପାଠୀ ଆଶାବ୍ୟକ୍ତ କରିଛନ୍ତି। ଏଥିସହ ଏହି କାର୍ଯ୍ୟକ୍ରମ ଅନ୍ତର୍ଗତ ଏକ ଜନସଚେତନତା ପଦଯାତ୍ରା ଆୟୋଜିତ କରାଯାଇଥିଲା। ନୂଆପାଢୀ ସ୍ଥିତ ବିଶ୍ୱବିଦ୍ୟାଳୟର ମୂଖ୍ୟ ଫାଟକ ଠାରୁ, ମିତ୍ରପୁର ବଜାର ପର୍ଯ୍ୟନ୍ତ ଯାଇ ଉପସ୍ଥିତ ଜନସାଧାରଣଙ୍କୁ ପରିବେଶର ମହତ୍ତ୍ୱ, ଏହାର ଜୈବ ବିବିଧତା ଓ ସ୍ୱଚ୍ଛତା ସଂପର୍କରେ ସଚେତନତା ମୂଳକ ପ୍ରଚାରପତ୍ର ବଣ୍ଟନ କରାଯାଇ, ପଦଯାତ୍ରାକୁ ସଫଳ କରାଯାଇଥିଲା। ଏହି କାର୍ଯ୍ୟକ୍ରମକୁ ବିଶ୍ୱବିଦ୍ୟାଳୟର ପରିବେଶ ବିଜ୍ଞାନ ବିଭାଗ ମୂଖ୍ୟ ଡ଼କ୍ଟର ପ୍ରକାଶ ଚନ୍ଦ୍ର ମିଶ୍ର ପରିଚାଳନା କରିଥିବା ବେଳେ, ପ୍ରଫେସର ସୁର୍ଯେନ୍ଦୁ କୁମାର ଦେ ମାର୍ଗଦର୍ଶନ କରିଥିଲେ। ଏଠାରେ ଉଲ୍ଲେଖଯୋଗ୍ୟ, ମିଳିତ ଜାତିସଂଘର ପରିବେଶ କାର୍ଯ୍ୟକ୍ରମ ଅନ୍ତର୍ଗତ ୧୯୭୨ ମସିହା ଠାରୁ ପ୍ରତିବର୍ଷ ଜୁନ ପାଞ୍ଚ ତାରିଖରେ ବିଶ୍ୱ ପରିବେଶ ଦିବସ ଆୟୋଜିତ କରାଯାଇଥାଏ। ଚଳିତ ବର୍ଷ ଏହି ଦିବସର ୫୨ତମ ସଂସ୍କରଣ ଅନୁସାରେ ' ପତିତ ଜମି ପୁନରୁଦ୍ଧାର, ମରୁଭୂମି ଓ ମରୁଡ଼ି ପ୍ରତିରୋଧ ' ବିଷୟବସ୍ତୁ ଉପରେ ପର୍ଯ୍ୟବେଶିତ ହୋଇ ସାରା ବିଶ୍ୱରେ ଏହାକୁ ପାଳନ କରାଯାଇଛି। ଏହି କାର୍ଯ୍ୟକ୍ରମରେ ବିଶ୍ୱବିଦ୍ୟାଳୟର ବହୁ ଶିକ୍ଷକ /ଶିକ୍ଷୟିତ୍ରୀ, ଅଣଶିକ୍ଷକ କର୍ମଚାରୀ ଓ ଛାତ୍ର/ଛାତ୍ରୀମାନେ ସକ୍ରିୟ ସହଯୋଗ ଓ ଉପସ୍ଥିତି କାର୍ଯ୍ୟକ୍ରମର ମୂଳ ଲକ୍ଷ୍ୟକୁ ସୁଦୂର ପ୍ରସାରିତ କରିବାରେ ସହାୟକ ହୋଇଥିଲା।

## ପ୍ରଭୁ ରାମ ଏବଂ ହନୁମାନଙ୍କୁ ଦର୍ଶନ କଲେ ବୈଜୟନ୍ତ ପଣ୍ଡା

ଭୁବନେଶ୍ୱର, ୫/୬ (ନି.ପ୍ର): କେନ୍ଦ୍ରାପଡାରୁ ବୃହତ ବିଜୟ ପରେ ପ୍ରଭୁ ରାମ ଏବଂ ହନୁମାନଙ୍କୁ ଦର୍ଶନ କରିଛନ୍ତି ବୈଜୟନ୍ତ ପଣ୍ଡା । ରସୁଲଗଡ ସ୍ଥିତ ହନୁମାନ ମନ୍ଦିରରେ ଦର୍ଶନ ସହ ପୂଜାର୍ଚ୍ଚନା କରିଛନ୍ତି ବୈଜୟନ୍ତ । ବିଜୟ ପାଇଁ କେନ୍ଦ୍ରାପଡ଼ା ବାସୀଙ୍କୁ ଧନ୍ୟବାଦ ଦେବା ସହ ଓଡ଼ିଶାରେ ବିଜେପିକୁ ବହୁ ମତ ଦେଇଥିବାରୁ ସାରା ଓଡିଶା ବାସୀଙ୍କୁ ବି କୃତଜ୍ଞତା ଜଣାଇଛନ୍ତି । ସେ କହିଛନ୍ତି ଯେ ଓଡ଼ିଶାରେ ପରିବର୍ତ୍ତନ ଆବଶ୍ୟକ ଥିଲା ଆଉ ପରିବର୍ତ୍ତନ ଆଣିଥିବାରୁ ଓଡିଶା ବାସୀଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ । ଓଡିଶା ଅସ୍ମିତା ପାଇଁ ସାଢେ ୪ କୋଟି ଓଡ଼ିଆଙ୍କ ସ୍ୱାଭିମାନ ପାଇଁ ଏହା ଏକ ଐତିହାସିକ ନିଷ୍ପତ୍ତି । ଗତ ୧୦ ବର୍ଷରେ ମୋଦିଙ୍କ ନେତୃତ୍ୱରେ ଭାରତ ବହୁତ ବିକାଶ କରିଛି କିନ୍ତୁ ଓଡିଶା ବହୁ ମାତ୍ରରେ ପଛରେ ରହିଛି ।

# ପାରାଦ୍ୱୀପ ବନ୍ଦର ପ୍ରାଧିକରଣ ପକ୍ଷରୁ ବିଶ୍ୱ ପରିବେଶ ଦିବସ ପାଳନ ଓ ବ୍ୟାପକ ବୃକ୍ଷରୋପଣ କାର୍ଯ୍ୟକ୍ରମ




ପାରାଦ୍ୱୀପ , ୫/୬ (ନି.ପ୍ର): ପାରାଦ୍ୱୀପ ବନ୍ଦର ପ୍ରାଧିକରଣ ପକ୍ଷରୁ ମୃତ୍ତିକା ସରଂକ୍ଷଣ , ମରୁଭୂମି ଏବଂ ମରୁଡ଼ି ସ୍ଥିରତା ବିଷୟବସ୍ତୁ ଉପରେ ଆଧାରିତ ବିଶ୍ୱ ପରିବେଶ ଦିବସ ୨୦୨୪ ବୁଧବାର ଦିନ ପାଳିତ ହୋଇଯାଇଛି । ଏହି ଅବସରରେ ମଧୁବନ ସ୍ଥିତ ଗୋପବନ୍ଧୁ କଲୋନୀରେ ବୁଧବାର ଦିନ ଏକ ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ପାରାଦ୍ୱୀପ ବନ୍ଦର ଅଧକ୍ଷ ପି.ଏଲ.ହରନାଦ ଓ ଉପାଧକ୍ଷ ନୀଳାଭ୍ର ଦାସଗୁପ୍ତା ଅତିଥି ଭାବେ ଯୋଗଦେଇ ଚାରା ରୋପଣ କରିଥିଲେ । ଏହି ସାମୁହିକ ବୃକ୍ଷ ରୋପଣ କାର୍ଯ୍ୟକ୍ରମ ରେ ପାରାଦ୍ୱୀପ ବନ୍ଦରର ମୁଖ୍ୟ ଅଧିକାରୀ, କଲୋନୀ ବାସିନ୍ଦା ଏବଂ ବନ୍ଦର ସାକ୍ଷରତା ସମିତିର ସ୍ୱେଚ୍ଛାସେବୀ ମାନେ ସାମିଲ ହୋଇ ଚାରା ରୋପଣ କରିଥିଲେ । ଶେଷରେ ପରିବେଶ ସୁରକ୍ଷା ନିମିତ୍ତ ଏକ ସଚେତନତା ପଦଯାତ୍ରାକୁ ବନ୍ଦର ଅଧକ୍ଷ ଶ୍ରୀ ହରନାଦ ସବୁଜ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ।

# ଖଇରାରେ ବିଧାୟକ ପଦ୍ମଲୋଚନଙ୍କ ବିଜୟ ଶୋଭାଯାତ୍ରା



ଖଇରା, ୫/୬ (ନି.ପ୍ର): ବାଲେଶ୍ୱର ଜିଲା ସିମୁଳିଆ ନିର୍ବାଚନ ମଣ୍ଡଳି ଅଧୀନ କଇରା ବ୍ଲକରେ ନବ ନିର୍ବାଚିତ ବିଧାୟକ ପଦ୍ମଲୋଚନ ପଣ୍ଡାଙ୍କୁ ବିପୁଳ ସ୍ୱାଗତସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି । ବୁଧବାର ସକାଳେ ସିମୁଳିଆ ଦିଘିସ୍ଥିତ ଜଗନ୍ନାଥ ମନ୍ଦିରରେ ପରିବାରବର୍ଗଙ୍କ ସହ ପୁଜାର୍ଚ୍ଚନା ପରେ ସିମୁଳିଆ ବ୍ଲକରେ ଶୋଭାଯାତ୍ରା ଆୟୋଜନ ପରେ ଅପରାହ୍ନରେ ଖୋଲାଜିପରେ ଶ୍ରୀପଣ୍ଡା ଅନ୍ୟନେତୃବୃନ୍ଦଙ୍କ ସହ ତୁଡିଗଡିଆରୁ ନିଜର ବିଜୟ ଶୋଭାଯାତ୍ରା ଆରମ୍ଭ କରିଥିଲେ । ରାସ୍ତାର ବ୍ରାହ୍ମଣପୋଖରୀ,ଝାଟିଆ, ଗଣ୍ଡିବେଡ, ମହତୀପୁର, କଣ୍ଟାପଡା, ବଟେଶ୍ୱର,ଖଇରା କଲେଜଛକ, ଖଇରା ଦୁର୍ଗାମଣ୍ଡପ, ଆଳଦା, ଅର୍ଜୁନପୁର, ନହଙ୍ଗ, କୁପାରୀ, ବର୍ଦ୍ଧନା ଇତ୍ୟାଦି ସ୍ଥାନରେ ବିଜେପି କର୍ମୀ, ସମର୍ଥକ,ବିଭିନ୍ନ ସ୍ୱେଚ୍ଛାସେବୀ ସଙ୍ଗଠନ ତରଫରୁ ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା । ବିଧାୟକ ପଣ୍ଡାଙ୍କ ସହ ରାଜ୍ୟ ବିଜେପି ଯୁବ ମୋର୍ଚ୍ଚା କୋଷାଧକ୍ଷ ଇଂ ରାଜେଶ କୁମାର ମହାକୁଡ,ଯୁବନେତା ନିଳମାଧବ ପଣ୍ଡା,ଜିଲା ସମ୍ପାଦକ ଅଜୟ କୁମାର ବେହେରା,ତୁଡିଗଡିଆ ମଣ୍ଡଳ ସଭାପତି ମହେଶ୍ୱର ନାଥ,ପ୍ରାକ୍ତନ ଜିଲା ପରିଷଦ ସଭ୍ୟ ରାଧାକାନ୍ତ ପାତ୍ର,ପ୍ରାକ୍ତନ ବ୍ଲକ ଉପାଧକ୍ଷ ଜୟନ୍ତ କୁମାର ରାଉତ,ଜଗଦିଶ ପଣ୍ଡା,କୁପାରୀ ଜୋନ ସଭାପତି ପତିତପାବନ କର,ମହିଳା ସମ୍ପାଦିକା ଭାରତୀ ମଲ୍ଲିକ, ପ୍ରମୁଖ ଉପସ୍ଥିତ ଥିଲେ । ଖଇରା କଲେଜ ଛକ ନିକଟରେ ଖଇରା ସାମ୍ବଦିକ ସଂଘ ତରଫରୁ ସ୍ୱତନ୍ତ୍ର ଭାବେ ସମ୍ବର୍ଦ୍ଧିତ କରାଯାଇଥିଲା । ସଂଘର ଉପଦେଷ୍ଟା ଅନାମ ଚରଣ ପଣ୍ଡା,ସଭାପତି ଉତ୍କଳବନ୍ଧୁ ପଣ୍ଡା,ସମ୍ପାଦକ ବଳରାମ ଲେଙ୍କା,ମନୋଜ କୁମାର ପ୍ରଧାନ,ଉମେଶ କୁମାର ଜେନା,ଦୁର୍ଗାମାଧବ ଓଝା,ସଞ୍ଜୟ କୁମାର ବେହେରା,ଦେବବ୍ରତ ବେହେରା ପ୍ରମୁଖ ଉପସ୍ଥିତ ଥିଲେ ।

## ଇକୋ କ୍ଲବ ଦ୍ୱାରା ବିଶ୍ୱ ପରିବେଶ ଦିବସ ପାଳିତ

ବଡ଼ସାହି , ୫/୬ (ନି.ପ୍ର): ବବଡ଼ସାହି ବିବେକାନନ୍ଦ ବିହାର ସ୍ଥିତ ବାଣୀପୀଠ ଦ୍ୱାରା ପରିଚାଳିତ ବିବେକାନନ୍ଦ ଶିକ୍ଷାକେନ୍ଦ୍ରର ରଜତ ଜୟନ୍ତୀ ଉପଲକ୍ଷେ ଇକୋ କ୍ଲବ୍ ଆନୁକୂଲ୍ୟରେ ବିଶ୍ୱ ପରିବେଶ ଦିବସ ପାଳିତ ହୋଇଥିଲା। ଏଥିରେ ପ୍ରଧାନ ଆଚାର୍ଯ୍ୟା ସୂର୍ଯ୍ୟକାନ୍ତି ପୁହାଣଙ୍କ ତତ୍ତ୍ୱାବଧାନରେ ତଥା ଅନୁଷ୍ଠାନର ଅଧକ୍ଷ ଡକ୍ଟର କୁମାର ବାବୁଲିଙ୍କ ସଭାପତିତ୍ୱରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ପ୍ରାରମ୍ଭରେ ବୃକ୍ଷ ପୂଜନ କବିତା ପତି, ରଶ୍ମିତା ବେହେରା, ଶିବାନି ସିଂ, ଆଦ୍ୟାଶା ନେହେରା ଓ ସୌଭାଗ୍ୟବତୀ ରାଉତ କରିଥିଲେ। ଆମ ପରିବେଶ ଆମ ଜୀବନ, ବୃକ୍ଷ ବଞ୍ଚିଲେ ଆମେ ବଞ୍ଚିବା, ସଭିଏ ଆମେ ଏକାଠି ହେବା ଗୋଟିଏ ଗୋଟିଏ ଗଛ ଆଜି ରୋପିବା ନାରାଦେଇ ପାରଂପାରିକ ଢଙ୍ଗରେ ବୃକ୍ଷରୋପଣ ସ୍ଥାନକୁ ପାଛୋଟି ନେଇଥିଲେ। କବି କାର୍ତ୍ତିକ ସେଠୀ, ଅତୁଲ୍ୟ ସୁନ୍ଦର ଭଞ୍ଜ ବାବୁ, ସୁବ୍ରତ ବଳିଆରସିଂହଙ୍କ ତତ୍ତ୍ୱାବଧାନରେ ସର୍ବକନିଷ୍ଠ ଶିଶୁ ଜଷ୍ଟିନ ସିଂ ପ୍ରଥମେ ବୃକ୍ଷରୋପଣ କରିଥିଲେ। ପରେ ପରେ ୨୫ଟି ଫଳ ଚାରା ବୃନ୍ଦାବତୀ ନାୟକ, ନମ୍ରତା ବାରିକ, ସସ୍ମିତା ଦାସ, ରଞ୍ଜିତା ସିଂ, ସବିତା ମହାନ୍ତି, ମୋନାଲିକା ମାଦୁଲି, ସନ୍ଧ୍ୟାରାଣୀ ସାହୁ, ସଂଗୀତା ବୁଗୁଡ଼େଇ ଓ ଅର୍ଚ୍ଚନା ପାତ୍ର ଦ୍ୱାରା ରୋପଣ କରାଯାଇଥିଲା। ଗୁରୁଜୀ ରଣଜିତ୍ ମହାନ୍ତି, ବେଣୁଧର ବେହେରା, ଶୁଭଜିତ ଶୁଭଙ୍କର ଓ ଗେହ୍ଲିମଣି ବେହେରାଙ୍କ ଦ୍ୱାରା ଏକ ପରିବେଶ ସଚେତନତା ସଭା ଅନୁଷ୍ଠିତ ହୋଇଥିଲା। ପିଲାମାନଙ୍କ ଭିତରେ ବକ୍ତୃତା ଓ ପ୍ରବନ୍ଧ ପ୍ରତିଯୋଗିତା ଅନୁଷ୍ଠିତ ହେବା ସହିତ ଇକୋ କ୍ଲବର ସବୁଜ ସାଥିମାନେ ସାମୁହିକ ଶପଥ ପାଠ କରିଥିଲେ ନିଜ ନିଜ ଜନ୍ମଦିନରେ ଦୁଇଟି ବୃକ୍ଷ ରୋପଣ କରି ତାକୁ ବଞ୍ଚାଇବେ ବୋଲି ଶପଥ ଗ୍ରହଣ କରିଥିଲେ। ଶେଷରେ ପ୍ରିୟଙ୍କା ମହାନ୍ତ ଧନ୍ୟବାଦ ଅର୍ପଣ କରିଥିଲେ।

# ମୟୂରଭଞ୍ଜ କଲେଜ ଅଫ ଆକାଉନଟେନ୍ସି ଆଣ୍ଡ ମ୍ୟାନେଜମେଣ୍ଟରେ ବିଶ୍ୱ ପରିବେଶ ଦିବସ ପାଳିତ




ବାରିପଦା , ୫/୬ (ନି.ପ୍ର): ସ୍ଥାନୀୟ ମହାରାଜପୁରସ୍ଥିତ ମୟୂରଭଞ୍ଜ କଲେଜ ଅଫ ଆକାଉନଟେନ୍ସି ଆଣ୍ଡ ମ୍ୟାନେଜମେଣ୍ଟ ର ଜାତୀୟ ସେବା ଯୋଜନା ଆନୁକୁଲ୍ୟ ରେ ସେବା ଅଧିକାରୀ ମଦନ ମୋହନ ସାହୁ ଙ୍କ ପୌରହିତ୍ୟ ରେ ତଥା ମହାବିଦ୍ୟାଳୟ ର ଅଧକ୍ଷ ପ୍ରଦୀପ କୁମାର ନାୟକ ଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ବିଶ୍ୱ ପରିବେଶ ଦିବସ ପାଳିତ ହୋଇଯାଇଛି। ପରିବେଷ୍ଟନି ଓ ପରିବେଶ ସୁରକ୍ଷା ପାଇଁ ଅନୁକୂଳ ବାତାବରଣ ସୃଷ୍ଟି ଦିଗରେ ଜନଜାଗରଣ ସୃଷ୍ଟି ଏହି ଦିବସ ର ମୂଳ ଲକ୍ଷ୍ୟ ବୋଲି ଦର୍ଶାଇବା ସହିତ ଏହି ଲକ୍ଷ୍ୟ କୁ ପୂରଣ କରିବା ନିମନ୍ତେ ସ୍ୱେଚ୍ଛାସେବୀ ମାନଙ୍କୁ ଉଦ୍ୟମି ହେବା ନିମନ୍ତେ ଅଧକ୍ଷ ଶ୍ରୀ ନାୟକ ପରାମର୍ଶ ଦେଇଥିଲେ। ମହାବିଦ୍ୟାଳୟ ର ଉପାଧକ୍ଷା ସଂଘମିତ୍ରା ରାଉତ ସଭା ରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ପରିବେଶ କୁ ସୁରକ୍ଷା କରିବା ପ୍ରତ୍ୟେକ ବ୍ୟକ୍ତି ଙ୍କ କର୍ତ୍ତବ୍ୟ ହେବା ଉଚିତ୍ ଏବଂ ବିଭିନ୍ନ ସଭା, ଶୋଭାଯାତ୍ରା, ସମ୍ମିଳନୀ, କର୍ମଶାଳା, ଓ ପ୍ରଦର୍ଶନୀ ମାଧ୍ୟମରେ ଜନସଚେତନତା ସୃଷ୍ଟି କରାଯାଇପାରିବ ବୋଲି ନିଜ ବକ୍ତବ୍ୟ ମାଧ୍ୟମରେ ସ୍ୱେଚ୍ଛାସେବୀ ମାନଙ୍କୁ ଉପଦେଶ ଦେଇଥିଲେ। ମହାବିଦ୍ୟାଳୟ ର ଅଧ୍ୟାପିକା ସଂଯୁକ୍ତା ମହାନ୍ତ, ସୁଦେଷ୍ଣା ଭଞ୍ଜବାବୁ, ଅଧ୍ୟାପକ ଆଶିଷ କୁମାର ଦାସ,ଡ. ଠାକୁରା ଚରଣ ମାରାଣ୍ଡି, ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ବିଶ୍ୱ ପରିବେଶ ଦିବସ ପାଳନ କରିବାର ଉଦ୍ଦେଶ୍ୟ କୁ ବ୍ୟକ୍ତ କରିଥିଲେ। ପରିଶେଷରେ ବିଶ୍ୱ ପରିବେଶ ଦିବସ ପାଳନ ଅବସରରେ ମହାବିଦ୍ୟାଳୟ ର ସ୍ୱେଚ୍ଛାସେବୀ ମାନଙ୍କ ଦ୍ୱାରା ମହାବିଦ୍ୟାଳୟ ପରିସର ରେ ବୃକ୍ଷ ରୋପଣ କରାଯାଇଥିଲା।

# ବାଲିଆପାଳ ନୂଆ ବସ ଷ୍ଟାଣ୍ଡରେ ତାଲା ପଡ଼ିଲା



ଲଙ୍ଗଳେଶ୍ୱର , ୫/୬ (ନି.ପ୍ର): ବାଲିଆପାଳ ବ୍ଲକ ନେତାଜୀ ଷ୍ଟାଡିୟମ ନିକଟରେ ଏକ ସରକାରୀ ନୂଆ ବସଷ୍ଟେଣ୍ଡ ନିର୍ମାଣ ହୋଇଥିଲା ।ଏହି ବସଷ୍ଟେଣ୍ଡ ଫେବୃୟାରୀ ୧୫ ତାରିଖରେ ଉଦଘାଟନ କରିଇଯାଇ ଥିଲା ।ଭୁବନେଶ୍ୱରର ଏଲ୍ ଏଣ୍ଡ କେ ନାମକ ଏକ ଠିକାଦାରୀ ସଂସ୍ଥା ସିକ୍ୟୁରୀଟି କର୍ମ ଚାରୀ ନିଯୁକ୍ତି ସକାଶେ ବାଲିଆପାଳର ସରପଂଚଙ୍କ ମାଧ୍ୟମରେ ୫ଜଣ ପିଲାଙ୍କୁ ନିଯୁକ୍ତି ଦେଇଥିଲା ।ଦୀର୍ଘ ୫ମାସ ବିତିଯାଇଥିଲେ ମଧ ଏ ପର୍ଯନ୍ତ ଏମାନଙ୍କୁ ତାଙ୍କର ଦରମା ମିଳିନାହିଁ ।ଏମାନେ ହେଲେ ଏସ କେ ଗୁଲାମ ମଇଉଦ୍ଦିନ, ସନ୍ତୋଷ କୁମାର ସେଠୀ,କମଳା କାନ୍ତ ଦାସ,ଦୀପକ କୁମାର ଜେନା ଓ ଦିଲ୍ଲୀପ କୁମାର ମଲ୍ଲିକ । ଏମାନଙ୍କୁ ନିଯୁକ୍ତି ଦେଲାପରେ ମଧ ପୁଣି ୫ ଜଣ ମହିଳା,୨ଜଣ ପୁରୁଷଙ୍କୁ ନିଯୁକ୍ତି ଦେଇ ଏମାନକୁ ଦରମା ଦେଇଛି ବୋଲି ପୂର୍ବରୁ ନିଯୁକ୍ତି ହୋଇଥିବା ପିଲାମାନେ କହୁଛନ୍ତି । ଏ ନେଇ ପିଲାମାନେ ଗେଟରେ ତାଲା ପକାଇ ଦେଇଛନ୍ତି । ଏ ବିଷୟରେ ବିଡ଼ିଓ ଙ୍କୁ ପଚାରିବାରୁ ସେ କିଛି କହି ପାରିବେନି ବୋଲି କହିଥିଲେ ।ବିଡ଼ିଓ ହେଉଛନ୍ତି ବସଷ୍ଟେଣ୍ଡ କମିଟିର ଚେୟାରମେନ ।ବର୍ତ୍ତମାନ ନିର୍ବାଚନ ପାଇଁ ଯେଉଁ ଆଚରଣ ବିଧି ଲାଗୁ ହୋଇଛି ତା ' ଉଠିଲା ପରେ ଯାହା ହେବ ।ମୋ ପାଖରେ କିଛି ତଥ୍ୟ ନାହିଁ କି ମୁଁ ଏ ମାନଙ୍କୁ ଦରମା ଦେଇ ପାରିବି ନାହିଁ । ଯିଏ ନିଯୁକ୍ତି ଦେଇଛି ସେ ଏ ବିଷୟରେ କହି ପାରିବ ।ତା ସହିତ ଯୋଗା ଯୋଗ ହେଲା ପରେ ଯାହା ହେବ ।ଏ ନେଇ ବ୍ଲକ ବିଡ଼ିଓଙ୍କ ସମ୍ମୁଖରେ ଉତ୍ତେଜନା ହେବାରୁ ଆଇ ଆଇ ସି ଆସି ଏ କଥା ବୁଝା ସୁଝା କରାଯିବ ବୋଲି କହିବା ଫଳରେ ଉତ୍ତେଜନା କମିଥିଲା ।

# ବିଶ୍ୱ ପରିବେଶ ଦିବସରେ ଡ. ରମାକାନ୍ତ ମହାନ୍ତଙ୍କ ତିନୋଟି ପରିବେଶ ସଂଗୀତ ଲୋକାର୍ପିତ



ବେତନଟୀ , ୫/୬ (ନି.ପ୍ର): ବେତନଟୀ ଇକୋ ଫ୍ରେଣ୍ଡସ ମହୁଲିଆ ସ୍କୁଲ ଏବଂ ଏପେକ୍ସ ଫରେଷ୍ଟ ପ୍ରଟେକ୍ସନ କମିଟି ବେତନଟୀର ମିଳିତ ସହଯୋଗରେ ବିଶ୍ୱ ପରିବେଶ ଦିବସ ପାଳନ ଉତ୍ସବ ବିଶିଷ୍ଟ ପରିବେବିତ ଇକୋ କ୍ଲବର ଜିଲ୍ଲା ସଂଯୋଜ ଡ଼କ୍ଟର ରମାକାନ୍ତ ମହାନ୍ତଙ୍କ ସଭାପତିତ୍ୱରେ ମହୁଲିଆ ସରକାରୀ ପ୍ରାଥମିକ ବିଦ୍ୟାଳୟରେ ଅନୁଷ୍ଠିତ ହୋଇ ଯାଇଛି । ଏଥିରେ ମୁଖ୍ୟ ଅତିଥି ଭାବରେ ମୟୁରଭଞ୍ଜ ଜିଲ୍ଲା ସାମ୍ବାଦିକ ସଂଘର ସଭାପତି ଅରୁଣ କୁମାର ଓତା,ବିଶିଷ୍ଟ ଅତିଥି ଭାବରେ ଶ୍ରୀରାମଚନ୍ଦ୍ର ବିଶ୍ୱ ବିଦ୍ୟାଳୟର ଯୋଗ ଓ ପ୍ରାକୃତିକ ଚିକିତ୍ସା ବିଭାଗର ଅଧାପିକା ମାମିନା ମହାନ୍ତ, ସମ୍ମାନିତ ଅତିଥି ଭାବରେ ମା ସବଳା ବିଶ୍ୱ କଲ୍ୟାଣ ସେବା ସମିତିର ସଭାପତି ଅନ୍ନଦା ମହାନ୍ତ, ମୁଖ୍ୟ ବକ୍ତା ଭାବରେ ଅଖିଳ ଭାରତୀୟ ବହୁ ଭାଷୀ ସାହିତ୍ୟ ଅନୁଷ୍ଠାନ 'କବି ସଙ୍ଗମ'ର ସଭାପତି ବାସୁଦେବ ନାପିତ, ସମ୍ମାନିତ ଅତିଥି ଭାବରେ ତାଳପଦା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ରତିକାନ୍ତ ବେହେରା,ଗୌଡ଼ମଣ୍ଡଳୀ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ନିଶା ମଣି ସେଠୀ ଯୋଗଦାନ କରି ବିଶ୍ୱ ପରିବେଶ ଦିବସ ପାଳନର ତାତ୍ପର୍ଯ୍ୟ ବିଷୟରେ ଆଲୋଚନା କରିଥିଲେ । ଏହି ଅବସରରେ ଡ଼କ୍ଟରରମାକାନ୍ତ ମହାନ୍ତଙ୍କ ରଚିତ ସଂଗୀତ ରେ ଝୁମର ରାଣୀ ବିନ୍ଦୁମତୀ ମହାନ୍ତଙ୍କ କଣ୍ଠ ଦାନରେ ତଥା କବି ମନୋଜ କୁମାର ମହାନ୍ତ ଏବଂ ସସ୍ମିତା ଧଳ ମହାନ୍ତଙ୍କ ନିର୍ଦ୍ଦେଶନାରେ 'ନିଶା ନିବାରଣ ତମ୍ୱାଖୁ ବର୍ଜନ', 'ସାଇକେଲ ଟିଏ ଅତି ଉପକାରୀ' ଏବଂ 'ଶିମିଳିପାଳର ସୁରକ୍ଷା ଜୀବଜଗତର ରକ୍ଷା ' ତିନୋଟି ସଂଗୀତକୁ ମୁଖ୍ୟ ଅତିଥି ଉଦଘାଟନ କରି ପରିବେଶ ସଚେତନତା ନିମନ୍ତେ ଗୀତ ଗୁଡିକ ଅତ୍ୟନ୍ତ ଉପାଦେୟ ବୋଲି ମତବ୍ୟକ୍ତ କରିଥିଲେ କ୍ଷଧନ୍ୟବାଦ ଅର୍ପଣ କରିଥିଲେ ମହୁଲିଆ ସରକାରୀ ପ୍ରାଥମିକ ବିଦ୍ୟାଳୟର ଇକୋ କ୍ଲବର ଭାରପ୍ରାପ୍ତ ଶିକ୍ଷୟିତ୍ରୀ ଭାରତୀ ମହାନ୍ତ ।ଏଥିରେ ପ୍ରାକ୍ତନ ଛାତ୍ର ରତିକାନ୍ତ ମହାନ୍ତ, ରେଖା ମହାନ୍ତ, ସୁକାନ୍ତି ମହାନ୍ତ, କୁନ୍ତଳା ମହାନ୍ତ, ମଞ୍ଜୁଳା ମହାନ୍ତ ପ୍ରମୁଖ ସହଯୋଗ କରିଥିଲେ।

## ବିଜେପିରେ ସାମିଲ ହେଲେ ସ୍ୱାଧୀନ ପ୍ରାର୍ଥୀ ହିମାଂଶୁ ଶେଖର ସାହୁ

ଭୁବନେଶ୍ୱର, ୫/୬ (ନି.ପ୍ର): ଧର୍ମଶାଳାରୁ ସ୍ୱାଧୀନ ଭାବେ ଜିତିଥିବା ହିମାଂଶୁ ଶେଖର ସାହୁ ବିଜେପିରେ ସାମିଲ ହୋଇଛନ୍ତି। ଏହାଫଳରେ ବିଜେପିର ବିଧାୟକଙ୍କ ସଂଖ୍ୟା ୭୯କୁ ବୃଦ୍ଧି ପାଇଛି। ଧର୍ମଶାଳା ସ୍ୱାଧୀନ ବିଧାୟକ ହିମାଂଶୁ ଶେଖର ସାହୁଙ୍କ ଘର ବାହୁଡ଼ା। ବିଜେପିରେ ଯୋଗ ଦେବା ପରେ ସେ କହିଛନ୍ତି ଯେ ପ୍ରତିଶ୍ରୁତି ଦେଇଥିଲି ଜିତିବା ପରେ ବିଜେପିରେ ଯୋଗଦେବି। ଆମର ଗୋଟିଏ ଲକ୍ଷ୍ୟ ଦଳିତ , ନିଷ୍କେଷିତ ଓ ଅବହେଳିତଙ୍କ ପାଇଁ କାମ କରିବା। ଏହାସହ ବିଜୁ ଜନତା ଦଳ ଦ୍ୱାରା ଯେତିକି କଳାକାରନାମା ହୋଇଛି ସବୁର ପର୍ଦ୍ଦାଫାସ ହେବ। ଆଗକୁ ଦଳ ଭିତରେ ରହି ସେ କାମ କରିବି। ମୁଁ ବିଜେପିରେ ଥିଲି, ରହିଛି ଓ ରହିବି। ଧର୍ମଶାଳାରେ ମାଫିଆଙ୍କ ସହ ଲଢୁଥିଲି। ଧର୍ମଶାଳାରେ ଧର୍ମର ଲଢେଇ ହୋଇଥିଲା।

❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା
❒ ସଂପାଦିକା : ସୈରିନ୍ଧ୍ରୀ ସାହୁ
Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704
❒ Managing & Executive Editor : Srustidhar Parida
❒ Editor: Sairindhree Sahoo